# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




### ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ର ପ୍ରଥମ ସଂସ୍କରଣ ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

**ଏସିଆ କପ୍ ହକି**


## ଭାରତର ଦ୍ୱିତୀୟ ବିଜୟ




■ **ରାଜଗିର, ୩୧।୮ (ଏଜେନ୍ସି):** ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ପୁଲ୍-ଏ'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ଏହି ଦୁଇଟିଯାକ ଗୋଲ୍ ସେ ପେନାଲ୍ଟି କର୍ଣ୍ଣର ଜରିଆରେ ଦେଇଥିଲେ। ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ସେହି ମ୍ୟାଚରେ ମଧ୍ୟ ହରମନପ୍ରୀତ୍ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ



**୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ବନ୍ଧ: ମୋଦୀ**

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

**ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ**

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେଇଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଆତଙ୍କବାଦର ପ୍ରସଙ୍ଗ ଉଠାଇ ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଏହାର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ୨.୮ ବିଲିୟନ ଲୋକଙ୍କ ହିତରେ। ଏହା କେବଳ ଦୁଇ ଦେଶ ନୁହେଁ; ବରଂ ମାନବତା ପାଇଁ ଉପଯୋଗୀ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସମ୍ବେଦନଶୀଳତା ଆଧାର କରି ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜଭୁତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏଥିପାଇଁ ସୀମାରେ ଶାନ୍ତି ଏବଂ ସ୍ଥିରତା ଜରୁରୀ।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ଖୁସି ଲାଗୁଛି ବୋଲି ଜିନପିଙ୍ଗ କହିଥିଲେ। ଡ୍ରାଗନ (ଚୀନ୍) ଏବଂ ହାତୀ (ଭାରତ) ଏକାଠି ହେବା ଉଚିତ। ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବରଂ ସହଯୋଗୀ। ଏବେ ବନ୍ଧୁତାର ସଠିକ ସମୟ ଆସିଯାଇଛି। ଉଭୟ ଦେଶ ଉତ୍ତମ ପଡୋଶୀ ହେବା ଗୁରୁତ୍ୱପୂର୍ଣ୍ଣ। ପରସ୍ପରର ସଫଳତାରେ ଉଭୟ ଦେଶ ଖୁସି ହେବା ଉଚିତ। ଦୀର୍ଘକାଳୀନ ଏବଂ ରଣନୈତିକ ଦୃଷ୍ଟିରୁ ସମ୍ପର୍କକୁ ମଜବୁତ କରିବାକୁ ହେବ। ବହୁକେନ୍ଦ୍ରିକ ବ୍ୟବସ୍ଥା, ଅନ୍ତର୍ଜାତୀୟ ସଂସ୍ଥାରେ ଗଣତନ୍ତ୍ରକୁ ସଦୃଢ଼ ରଖି ଏସିଆ ଏବଂ ସାରା ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଦୁଇ ଦେଶକୁ ଏକାଠି କାମ କରିବାକୁ ହେବ। ନିଜର ଐତିହାସିକ ଦାୟିତ୍ୱକୁ ନିର୍ବାହ କରିବାକୁ ପଡ଼ିବ।

ମୋଦୀଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହୋଇପାରେ। ୨୦୨୦ର ଗଲୱାନ ସଂଘର୍ଷ ପରେ ପ୍ରଥମ ଥର ପାଇଁ ବାଣିଜ୍ୟକୁ ନେଇ ଅନେକ ନିଷ୍ପତ୍ତି ନେଇଛନ୍ତି। ତେବେ ସୀମା ବିବାଦ ଏବଂ ପାଣି ସମସ୍ୟା ଏବେ ବି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ସୀମାରେ ୨୦୨୦ ଏପ୍ରିଲ ପୂର୍ବର ସ୍ଥିତିକୁ ଫେରିନାହିଁ। ଆର୍ଥିକ ଚାପ ଏବଂ ବୈଶ୍ୱିକ ସ୍ଥିତି ଦୁଇ ଦେଶକୁ ଏକାଠି ହେବାକୁ ବାଧ୍ୟ କରିଛି। ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ହୋଇଥିଲା। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯାଇଥିଲା। ଆଖାପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଥିଲା। ଏହି ବିସ୍ଫୋରଣର ଶବ୍ଦ ୨-୩ କିମି ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁଇଜଣ ଗୁରୁତରଭାବେ ଆହତ ହୋଇଛନ୍ତି ଓ ଏମାନଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ଦୁଇଜଣଙ୍କ ଶରୀର ୭୦ ପ୍ରତିଶତ ଜଳିଯାଇଛି। ପୁଣି କେତେ ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଅନ୍ୟ ୧୦ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ପୁଲିସ ▶ପୃଷ୍ଠା-୭

**ମାଲିକ ଓ ପତ୍ନୀ ମୃତ**

### ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ



**ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି**

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି ।

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

### ଉପହାର ପାଇଁ କଳି

## ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୂ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ



■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ବିଜେଡିର କଟାକ୍ଷ

- ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା
- କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

➡ ପୃଷ୍ଠା-୩

ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ▶ପୃଷ୍ଠା-୭

### ଦାନା ବାନ୍ଧୁଛି ଲଘୁଚାପ

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ▶ପୃଷ୍ଠା-୭

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର



- ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ
- ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ
- କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷ ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସହ ଅନ୍ୟ ରାଜ୍ୟର ବହୁ ସାଂସଦ ଉପସ୍ଥିତ ଥିଲେ। ମାତ୍ର ରାଡାର ବସିବା ନେଇ ଅହେତୁକ ବିଳମ୍ବକୁ ନେଇ ସାଂସଦ ଶ୍ରୀମତୀ ▶ପୃଷ୍ଠା-୭

### ଅନୁଗୋଳ-ତାଳଚେର ମୁଖ୍ୟରାସ୍ତାରେ ସିରିଜ୍ ଦୁର୍ଘଟଣା

## ୧୫ ଜଣଙ୍କ ଉପରେ ମାଡ଼ିଗଲା କାର୍



■ **ତାଳଚେର, ୩୧।୮ (ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ମୁଖ୍ୟ ରାସ୍ତା ବାଇପାସ୍ ଛକରୁ ହାଣ୍ଡିଧୂଆଁ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ବିଭିନ୍ନ ସ୍ଥାନରେ ୧୫ ଜଣଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ପିଛା କରି ଗୋଡ଼ିବନ୍ଧଠାରେ କାରକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣାର ଶିକାର ୧୫ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଳଚେର ମଣ୍ଡାପାଳ ଡାକ୍ତରଖାନା, ସେଣ୍ଟ୍ରାଲ ହସ୍ପିଟାଲ ଓ ଅନ୍ୟ ହସ୍ପଟାଲ ପଠାଇଛନ୍ତି। ପୁଲିସ୍ କାର୍‌କୁ ଜବତ କରି ତାଳଚେର ଟାଉନ ଥାନାକୁ ଆଣିଥିବା ବେଳେ ଚାଳକ ବ୍ରାଉନସୁଗର ସେବନ କିମ୍ବା ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପ୍ରତ୍ୟେକ ଅଞ୍ଚଳରେ ପୁଲିସ୍ ମୁତୟନ ହୋଇଥିବା ବେଳେ ଗହଳି ଭିତରେ କିପରି ଏହି କାର୍ ପଶିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରସାରା ପୁଲିସ୍ ଛାଉଣି ହୋଇଥିବା ବେଳେ କିପରି ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ପୁଲିସ ଅଟକାଇ ପାରିଲା ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।

## ରାମାନନ୍ଦ ସାଗରଙ୍କ ପୁଅ ପ୍ରେମଙ୍କ ପରଲୋକ



ମୁମ୍ବଇ,୩୧।୮ (ଏଜେନ୍ସି): ପ୍ରସିଦ୍ଧ ଟିଭି ସିରିୟଲ ରାମାୟଣର ନିର୍ମାତା ତଥା ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର ରବିବାର ୮୪ ବର୍ଷ ବୟସରେ ପରାଲୋକଗମନ କରିଛନ୍ତି। ଗତକିଛି ଦିନଧରି ସେ ଅସୁସ୍ଥ ଥିଲେ। ତାଙ୍କୁ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପବନ ହଂସ ଶ୍ମଶାନରେ ଅପରାହ୍ଣ ୩ଟାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଭାରତୀୟ ସିନେମା ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ସାଗର ପରିବାର ପରମ୍ପରାକୁ ଆଗେଇ ନେଇଥିଲେ। ଜଣେ ବରିଷ୍ଠ ନିର୍ମାତା ତଥା ସିନେମା ଅଟୋଗ୍ରାଫର ଭାବେ ସେ ସଫଳତା ହାସଲ କରିଥିଲେ। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରେ ସେ ପ୍ରଶିକ୍ଷଣ ନେଇଥିଲେ। ୧୯୬୮ ବ୍ୟାଚ୍‌ର ଛାତ୍ର ପ୍ରେମ ଟିଭି ସିରିୟଲ 'ଅଲିଫ୍ ଲୈଲା' ସମେତ ଏକାଧିକ ଧାର୍ମିକ ସିରିୟଲର ନିର୍ଦ୍ଦେଶନା ଦେଇଥିଲେ ଓ ସେତେବେଳେ ଏଗୁଡିକ ଲୋକପ୍ରିୟତା ହାସଲ କରିଥିଲା।

## କ୍ୟାଣ୍ଟିନରେ ଗୋମାଂସ ନିଷିଦ୍ଧ କଲେ ବ୍ୟାଙ୍କ ମ୍ୟାନେଜର

**କର୍ମଚାରୀଙ୍କ ବିରୋଧ**

କୋଚି,୩୧।୮ (ଏଜେନ୍ସି): କେରଳ ଏର୍ଣ୍ଣାକୁଲମ ଜିଲ୍ଲାର କୋଚି ସହରରେ ଥିବା କାନାଡା ବ୍ୟାଙ୍କର ମ୍ୟାନେଜର କ୍ୟାଣ୍ଟିନ୍‌ରେ ଗୋମାଂସକୁ ନିଷିଦ୍ଧ କରିବାରୁ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ 'ବିଫ୍ ଫେଷ୍ଟିଭାଲ'ର ଆୟୋଜନ କରି ନିଆରା ଢ଼ଙ୍ଗରେ ଏହାର ବିରୋଧ କରିଛନ୍ତି। କର୍ମଚାରୀମାନେ ମ୍ୟାନେଜରଙ୍କ କେବିନ ସାମ୍ନାରେ ଗୋମାଂସ ଓ ପରଟା ଖାଇବା ସହ ପାର୍ଟି କରିଥିଲେ। ଅଗଷ୍ଟ ୨୮ରେ ଏହି ପାର୍ଟିର ଆୟୋଜନ ହୋଇଥିଲା। ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ମୂଳତଃ ବିହାରର ବାସିନ୍ଦା। କିଛି ଦିନ ତଳେ କେରଳରେ ତାଙ୍କର ନିଯୁକ୍ତି ହୋଇଥିଲା। ବ୍ୟାଙ୍କର କ୍ୟାଣ୍ଟିନରେ ବେଳେ ବେଳେ ଗୋମାଂସ ଖାଇବାକୁ ଦିଆଯାଇଥାଏ। କିନ୍ତୁ ମ୍ୟାନେଜର ଗୋମାଂସ ଉପରେ ରୋକ୍ ଲଗାଇଥିଲେ ଓ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗୋମାଂସ ପ୍ରସ୍ତୁତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ ଅଫ୍ ଇଣ୍ଡିଆ (ବିଇଏଫ୍ଆଇ) ନେତୃତ୍ୱରେ କିଛି କର୍ମଚାରୀ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତର ସମ୍ବିଧାନ ଅନୁସାରେ ବିଇଏଫ୍ଆଇ କାର୍ଯ୍ୟକରୁଛି ବୋଲି କହିଛି। କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ ମାମଲା ବୋଲି ଫେଡେରେସନ ତରଫରୁ କୁହାଯାଇଛି।

## ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ନିଆଁ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୯୧୩ (ଏ ୩୨୦ ନିଓ ବିମାନ)କୁ ଦିଲ୍ଲୀ ଫେରାଇ ଅଣାଯାଇଛି। ପାଇଲଟଙ୍କୁ ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଥିବାର ସୂଚନା ମିଳିଥିଲା। ଏହା ପରେ ବିମାନ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ରବିବାର ସକାଳ ୬.୧୫ରେ ୯୦ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଅଧ ଘଣ୍ଟା ପରେ ଇଞ୍ଜିନରେ ନିଆଁ ଲାଗିଥିବା ସୁଚନା ପାଇଲଟଙ୍କୁ ମିଳିଥିଲା। ସେ ନିୟମ ଅନୁସାରେ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ଏହାପରେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ୯୦ ଯାତ୍ରୀ ସୁରକ୍ଷିତ ଥିଲେ। ବିମାନର ଗ୍ରାଉଣ୍ଡ ଇନିସ୍ପେକସନ କରାଯିବ ବୋଲି ଏୟାରଲାଇନ୍ସ ତରଫରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

## ଇଣ୍ଡୋନେସିଆରେ ସାଂସଦଙ୍କ ଦରମା ବୃଦ୍ଧିକୁ ବିରୋଧ

# ସାରା ଦେଶରେ ହିଂସା; ଜାଳିଦେଲେ ସଂସଦ

ଜାକାର୍ତ୍ତା, ୩୧।୮ (ଏଜେନ୍ସି):



ସାଂସଦଙ୍କ ଦରମା ବୃଦ୍ଧିକୁ ନେଇ ଇଣ୍ଡୋନେସିଆ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଜାକାର୍ତ୍ତା ସମେତ ଦେଶର ଅନେକ ଭାଗରେ ଭୟାବହ ହିଂସା ହୋଇଛି। ସରକାରଙ୍କ ଏକପାଖିଆ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନେକ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ମକସାର ସହରରେ ଥିବା ପ୍ରାଦେଶିକ ସାଂସଦରେ ନିଆଁ ଲଗାଇ ଦେବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭ ଦମନ କରିବାକୁ ଆସିଥିବା ପୁଲିସ ସହ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭକାରୀ ପୁଲିସ ଗାଡ଼ିକୁ ପଲଟାଇ ଦେଇଛନ୍ତି। ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଛି। ଏହା ସତ୍ତ୍ୱେ ବି ଲୋକେ ଅଟକି ନ ଥିଲେ। ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ବସ୍ ଷ୍ଟାଣ୍ଡକୁ ଲୋକେ ଜାଳି ଦେଇଛନ୍ତି। ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବା ପାଇଁ ପୁଲିସ ସାଧାରଣ ନାଗରିକଙ୍କୁ କହିଛି। ରାତିରେ ପାଟ୍ରୋଲିଂକୁ କଡ଼ା କରିଛି। ବିଭିନ୍ନ ସହରରେ ବାଇକ୍ ପାଟ୍ରୋଲିଂ କରୁଛି। ଏହା ସତ୍ତ୍ୱେ ଶୁକ୍ରବାରଠାରୁ ବିକ୍ଷୋଭ ଜାରି ରହିଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କଠାରୁ ନେଇ ଟ୍ୟାକ୍ସି ଡ୍ରାଇଭର, ଚାକିରିଆ, ଶ୍ରମିକ ଆଦି ସାମିଲ ଅଛନ୍ତି। ସ୍ଥିତିକୁ ଦେଖି ରାଷ୍ଟ୍ରପତି ପ୍ରବୋୱେ ସୁବିଆଣ୍ଟୋ ନିଜ ଚୀନ୍ ଗସ୍ତକୁ ରଦ୍ଦ କରିଦେଇଛନ୍ତି। ସେ ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ସାମିଲ ହେବାର ଥିଲା। ବର୍ଷେରୁ କମ୍ ସମୟ ହେବ କ୍ଷମତା ସମ୍ଭାଳିଥିବା ପୂର୍ବତନ ଜେନେରାଲ ପ୍ରବୋୱୋଙ୍କ ପାଇଁ ଏହା କାଠିକାର ପାଲଟି ଯାଇଛି।

ସରକାର ମାସିକ ଭତ୍ତା ବାବଦକୁ ସାଂସଦଙ୍କୁ ୩,୦୫୭ ଡଲାର ତଥା ୨.୬୯ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହା ଜାକାର୍ତ୍ତାର ସର୍ବନିମ୍ନ ଦରମାଠାରୁ ୧୦ ଗୁଣ ଅଧିକ। ତେଣୁ ଲୋକେ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ। ସେମାନେ ଚାହୁଁଛନ୍ତି ଯେ ସରକାର ଆଉଟସୋର୍ସିଂ ବନ୍ଦ କରି ଦରମା ବଢ଼ାନ୍ତୁ, ନିଯୁକ୍ତି ହ୍ରାସ କରିବା ବନ୍ଦ କରାଯାଉ ଏବଂ ଟିକସ ନିୟମରେ ସୁଧାର ହେଉ। ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଇ ଚାଲିଛି। ବେକାରୀ ହାର ବଢ଼ିବାରେ ଲାଗିଛି। ଏଥିପାଇଁ ସାଧାରଣ ଲୋକଙ୍କ ଜୀବନ କଷ୍ଟସାଧ୍ୟ ହୋଇଯାଇଛି। ଏପରି ସମୟରେ ଦରମା ବୃଦ୍ଧି ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଲୋକେ ସହ୍ୟ କରିପାରି ନ ଥିଲେ। ସରକାରୀ ଅଧିକାରୀ ଏବଂ ତାଙ୍କୁ ମିଳୁଥିବା ସୁବିଧା ବିରୋଧରେ ଜୋରଦାର ବିକ୍ଷୋଭ ଆରମ୍ଭ କରିଥିବାବେଳେ ମୋଟରସାଇକେଲ ଟ୍ୟାକ୍ସି ଚାଳକଙ୍କୁ ପୁଲିସ ଗାଡ଼ି ଚାପି ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇ ଯାଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

### ଟ୍ୟାକ୍ସି ଚାଳକଙ୍କ ମୃତ୍ୟୁ ପରେ ବିଗିଡ଼ିଲା ସ୍ଥିତି

### ଚୀନ୍ ଗସ୍ତ ରଦ୍ଦକଲେ ରାଷ୍ଟ୍ରପତି ପ୍ରବୋୱୋ

ଡ୍ରାଇଭରଙ୍କ ମୃତ୍ୟୁ ମାମଲାରେ ୭ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବାଲି ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଇଷ୍ଟ ଜାଭା ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଧାରଣା ଦେଉଛନ୍ତି। ଏହାକୁ ଦେଖି ଟିକ୍‌ଟକ୍ ନିଜର ଲାଇଭ୍ ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି। ଏହା ମଧ୍ୟରେ ରାଷ୍ଟ୍ରପତି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ଡ୍ରାଇଭରଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି।

ଇଣ୍ଡୋନେସିଆର ଆଇନ ସହାୟତା ସଂସ୍ଥା (ୱାଇଏଲବିଏଚଆଇ) ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପୁଲିସ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗିରଫ କରି ହେପାଜତରେ ରଖିଛି। ପୁଲିସ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ସଂଗଠନ ଅଭିଯୋଗ କରିଛି। ଗୋଳାବାରୁଦ ଚଳାଇ ଜୀବନ ନେଉଛି।


## କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପଞ୍ଜାବରେ ବନ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ତେଣୁ ଏହାର କ୍ଷତିପୂରଣ ବାବଦକୁ ପ୍ରଧାନମନ୍ତ୍ରୀଙ୍କୁ ୬୦, ୦୦୦ କୋଟି ଟଙ୍କାର ପାଣ୍ଠି ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ। ଏ ନେଇ ସେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବନ୍ୟା ଯୋଗୁ ୧,୦୦୦ ଗାଁ ଓ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରବଳ ବର୍ଷା କାରଣରୁ ସତଲେଜ, ବିଜ୍ ଓ ରାବି ନଦୀର ଜଳପତନ ବୃଦ୍ଧି ପାଇଛି। ଭୀଷଣ ବର୍ଷା ଯୋଗୁଁ ପଞ୍ଜାବର ୭ଟି ଜିଲ୍ଲାରେ ପ୍ରବଳ ବନ୍ୟା ଆସିଛି। ୩ ଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

## ହମାସ ମୁଖପାତ୍ର ଅବୁ ନିହତ

ତେଲ ଅଭିଭ,୩୧।୮ (ଏଜେନ୍ସି): ଇସ୍ରାଏଲ୍ ଶନିବାର ମଧ୍ୟଗାଜା ଉପରେ ଆକ୍ରମଣ କରିଛି। ଏଥିରେ ହମାସର ସାମରିକ ବିଭାଗ ମୁଖପାତ୍ର ଅବୁ ଓବେଇଡା ନିହତ ହୋଇଛି ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଓବେଇଡା ଥିବା ଆପାର୍ଟମେଣ୍ଟ ଉପରେ ଆକ୍ରମଣ କରାଯାଇଥିଲା । ସେଠାରେ ରହୁଥିବା ଅନ୍ୟ ଲୋକ ଓ ପରିବାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ହମାସ ମଧ୍ୟ ଇତିମଧ୍ୟରେ ଓବେଇଡାଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛି।

## କାନାଡ଼ାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ୍ ମାନକ୍‌ଙ୍କ ଅବସର



ଭିକ୍ଟୋରିଆ, ୩୧।୮ (ଏଜେନ୍ସି): କାନାଡାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ ମାନେକ୍ ଦୀର୍ଘ ବର୍ଷର ଚାକରି ପରେ ଅବସର ଗ୍ରହଣ କରିଛନ୍ତି। ସେ ଭାଙ୍କୋଭର ପୁଲିସ ବିଭାଗ (ଭିପିଡି)ରେ ୩୫ ବର୍ଷଧରି ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ୨୦୧୭ରେ ଭିକ୍ଟୋରିଆ ପୁଲିସ ମୁଖ୍ୟ ଭାବେ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୧୬୮ ବର୍ଷ ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ପୁଲିସ ବିଭାଗର ନେତୃତ୍ୱ ନେଇଥିଲେ। ଚାକିରିର ଅନ୍ତିମ ଦିବସରେ ସେ ନିଜେ ଗାଡ଼ି ଚଳାଇ ଭିକ୍ଟୋରିଆ ପୁଲିସ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସେ ନ୍ୟୁୟର୍କ ଆଇଲାଣ୍ଡର୍ସ ହକି ଟିମ୍‌ର ଥିମ୍ ଲାଗିଥିବା ଏକ ବିଏମ୍‌ଡବ୍ଲ୍ୟୁ କନଭେର୍ଟିବଲ୍‌ରେ କାର୍ଯ୍ୟାଳୟ ଛାଡିଥିଲେ।

## ବୁଲା କୁକୁର ରାୟ ମୋତେ ବିଶ୍ୱରେ ପ୍ରସିଦ୍ଧ କଲା: ଜଷ୍ଟିସ ବିକ୍ରମ ନାଥ

ତିରୁଅନନ୍ତପରମ, ୩୧।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଆଇନ ଜଗତରେ କାର୍ଯ୍ୟ କରି ଆସୁଛି। ଛୋଟମୋଟ କାର୍ଯ୍ୟ ପାଇଁ ପରିଚିତି ଥିଲି। କିନ୍ତୁ ବୁଲା କୁକୁର ଉପରେ ଦେଇଥିବା ରାୟ କେବଳ ଦେଶରେ ନୁହେଁ, ବିଦେଶରେ ବି ମୋତେ ପ୍ରସିଦ୍ଧ କରାଇ ଥିଲା ବୋଲି ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ କହିଛନ୍ତି। ସେ ଏଥିପାଇଁ ବୁଲା କୁକୁରଙ୍କୁ କୃତଜ୍ଞତା ଦେଇଛନ୍ତି। ବିଚାର ପାଇଁ ଏହି ମାମଲା ଦେଇଥିବାରୁ ସେ ଭାରତର ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଛନ୍ତି। ତିରୁଅନନ୍ତପୁରମରେ ନ୍ୟାସନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ପକ୍ଷରୁ ମନୁଷ୍ୟ ଏବଂ ବନ୍ୟଜନ୍ତୁ ସଂଘର୍ଷ ଉପରେ ଆୟୋଜିତ ଆଞ୍ଚଳିକ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ନାଥ ଏହି ଟିପ୍ପଣୀ ଦେଇଛନ୍ତି।

## କୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ବହୁତ୍ କମ୍: ଓକିଲ ସଂଘ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ସୁପ୍ରିମକୋର୍ଟ ଓକିଲ ସଂଘ (ଏସ୍‌ସିବିଏ) ପକ୍ଷରୁ ଶନିବାର ଏକ ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ଦେଶର ଅଦାଲତ ଗୁଡିକରେ ମହିଳାଙ୍କ ସଂଖ୍ୟା ବହୁତ୍ କମ୍ ଥିବାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସୁପ୍ରିମକୋର୍ଟରେ ଜଷ୍ଟିସ ଆଲୋକ ଅରାଧେ ଏବଂ ବିପୁଳ ଏମ ପଞ୍ଚୋଲିଙ୍କ ନିଯୁକ୍ତି ପରେ ଓକିଲ ସଂଘ ଏଭଳି ପ୍ରସ୍ତାବ ପାରିତ କରିଛି। ଏହା ପୂର୍ବରୁ ଜଷ୍ଟିସ ପଞ୍ଚୋଲିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବିଚାରପତି ବି ଭି ନାଗରତ୍ନା ବିରୋଧ କରିଥିଲେ। ସୂଚନା ଅନୁଯାୟୀ ହାଇକୋର୍ଟ ଗୁଡିକରେ ୧୧୦୦ ବିଚାରପତି ପଦ ରହିଛି। ଏଥିରୁ ୬୭୦ ପଦରେ ପୁରୁଷ ଥିବାବେଳେ ମାତ୍ର ୧୦୩ ପଦରେ ମହିଳା ରହିଛନ୍ତି। ଉତ୍ତରାଖଣ୍ଡ, ମେଘାଳୟ, ତ୍ରିପୁରା ଏବଂ ମଣିପୁର ହାଇକୋର୍ଟରେ ଜଣେ ହେଲେ ବି ମହିଳା ବିଚାରପତି ନାହାନ୍ତି।

■ ବାୟୁସେନାକୁ ମିଳିବ ୨ ତେଜସ୍ ମାର୍କ-୧ଏ


## ହାଲ୍‌ଠାରୁ କିଣାଯିବ ୯୭ ଲଢୁଆ ବିମାନ



ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାକୁ ଦୁଇଟି ଲଢୁଆ ତେଜସ୍ ମାର୍କ-୧ଏ ମିଳିବ। ପ୍ରତିରକ୍ଷା ସଚିବ ଆରକେ ସିଂ ଏ ନେଇ ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଏହି ଦୁଇଟି ବିମାନ ଦେବ। ଏହି ବିମାନରେ ଅସ୍ତ୍ରଶସ୍ତ୍ର ଯୋଡି ହୋଇ ରହିବ। ଖୁବଶୀଘ୍ର ତେଜସ୍ ବିମାନ ମିଗ୍-୨୧ ବିମାନର ସ୍ଥାନ ନେବ। ପୁଣି ସରକାର ହାଲ୍ ସହିତ ଏକ ନୂଆ ଚୁକ୍ତି କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଅନୁସାରେ ହାଲ୍‌ଠାରୁ ୯୭ଟି ତେଜସ ବିମାନ କ୍ରୟ କରାଯିବ ଓ ଏଥିପାଇଁ ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୩୮ଟି ତେଜସ୍ ଲଢୁଆ ବିମାନ ଭାରତୀୟ ବାୟୁସେନାରେ ନିୟୋଜିତ ହୋଇଛି। ପୂର୍ବରୁ ୨୦୨୧ରେ ସରକାର ୮୩ଟି ତେଜସ ମାର୍କ-୧ଏ କ୍ରୟ କରିବାକୁ ୪୮,୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। କିନ୍ତୁ ଆମେରିକୀୟ ଇଞ୍ଜିନ ପ୍ରାପ୍ତ ହେବାରେ ବିଳମ୍ବ ହେବା କାରଣରୁ ଏହି ବିମାନ ଏପର୍ଯ୍ୟନ୍ତ ବାୟୁସେନାକୁ ମିଳିନାହିଁ। କିନ୍ତୁ ଏବେ ୨୦୨୮ ବେଳକୁ ହାଲ୍ ସବୁ ବିମାନ ବାୟୁସେନାକୁ ଦେବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୯ରେ କେନ୍ଦ୍ର ସରକାର ୬୨,୦୦୦ କୋଟି ଟଙ୍କା ବିନିମୟରେ ୯୭ଟି ଏଲ୍‌ସିଏ ମାର୍କ-୧ଏ ଜେଟ୍ ହାଲ ସହ ଚୁକ୍ତି କରିଥିଲା। ଏଲ୍‌ସିଏ ମାର୍କ-୧ଏ ବିମାନ ତେଜସର ଉନ୍ନତ ସଂସ୍କରଣ ବିବେଚିତ ହେଉଛି। ଏଥିରେ ଅତ୍ୟାଧୁନିକ ଆଭିଓନିକ୍ସ ଓ ରାଡାର ସିଷ୍ଟମ ରହିଛି।

## ପାକିସ୍ତାନ ପଞ୍ଜାବରେ ଇତିହାସର ସବୁଠୁ ବଡ଼ ବନ୍ୟା

## ୩୩ ମୃତ; ୭ ଲକ୍ଷ ଲୋକ ସ୍ଥାନାନ୍ତର, ୨୦ ଲକ୍ଷ ପ୍ରଭାବିତ



ଲାହୋର,୩୧।୮ (ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶ ରେ ସବୁଠାରୁ ବଡ଼ ବନ୍ୟା ଆସିଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଐତିହାସିକ ସହର ଲାହୋରରେ ଭିତରେ ମଧ୍ୟ ପାଣି ପଶି ଯାଇଛି। ଫଳରେ ସାରା ପ୍ରଦେଶରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା କାରଣରୁ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୨,୨୨୦ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ ୨୦ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ବୋଲି ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି। ପ୍ରଥମଥର ପାଇଁ ସତଲେଜ, ଚେନାବ ଓ ରାବି ନଦୀରେ ଏକା ସମୟରେ ବଡ଼ ବନ୍ୟା ଆସିଛି। ଏହି ୩ଟି ନଦୀର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ପଞ୍ଜାବ ପ୍ରଦେଶରେ କେବଳ ୧୫ କୋଟି ଲୋକ ରୁହନ୍ତି ଓ ଏହି ପ୍ରଦେଶରେ ପାକିସ୍ତାନର ସର୍ବାଧିକ ଚାଷଜମି ରହିଛି। ପଞ୍ଜାବରେ ସବୁଠାରୁ ଅଧିକ ଗହମ ଉତ୍ପାଦନ ହୋଇଥାଏ। ୨୦୨୨ରେ ମଧ୍ୟ ପଞ୍ଜାବରେ ଭୟଙ୍କର ବନ୍ୟା ଆସିଥିଲା। ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୨୭ ମଧ୍ୟରେ ରାଜ୍ୟରେ ୨୬.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୁଣି ଜୁନ ୨୬ ପରଠାରୁ ପାକିସ୍ତାନରେ ବର୍ଷାଜନିତ ଘଟଣା ଯୋଗୁ ଏପର୍ଯ୍ୟନ୍ତ ମୋଟ୍ ୮୪୯ ଲୋକ ମୃତ୍ୟୁବରଣ କଲେଣି। ୧,୧୩୦ ଜଣ ମଧ୍ୟ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି।

**ଭାରତରେ ଶିକ୍ଷା ମହଙ୍ଗା**


## ପ୍ରଥମ ଶ୍ରେଣୀ 'ଟ୍ୟୁସନ ଫି' ୭.୩୫ ଲକ୍ଷ

### ନାମଲେଖାଇବା ପାଇଁ ଦେବାକୁ ପଡୁଛି ଲକ୍ଷେ ଟଙ୍କା

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି):

ଭାରତରେ ଶିକ୍ଷା ମହଙ୍ଗା ହେବାରେ ଲାଗିଛି। ଘରୋଇ ବିଦ୍ୟାଳୟରେ ଦେୟ ସାରା ବିଶ୍ୱରେ ସର୍ବାଧିକ ରହିଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ଚାଲିଛି। ଏହି ଅନୁପାତରେ ମହଙ୍ଗା ଶିକ୍ଷାରେ ଭାରତ ସବୁଠୁ ଆଗରେ ରହିଛି। ନ୍ୟୁୟର୍କ, ଦୁବାଇ, ଲଣ୍ଡନ ଭଳି ସହରଠାରୁ ମୁମ୍ବଇ, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ପଢା ଖର୍ଚ୍ଚ ଢେର ଅଧିକ ରହିଛି। ଏହା ଅଭିଭାବକଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ବେଙ୍ଗାଲୁରୁରୁ ଏହାର ପ୍ରକୃଷ୍ଟ ଉଦାହରଣ ସାମ୍ନାକୁ ଆସିଛି। ଏକ ପ୍ରସିଦ୍ଧ ସ୍କୁଲର ଟ୍ୟୁସନ ଫି ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ଦେଶରେ ଘରୋଇ ସ୍କୁଲର ଶୋଷଣକୁ ନେଇ ଚର୍ଚ୍ଚାକୁ ଜୋରଦାର କରିଛି। ସୂଚନା ଅନୁଯାୟୀ ପ୍ରଥମ ଶ୍ରେଣୀ (ଆଇବି ପିୱାଇପି) ପାଇଁ ନିଭ୍ ଏକାଡେମିର ବାର୍ଷିକ 'ଟ୍ୟୁସନ ଫି' ୭.୩୫ ଲକ୍ଷ ଟଙ୍କା ରହିଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଦେୟ ସମାନ ରହିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଟ୍ୟୁସନ ଫି ୭ ଲକ୍ଷ ୭୫ ହଜାର, ନବମ ଓ ଦଶମ ଶ୍ରେଣୀର ୮ ଲକ୍ଷ ୫୦ ହଜାର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧୧ ଲକ୍ଷ ଟଙ୍କା ଦେୟ ରହିଛି। ଖାଲି ସେତିକି ନୁହେଁ, ନାମଲେଖା ଦେୟ ଲକ୍ଷେ ଟଙ୍କା ରହିଛି। ଏହାକୁ କୌଣସି ସ୍ଥିତିରେ ବି ଫେରାଯିବ ନାହିଁ ବୋଲି କୁହାଯାଇଛି।

ଟ୍ୟୁସନ ଫିରେ ପରିବହନ, ପୁସ୍ତକ, ୟୁନିଫର୍ମ କିମ୍ବା



neev ACADEMY

Annual Fee Schedule for Academic Year 2025-26

| Joining Fees | Amount (INR) |
| --- | --- |
| Application Form Charges (Payable at the time of submission of online application) | 1000/- |
| Admission Fees (One time, Non-refundable fee for the acceptance of enrolment) | 1,00,000/- |

ANNUAL FEE DETAILS AY 2025-26

| Programme | Annual Education Fee (INR) | Fee Payable Per Term (INR) |
| --- | --- | --- |
| Primary Years Programme (IB PYP) – Grades 1 to 5 | 7,35,000/- | 3,67,500/- |
| Middle Years Programme (IB MYP) – Grades 6 to 8 | 7,75,000/- | 3,87,500/- |
| Middle Years Programme (IB MYP) – Grades 9 and 10 | 8,50,000/- | 4,25,000/- |
| ICSE – Grades 6 to 10 | 5,14,000/- | 2,57,000/- |
| IBDP – Grades 11 and 12* | 11,00,000/- | 5,50,000/- |

ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ଭଳି ଅତିରିକ୍ତ ଖର୍ଚ୍ଚ ସାମିଲ ନାହିଁ। ଏ ସବୁ ମିସାଇଲା ପରେ ପ୍ରଥମ ଶ୍ରେଣୀ ପିଲାର ମୋଟ ବାର୍ଷିକ ଖର୍ଚ୍ଚ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହାକୁ ନେଇ ଆର୍ଥିକ ନୀତି ନିର୍ଦ୍ଧାରକ ଡି ମୁଥୁକ୍ରିଷ୍ଣନ ଏହି ସ୍କୁଲର ଦେୟ ତାଲିକା ସେୟାର କରି କହିଛନ୍ତି ଯେ ଏହା ଏକ ମୁକ୍ତ ବଜାର। ବ୍ୟକ୍ତିବିଶେଷଙ୍କ ଏହାର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାହକ କ'ଣ ଚାହୁଁଛନ୍ତି ତାହା ବାଛିବା ସେମାନଙ୍କର ପସନ୍ଦ। ଏଠାରେ ମଧ୍ୟ ସବୁକିଛି ଠିକ୍ ରହିଛି। ବେଙ୍ଗାଲୁରୁର ଏକ ଭଲ ବିଦ୍ୟାଳୟର ଏଭଳି ଦେୟ ନେଉଛି। ଅନେକ ଏଭଳି ଦେୟ ଦେଇପାରିବେ ନାହିଁ। ବର୍ଷକୁ ୫୦ ଲକ୍ଷ ଟଙ୍କା ଆୟ କରୁଥିବା ଆଇଟି ଦମ୍ପତି ମଧ୍ୟ ନିଜର ଦୁଇ ପିଲାଙ୍କୁ ଏହି ସ୍କୁଲରେ ପଢାଇବାକୁ ଉଚିତ ମଣିବେ ନାହିଁ। ଭାରତ ହେଉଛି ମନମୁଖୀ ନିଷ୍ପତ୍ତି ନେଉଥିବା ଲୋକଙ୍କ ଦେଶ।

କିଛି ଲୋକେ କହିଛନ୍ତି ଯେ ଭାରତରେ ଘରୋଇ ସ୍କୁଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସ୍କୁଲଗୁଡିକ ନିଜ ମନଇଚ୍ଛା ଦେୟ ଆଦାୟ କରିଚାଲିଛନ୍ତି। ଯେତିକି ଟଙ୍କା ଲୋକଙ୍କଠୁ ନେଉଛନ୍ତି ସେହି ତୁଳନାରେ ଶିକ୍ଷକ, କର୍ମଚାରୀମାନଙ୍କୁ ଦରମା ଦେଉନାହାନ୍ତି। ପରିଚାଳକଙ୍କ ପାଖକୁ ଏଥିରୁ ସିଂହଭାଗ ଅର୍ଥ ଯାଉଛି। ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକେ ନିଜ ପିଲାଙ୍କୁ ବି ଏଭଳି ସ୍କୁଲରେ ପଢ଼ାଇପାରିବେ ନାହିଁ। ଧନୀଶ୍ରେଣୀର ପିଲାଙ୍କ ପାଇଁ ଏହା ସାଧାରଣ କଥା।

**ମନ୍ କି ବାତ୍‌ର ୧୨୫ତମ ସଂସ୍କରଣ**

## ପ୍ରାକୃତିକ ବିପର୍ଯ୍ୟୟ ଆମ ପରୀକ୍ଷା ନେଉଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜଣାଶୁଣା ରେଡିଓ ଶୋ 'ମନ୍ କି ବାତ୍'ର ୧୨୫ ତମ ସଂସ୍କରଣରେ ସାରା ଦେଶକୁ ରବିବାର ସମ୍ବୋଧିତ କରିଛନ୍ତି। ଏଥିରେ ସେ ପ୍ରାକୃତିକ ବିପର୍ଯ୍ୟୟ, ଖେଳ- ଖେଳାଳି, ନୂତନତା, ଶିକ୍ଷା, ଭୋକାଲ ଫର ଲୋକାଲ ନେଇ ବିଚାର ବ୍ୟକ୍ତ କରିଥିଲେ। ମୌସୁମୀ ବର୍ଷା ଜନିତ ପ୍ରାକୃତ ବିପର୍ଯ୍ୟୟ ଆମର ପରୀକ୍ଷା ନେଉଛି ବୋଲି ସେ କହିଥିଲେ। ଗତ କେତେ ସପ୍ତାହରେ ଆମେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ପାଇଛୁ। ଏଥିରେ ବହୁ ଧନଜୀବନ ହାନୀ ହୋଇଛି ଓ ଏଥିରେ ଆମେ ସମସ୍ତେ ଦୁଃଖିତ ବୋଲି ସେ କହିଥିଲେ। ସେହିପରି ୟୁପିଏସ୍‌ସିର ଚୂଡାନ୍ତ ତାଲିକାରେ ବହୁ ପ୍ରାର୍ଥୀ ସ୍ଥାନ ପାଇପାରୁନାହାନ୍ତି। ସେମାନେ ଡିଜିଟାଲ ଆପ୍ ପ୍ଲାଟଫର୍ମ 'ପ୍ରତିଭା ସେତୁ' ଦ୍ୱାରା ଲାଭବାନ ହୋଇପାରିବେ। ଦେଶର ବଡ଼ବଡ଼ କମ୍ପାନୀରେ ସେମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ସେପ୍ଟେମ୍ବରରେ 'ହାଇଦରାବାଦ ଲିବରେସନ ଡେ' ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଦେଶ ହାସଲ କରିଥିବା ସବୁ ଉପଲବ୍ଧି ବିଷୟରେ ସେ ମତ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଥିବା ଲୋକଙ୍କ ବିଷୟରେ ମଧ୍ୟ ମୋଦୀ ଉଲ୍ଲେଖ କରିଥିଲେ। 'ମନ କି ବାତ' ୨୨ଟି ଭାଷାରେ ପ୍ରସାରିତ ହେଉଛି। ୨୩ କୋଟି ଲୋକ ଏହାକୁ ନିୟମିତ ଭାବେ ଶୁଣୁଛନ୍ତି।

# ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍ ଗୁରୁତର

କଟକ, ୩୧।୮ (ସମିସ): ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର୍ ଗୁରୁତର ହୋଇ ସିଡିଏ ସେକ୍ଟର-୬ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

**■ ଆଇସିୟୁରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର**
**■ ଚିକିତ୍ସାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍**

ଆଜି ପୂର୍ବାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ୪ ଦିନ ତଳେ ଡିହାଇଡ୍ରେସନ୍ ଯୋଗୁଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଆଜି ହଠାତ୍ ତାଙ୍କ ଶରୀରରୁ ସୋଡିୟମ୍ ଏବଂ ପୋଟାସିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଶେଷ ସୂଚନାନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ହସ୍ପିଟାଲ୍‌ରେ ଶ୍ରୀ ମଜୁମଦାର୍‌ଙ୍କୁ ଭେଟିଥିବା ଅଭିନେତା ତଥା ବିଜେପି ନେତା ଶ୍ରୀତମ ଦାସ କହିଛନ୍ତି ଯେ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କର ବିଭିନ୍ନ ପରୀକ୍ଷା କରାଯାଉଛି। ସମସ୍ତ ରିପୋର୍ଟ ଡାକ୍ତରଙ୍କ ହସ୍ତଗତ ହୋଇନାହିଁ। ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବେ ବୋଲି କହିଛନ୍ତି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ଅଭିଜ୍ଞ ଡାକ୍ତରୀ ଟିମ୍ ଆଇସିୟୁରେ ତାଙ୍କର ଚିକିତ୍ସା କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ବାହାରେ ଓଲିଉଡ୍‌ର ଅନେକ କଳାକାର ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

**■ ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ ଘଟଣା**

# ତିନିଦିନ ପରେ ମୃତଦେହ ଉଦ୍ଧାର

ପାଲଲହଡ଼ା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଥିବା ବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ଲିପୁନ୍ ବେହେରା। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁରର ଗିରିଧାରୀ ପଲେଇ ସାଙ୍ଗହୋଇ ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନେ ଗାଧୋଇବା ବେଳେ ଲିପୁନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବାଂଶପାଳ ଅଗ୍ନିଶମବାହିନୀ ଓ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଓ ରବିବାର ଖୋଜାଖୋଜି ଜାରି ରହିଥିଲା। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରବିବାର ତୃତୀୟ ଦିନରେ ଲିପୁନଙ୍କ ମୃତଦେହ ଉଦ୍ଧାର ହୋଇଛି।

**ମୂଳଚାଲ ବେଳେ ମାଡ଼ି ବସିଲା ବନ ବିଭାଗ**

# ବାଘଛାଲ ଜବତ, ୭ ଗିରଫ

ଭଞ୍ଜନଗର, ୩୧।୮ (ସମିସ): ବାଘଛାଲ ପୂଜା ପାଇଁ ପ୍ରସ୍ତୁତି ସରିଥିଲା। ପୂଜା ସରିବା ପରେ ବେପାରୀଙ୍କ ହାତକୁ ଟେକି ଦିଆଯାଇଥା'ନ୍ତା। ସେପଟ ବାଘ ଛାଲକୁ କେମିତି ଚାଲାଣ ହେବ, କାହାକୁ ବିକ୍ରି ହେବ, ସେନେଇ ଆଉ କିଛି ମାଫିଆ ଏକ ଲଜ୍‌ରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ହେଲେ ତା'ପୂର୍ବରୁ ବନ ବିଭାଗ ସବୁ ବିଗାଡ଼ି ଦେଲା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନ ବିଭାଗକୁ ରବିବାର ମିଳିଛି ବଡ଼ ସଫଳତା। ସାଦା ପୋଷାକରେ ଛକି ରହିଥିବା ବନକର୍ମଚାରୀ ଅତର୍କିତ ଚଢ଼ଉ କରି ଗୋଟିଏ ଗୁଳିବିଦ୍ଧ କଲରାପତରିଆ ବାଘ ଛାଲ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ୩ଜଣ ରହିଥିବା ବେଳେ ଗଂଜାମ ଜିଲ୍ଲାର ୪ଜଣ ରହିଛନ୍ତି। ସେମାନେ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ର ପ୍ରଧାନ, ପଣ୍ଡଖାରୀ ଗାଁର ସୁଶାନ୍ତ ଡାକୁଆ, ଗୁଣ୍ଡୁରିବାଡ଼ି ଗାଁର ଲକ୍ଷ୍ମଣ ପ୍ରଧାନ, ପୁରୁଷୋତ୍ତମପୁର ଥାନା ଅଞ୍ଚଳର ତ୍ରିନାଥ ବିଶ୍ୱାଳ ଏବଂ ଗଜପତି ଜିଲ୍ଲାର ବିପିନ ପ୍ରଧାନ, କ୍ଷେତ୍ରୀୟ ପ୍ରାଧାନ ଏବଂ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ଜାନି। ଖଲି ଏ ପୂରା ରାକେଟ୍‌ର ମୁଖ୍ୟ କାର୍ପଟଦାର ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।



ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରାୟ ୧୫/୨୦ଦିନ ମଧ୍ୟରେ ଉକ୍ତ କଲରାପତରିଆ ବାଘକୁ ଗୁଳି କରି ଶିକାର କରାଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅଞ୍ଚଳରୁ ବାଘକୁ ଶିକାର କରାଯାଇଛି, ତାହା ସ୍ପଷ୍ଟ ହୋଇନି। ଘଟଣାର ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ତଦନ୍ତ ପରେ ଏହି ଅନ୍ତଃରାଜ୍ୟ ବାଘଛାଲ ମାଫିଆଙ୍କ ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାହା ଜଣାପଡ଼ିବ।

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ରଙ୍କ ଘରେ ପୂଜା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ସୁରେନ୍ଦ୍ରଙ୍କ ସହ ସୁଶାନ୍ତ, ଲକ୍ଷ୍ମଣ, ତ୍ରିନାଥ ଏବଂ ଗଜପତି ଜିଲ୍ଲାର ବିପିନ, କ୍ଷେତ୍ରୀୟ ଏବଂ ମୁଖ୍ୟ କାର୍ପଟଦାର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ପ୍ରମୁଖଙ୍କୁ କାବୁ କରାଯାଇଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ଏସିଏଫ୍ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନପାଳ ଅନୁପ କୁମାର ବିଷୋୟୀ, ଭଞ୍ଜନଗର ବନପାଳ ବବୁଲୁ ସେଠୀ, ଜୀବନ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୩୧।୮ (ସମିସ): ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୁବ୍ ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ। ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜଙ୍କ ଖଣ୍ଡଗିରିସ୍ଥିତ ୱାର୍କସପ୍‌ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ

**■ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ହେବ ସ୍ଥାନ ନିରୂପଣ**
**■ ଜୋରସୋର୍‌ରେ ଚାଲିଛି ମୂର୍ତ୍ତି ନିର୍ମାଣ**

ଜୋରସୋର୍‌ରେ ଚାଲିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏହାକୁ ସ୍ଥାପନ କରାଯିବ। ଏଥିପାଇଁ ଖୁବ୍ ଶୀଘ୍ର ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ମନୋଜ ଦାସ ସ୍ମୃତି ସଂସଦର ସାଧାରଣ ସଂପାଦକ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୂଚନା ଦେଇଛନ୍ତି।



ସୂଚନାନୁଯାୟୀ, ୨ବର୍ଷ ତଳେ ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଏହି ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ବାଣୀବିହାର ପରିସରରେ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ କରାଯିବାକୁ ସେଥିରେ ଦାବି ରଖାଯାଇଥିଲା। ସରକାର ଏହି ପ୍ରସ୍ତାବ ଗ୍ରହଣ କରିବା ସହ ସ୍ୱର୍ଗୀୟ ଲେଖକଙ୍କ ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିବାରୁ ସ୍ମୃତି ସଂସଦର କର୍ମକର୍ତ୍ତାମାନେ ଖୁସି ପ୍ରକଟ କରିଛନ୍ତି। ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହାର ନିର୍ମାଣ କରୁଛନ୍ତି। ଆଜି ଶିଳ୍ପୀ ଶ୍ରୀ ଭଞ୍ଜଙ୍କ ନିମନ୍ତ୍ରଣକ୍ରମେ ବିଧାୟକ ଶ୍ରୀ ଦାସ ଖଣ୍ଡଗିରିସ୍ଥିତ ତାଙ୍କ ୱାର୍କସପକୁ ଯାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖି ଖୁସି ପ୍ରକଟ କରିଛନ୍ତି। ମାସେ ଦେଢ଼ ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ଅଗଣିତ ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ବିଜେଡିର କଟାକ୍ଷ**

# ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା

ଭୁବନେଶ୍ୱର, ୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନ୍ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଘୋଷଣା କରିଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶା ପୁଣିଥରେ ବିଜେପିର କପି-ପେଷ୍ଟର ଧାରା ଦେଖିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତ୍ୱ ନାହିଁ। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇସାରିଥିଲା। ଏହା ସ୍ପଷ୍ଟ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର 'କପି-ପେଷ୍ଟ ବୋଲି ଦଳ କହିଛି।

ସାମାଜିକ ଗଣମାଧ୍ୟମରେ ଦଳ ପକ୍ଷରୁ ପୋଷ୍ଟ କରି କୁହାଯାଇଛି ଯେ ଘୋଷଣା ହୋଇଥିବା ୭ଟି ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବ୍ରୁଆରୀରେ ମାନ୍ୟତା ପ୍ରଦାନ

**■ କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ**
**■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ**

ସହ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ଟି ନୂଆ ଏନ୍‌ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ରେ ଘୋଷିତ ତାଲିକା ସହ ସମାନ। କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ। କିଛି ନୂଆ ପାଇଁ ନା ଦୂରଦୃଷ୍ଟି ଅଛି ନା ଦୃଢ଼ ସଂକଳ୍ପ। ବିଜେପି ସରକାରର 'କପି-ପେଷ୍ଟ' ନୀତିକୁ ଓଡ଼ିଶାବାସୀ ଭଲ ଭାବେ ବୁଝିସାରିଲେଣି। ଓଡ଼ିଶାର ଦ୍ରୁତ ସହରୀକରଣ ଜରୁରୀ ହେଲେ ଆଜିର ଘୋଷଣାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଭଳି ଜଣାପଡୁନାହିଁ। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାମକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି ବିଜେପି ସରକାର 'ରି-ବ୍ରାଣ୍ଡିଙ୍ଗ'ରେ ବିଶ୍ୱାସ କରୁଛି।

ବିଜେଡି ଆହୁରି ମଧ୍ୟ କହିଛି ଯେ ଆଜିର ଘୋଷଣାରେ କିଛି ନୂତନତ୍ୱ ନାହିଁ। ଅଧିକାଂଶ ନାଁ ପୂର୍ବ ବିଜେଡି ସରକାର ସମୟରେ ଅନୁମୋଦନ ଲାଭ କରିଥିଲା। ଯାହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିଜେପି ସରକାର ପୁଣିଥରେ ଘୋଷଣା କରିଛି। ଏଥିରେ ମର୍ମ କଥା ହେଲା, ଓଡ଼ିଶାବାସୀ ପୁଣି ଏକ 'କପି ପେଷ୍ଟ' ଅଭିଯାନର ସାକ୍ଷୀ ହୋଇଛନ୍ତି, କୌଣସି ନୂଆ ସହରୀକରଣ ଅଭିଯାନର ନୁହେଁ ବୋଲି ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି।

## ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ମାଝୀମୁଣ୍ଡା ଗାଁରେ ବଜ୍ରପାତରେ ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମାଝୀମୁଣ୍ଡାର ସୁମତି ବେହେରା ଓ ଗୁରୁତରଜଣଙ୍କ ହେଲେ, ସେହି ଗାଁର ହୀନ ବେହେରା। ସୁମତି ଓ ହୀନ ଗାଁ ନିକଟ ନାକୁଘାଇ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସୁମତିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ହୀନଙ୍କୁ ଉଦ୍ଧାର କରି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହୀନ ଓ ସୁମତି ଗୋଟିଏ ପରିବାରର ଓ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି। ପୁଲିସ ସୁମତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ଭୁଲ୍ ଇଞ୍ଜେକସନ୍ ପାଇଁ ଚାଲିଗଲା ଶିଶୁର ଜୀବନ!

ଖଇରା, ୩୧।୮ (ସମିସ): ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ନେଇ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମରେ ତୀବ୍ର

**■ ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ**
**■ କ୍ଲିନିକ୍ ସିଲ୍ କଲେ ତହସିଲଦାର**

ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶିଶୁଜଣଙ୍କ ହେଲା, ବଳରାମ ରାମଙ୍କ ଝିଅ ଲିପ୍ସିତା(୨)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାରଲୋକ ଓ ଗ୍ରାମବାସୀ ଏକଜୁଟ ହୋଇ ଆଜି ଅପରାହ୍ଣରେ ଝିଅର ମୃତଦେହକୁ ରାସ୍ତାରେ ରଖିବା ସହ ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ତୁଡିଗଡିଆଠାରେ ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଲିପ୍ସିତାକୁ ଥଣ୍ଡା ଜ୍ୱର ହୋଇଥିଲା। ଶନିବାର ରାତିରେ ଦେହ ଅଧିକ ଖରାପ ହେବାରୁ ତା' ବାପା-ମା' ତାକୁ ତୁଡିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ଦେବକାନ୍ତ ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପାଢ଼ୀ ଏକ ଇଞ୍ଜେକସନ୍ ଦେଇଥିଲେ। କିନ୍ତୁ ଘରକୁ ଫେରିବା ମାତ୍ରେ ଲିପ୍ସିତାର ଅବସ୍ଥା ଆହୁରି ବିଗିଡ଼ିଯିବାରୁ ପରିବାରଲୋକେ ତାକୁ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲିପ୍ସିତାର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପାଢ଼ୀଙ୍କ



ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଲିପ୍ସିତାର ଜୀବନ ଯାଇଥିବା ଅଭିଯୋଗ କରି ଆଜି ଅପରାହ୍ଣରେ ଉତ୍ତ୍ୟକ୍ତ ଗ୍ରାମବାସୀ ତୁଡ଼ିଗଡ଼ିଆଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତ ଡାକ୍ତରଙ୍କୁ ଶୀଘ୍ର ଗିରଫ କରାଯିବ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଡାକ୍ତରଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଅବରୋଧରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଡାକ୍ତର ଦେବକାନ୍ତଙ୍କ କ୍ଲିନିକ୍‌କୁ ତହସିଲଦାର ସିଲ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କୂଅରେ ପଡ଼ି ଜୀବନ ଗଲା

ଅନୁଗୋଳ, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ଲୋକେଇପଶି ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ହରିହର ଦାସଙ୍କ ପୁଅ ସୁକାନ୍ତ ଦାସ (୪୮)। ପରିବାରଲୋକଙ୍କ ସୂଚନାନୁଯାୟୀ, ସୁକାନ୍ତଙ୍କ ଘର ପାଖରେ ଏକ କୂଅ ଅଛି। ରବିବାର ସକାଳେ ସେ କୂଅ ନିକଟକୁ ଯାଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଖବର ପାଇ ବନ୍ତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**କେନ୍ଦ୍ରକୁ ନବୀନଙ୍କ ଚିଠି ପରେ ସରକାର ତତ୍ପର**

# ତ୍ୱରାନ୍ୱିତ ହେଲା ସାର ଯୋଗାଣ

ଭୁବନେଶ୍ୱର, ୩୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀମାନଙ୍କୁ ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। କୃଷି ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସାର କଳାବଜାର ଓ କୃତ୍ରିମ ଅଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇଦେବାକୁ ଦାବି କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ୍ ସୁଦ୍ଧା, ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର (ୟୁରିଆ: ୧,୪୭ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୦.୨୬ ଲକ୍ଷ ମେଟ୍ରିକ୍ ଟନ୍; ଏମଓପ: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍; ଏସ୍‌ଏସ୍‌ପି: ୦.୧୦ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୦.୭୬ ଲକ୍ଷ ମେଟ୍ରିକ୍ ଟନ୍) ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୬୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ


**କଳାବଜାରୀ, ନକଲି ସାର ଉପରେ କଡ଼ା ନଜର**

ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି। ଏହାଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍ (ୟୁରିଆ: ୪.୮୪ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୨.୧୮ ଲକ୍ଷ ମେଟ୍ରିକ୍ ଟନ୍; ଏମଓପି: ୦.୬୧ ଲକ୍ଷ ମେଟ୍ରିକ୍ ଟନ୍; ଏସଏସପି: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୩.୦୫ ଲକ୍ଷ ମେଟ୍ରିକ୍ ଟନ୍) ଗତକାଲି ସୁଦ୍ଧା ବୃଦ୍ଧି ପାଇଛି। ଉପରୋକ୍ତ ପରିମାଣର ସାର ମଧ୍ୟରୁ, ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର (ୟୁରିଆ: ୩.୯୬ ଲକ୍ଷ ମେଟ୍ରିକ ଟନ୍; ଡିଏପି: ୧.୬୧ ଲକ୍ଷ ମେଟ୍ରିକ ଟନ୍; ଏମ୍‌ଓପି: ୦.୪୧ ଲକ୍ଷ ମେଟ୍ରିକ ଟନ୍; ଏସ୍‌ଏସ୍‌ପି: ୦.୨୧ ଲକ୍ଷ ମେଟ୍ରିକ ଟନ୍ ଏବଂଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ: ୨.୨୫ ଲକ୍ଷ ମେଟ୍ରିକ ଟନ୍) ଚାଷୀମାନଙ୍କୁ ବିକ୍ରୟ କରାଯାଇଛି। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି।

ମାର୍କଫେଡ୍ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି। ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧ହଜାର ୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ନକଲି ସାର ବିକ୍ରି ରୋକିବା ଉପରେ ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ଟି ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଂଘନ ଅଭିଯୋଗରେ ୬୨ଟି ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହାବ୍ୟତୀତ, ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ୍ ଜବତ ମଧ୍ୟ କରାଯାଇଛି।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

ନୂଆପଡ଼ା, ୩୧।୮ (ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଖୁଟବନଭେରା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ନୃଶଂସ ସ୍ୱାମୀ। ରବିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଖୁଟବନଭେରା ଗାଁର ସନ୍ତୋଷ କମାର ସ୍ତ୍ରୀ ତିରିତଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ବାକ ବିତଣ୍ଡା ହୋଇଥିଲା। ହଠାତ ରାଗରେ



ସନ୍ତୋଷ ସ୍ତ୍ରୀ ତିରିତର ବେକକୁ ଟାଙ୍ଗିଆରେ ଚୋଟ ପକାଇଥିଲା। ତିରତରଙ୍କ ମୃତ୍ୟୁ ପରେ ସେ ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁଲୋକେ ତାକୁ କାବୁ କରିବା ସହ ତା' ହାତଗୋଡ଼ ବାନ୍ଧି ପୁଲିସକୁ ସୂଚନା ଦେଇଥିଲେ। ଧରମବନ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସ୍ୱାମୀ ସନ୍ତୋଷକୁ ଅଟକ ରଖି ତଦନ୍ତ ଜାରି ରହିଛି। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛି।

# ହତ୍ୟା କରି ଜଙ୍ଗଲରେ ପୋଡ଼ିଦେଲେ

କୋଇଡ଼ା, ୩୧।୮ (ସମିସ): କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ

**ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର**

ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ଏକ ଦିଆସିଲି, ଡିଜେଲ୍ ଡବା, ଚପଲ ଆଦି ଜବତ କରିଛି। ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲ ଭିତରେ ଶବକୁ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।



### ଡିଜେକୁ ନେଇ ଆହ୍ୱାନ ମୋଡରେ ପୁଲିସ

# ସବୁ କ୍ଷେତ୍ରରେ ଡିଜେ ଉପରେ ରୋକ୍ ଦାବି

ବସ୍ତା ବ୍ଲକ, ୩୧।୮ (ସମିସ)




**ବିକଟାଳ ଶବ୍ଦରେ ମଣିଷ ଅସ୍ତବ୍ୟସ୍ତ**

ପାର୍ବଣ ଋତୁ ଆରମ୍ଭରୁ ପୂଜା କମିଟିମାନଙ୍କୁ ଲାଗିଛି ବଡ଼ ଝଟ୍କା। ବିକଟାଳ ଶବ୍ଦ କରି ମଣିଷକୁ ଅସ୍ତବ୍ୟସ୍ତ କରି ଦେଉଥିବା ଡିଜେକୁ ଭସାଣିରେ ବନ୍ଦ କରି ଶବ୍ଦ ପ୍ରଦୂଷଣ ରୋକିବାକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆହ୍ୱାନ ମୋଡ଼କୁ ଆସିଛି। ଗତ ଶନିବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ଡିଜେକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନାରେ ଭସାଣି ପାଇଁ ଆସିଥିବା ଓ ରାସ୍ତାରେ ଯାଉଥିବା ଡିଜେ ଗାଡ଼ିକୁ ପୁଲିସ ବସ୍ତା ଥାନାରେ ଅଟକ ରଖିଛି। ଯାହାକୁ ନେଇ ନାନା ମତ ପ୍ରକାଶ ପାଉଛି। ସାଧାରଣ ଲୋକେ ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଅନେକ ଅସନ୍ତୋଷ ବ୍ୟକ୍ତ କରିଥିବା ଘଟଣା ସାମ୍ନାକୁ ଆସିଛି। କେବଳ ପୂଜା ଭସାଣି ନା ଆଗକୁ ଆସୁଥିବା ବିବାହ ଋତୁରେ ଡିଜେ ବଜାଇବା ଉପରେ ରୋକ ଲାଗିବ କି ନାହିଁ ତାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି।

ପ୍ରକାଶ ଯେ ଚଳିତ ପାର୍ବଣ ଋତୁ ପ୍ରାରମ୍ଭରେ ଗଣେଶ ପୂଜାରେ ବସ୍ତାରେ ଅନେକ ପୂଜା କମିଟି, କ୍ଲବ ପକ୍ଷରୁ ପୂଜା କରା ଯାଉଛି। ମାତ୍ର ଭସାଣି ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା। ସହର ସହିତ ଗ୍ରାମାଞ୍ଚଳରେ ଅନେକ ଡିଜେ ଥିବା ବେଳେ ପୂଜାର ମାସେ ପୂର୍ବରୁ ଜିଲ୍ଲା ସହିତ ବାହାର ରାଜ୍ୟରୁ ମଧ୍ୟ ଆଣିବା ପାଇଁ କମିଟି ଅଗ୍ରୀମ ଟଙ୍କା ଦେଇ ବୁକ୍ କରି ସାରିଥିଲେ। ମାତ୍ର ହଠାତ୍ କଟକଣା ଲାଗିବା ଫଳରେ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ନୈରାଶ୍ୟ ଭାବ ଆଣି ଦେଇଛି। ଯଦି ପରବର୍ତ୍ତୀ ସମୟରେ ପ୍ରଶାସନ ଏହି ରୋକକୁ ବାତିଲ ନ କରେ ତାହେଲେ ଡିଜେ ମାଲିକ ନେଇଥିବା ଅଗ୍ରୀମ ଟଙ୍କା ଫେରାଇବେ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷେ ଏକାଧିକ ପ୍ରସେସନ୍‌ରେ ଏକାଧିକ ଡିଜେ ସାମିଲ ହେଉଥିବାରୁ ନିଜ ଡିଜେର କମାଲ ଦେଖାଇବା ପାଇଁ ଡିଜେ ଡିଜେ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବା ଦ୍ୱାରା ସାଧାରଣ ଲୋକେ ଅତିଷ୍ଠ ହୋଇ ଯାଆନ୍ତି। ଅନେକ ସମୟରେ ଥାନାକୁ ଖବର ଗଲେ ପୁଲିସ ପାଟ୍ରୋଲିଂ ଗାଡ଼ି ଆସିଲେ ସାଉଣ୍ଡ କମାଇ ଦିଅନ୍ତି ଓ ପୁଲିସ ଗଲା ପରେ ଯାହାକୁ ସେଇଆ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଭସାଣି ଚାଲେ। ଯେଉଁଠି ଶବ୍ଦ ପ୍ରଦୂଷଣ ଆଇନର ଖୋଲା ଖୋଲି ଉଲ୍ଲଂଘନ ହୁଏ। ପାର୍ବଣଆରମ୍ଭରୁ ପୁଲିସର ଆହ୍ୱାନ ଆଗାମୀ ପୂଜା ଭସାଣି ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜାରେ ଭସାଣିରେ ଡିଜେର ଅନେକ ଡିମାଣ୍ଡ ଥାଏ। ପୂଜା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଥିବା ବେଳେ ତାହା କେବଳ ନିୟମରେ ସୀମିତ ହୋଇ ରହୁଥିବା ଲୋକେ ପ୍ରକାଶ କରିଛନ୍ତି। ଯଦି ପ୍ରଶାସନ ନିୟମ କରିବାର ଥିଲା ତାହାଲେ ପୂର୍ବରୁ କାହିଁକି କଲାନି ବୋଲି ପୂଜା କମିଟି ପକ୍ଷରୁ ପ୍ରଶ୍ନ କରା ଯାଉଛି। କେବଳ ପୂଜା ଭସାଣି ନା ସବୁ କ୍ଷେତ୍ରରେ ଡିଜେକୁ ବନ୍ଦ କରାଯିବ ତାକୁ ନେଇ ମଧ୍ୟ ବଡ଼ ପ୍ରଶ୍ନ ଉଠିଛି। କାରଣ ବିବାହ ଋତୁରେ ଗୋଟିଏ ଗୋଟିଏ ଦିନ ୫ରୁ ଊର୍ଦ୍ଧ୍ୱ ବିବାହରେ ଡିଜେ ପ୍ରସେସନ୍ ହେଉଛି। ଆଜିର ଦିନରେ ବିବାହରେ ବାଣ ରୋଷଣିରେ ବଡ଼ ବଡ଼ ଡିଜେ ବାଜିବା ସମ୍ମାନ ଶ୍ରେଣୀର ବିବାହ ବୋଲି ଲୋକେ ମାନୁଛନ୍ତି। ଏଭଳି ସ୍ଥଳେ ଆଗକୁ ପ୍ରଶାସନ କ'ଣ ନିଷ୍ପତ୍ତି ନେଉଛି ତାକୁ ଦେଖିବାକୁ ବାକି ରହିଲା। ଡିଜେକୁ ସଂପୂର୍ଣ୍ଣ ନିଷେଧ କରିବାକୁ ଦାବି ହେଉଥିବା ବେଳେ କଡ଼ାକଡ଼ି ନିୟମ କରି କମ ଶବ୍ଦରେ ଡିଜେ ବଜାଇବାକୁ ପ୍ରଶାସନ ଅନୁମତି ଦେବାକୁ ମଧ୍ୟ ଦାବି ହୋଇଛି।

## ୨୦ ଡିଜେ ଜବତ, ଦୁଇଟି କ୍ଲବ ବିରୋଧରେ ମାମଲା ରୁଜୁ



ବାଲେଶ୍ୱର,୩୧।୮ (ସମିସ): ଗତ ଶୁକ୍ରବାର ଦିନ ବାଲେଶ୍ୱରରେ ପ୍ରଥମ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଅନୁଷ୍ଠିତ ହେଉଥିଲା। ଏହି ସମୟରେ ବିଭିନ୍ନ କ୍ଲବ ପକ୍ଷରୁ ଡିଜେର ବ୍ୟବସ୍ଥା ହୋଇଥିଲା। ତେବେ ଡିଜେରୁ ବାହାରୁଥିବା ଶବ୍ଦ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଶବ୍ଦଠାରୁ ଢେରଗୁଣ ଅଧିକ ରହିଥିଲା। ଯାହାଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ରାସ୍ତାଘାଟ ଥରୁଥିବା ଭଳି ଲାଗୁଥିଲା। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାଟି ସାଇଲେନସ ଜୋନ ହୋଇଥିବା ବେଳେ ଅତ୍ୟଧିକ ମାତ୍ରାରେ ଶବ୍ଦ ହେଉଥିଲା। ଏହାକୁ ବହୁ ଲୋକ ବିରୋଧ କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବୈଠକ ପରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୨୦ଟି ଡିଜେକୁ ଜବତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସର୍ତ୍ତାବଳୀକୁ ଉଲ୍ଲଂଘନ ଏବଂ ଆଇନକୁ ହାତକୁ ନେଇ ବିଭିନ୍ନ କ୍ଲବ କାର୍ଯ୍ୟ କରିଥିଲେ। ଏହାକୁ ନେଇ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୋଟ ୨୦ଟି ଡିଜେକୁ ଜବତ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଶେଷ କରି ରାଜପୁତ ବଏଜ କ୍ଲବ ଏବଂ କ୍ଲବ ଭାଇବ୍ରେସନ ବିରୋଧରେ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ଡିଜେ ବନ୍ଦକୁ ବିରୋଧ କରି ରାସ୍ତାରୋକ



କାଳିପଦା, ୩୧।୮ (ସମିସ): ଗଣେଶ ପୂଜା ଭସାଣିରେ ଡିଜେ ବାଜିବାକୁ ପ୍ରଶାସନ ରୋକ୍ ଲଗାଇଛନ୍ତି। ତେବେ ଏହି ବନ୍ଦକୁ କେତେକ ପୂଜା କମିଟି ବିରୋଧ କରିଛନ୍ତି। ପ୍ରଶାସନର ଏହି ନିଷ୍ପତ୍ତି ଏକତରଫା ବୋଲି ପୂଜା କମିଟିର କର୍ମକର୍ତ୍ତା ମାନେ କହିଛନ୍ତି। ଡିଜେ ବାଜିବା ବନ୍ଦକୁ ବିରୋଧ କରି ଆଜି ପାରୁଳିଆ, ବଡ଼ାପାଳ, ମଇଁଷି ଆଡି ଆଦି ପୂଜା କମିଟିର କର୍ମ କର୍ତ୍ତା ଓ ସ୍ଥାନୀୟ ଲୋକ ବାଲିଆପାଳ କମର୍ଦ୍ଦା ମୁଖ୍ୟ ରାସ୍ତାର ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟରେ ରାସ୍ତା ରୋକ କରିଛନ୍ତି। ରାସ୍ତା ରୋକ ଯୋଗୁଁ ରାସ୍ତାର ଉଭୟ ପଟରେ ବହୁ ସଂଖ୍ୟାରେ ଅଟକି ରହିଛି। ସାଧାରଣ ଲୋକ ଏଥିଯୋଗୁ ଘୋର ଅସୁବିଧାରେ ପଡିଛନ୍ତି। ଏହି ରାସ୍ତା ରୋକରେ ଗୁନାଧର ଜେନା, ମଙ୍ଗଳି ଚରଣ ଜେନା, ସୁବୋଧ କାନ୍ତ ବେହେରା, ଶଙ୍କର୍ଷଣ ପାତ୍ର, ମୁରାରୀ ମୋହନ ଦାସ, ପରମାନନ୍ଦ କର, ହରେକୃଷ୍ଣ ପ୍ରଧାନ, ପୃଥ୍ୱୀରାଜ ଜେନା, କାଙ୍ଗାଳି ଚରଣ ଗିରି, ଶମ୍ଭୁନାଥ ଦେହୁରୀ, ସୁଜନ କୁମାର ପଣ୍ଡା, ମଦନ ମୋହନ ସେନାପତି, ବିକାଶ ଚନ୍ଦ୍ର ଜେନା, ସ୍ୱପ୍ନେଶ୍ୱର ଦାସ ପ୍ରମୁଖ ସାମିଲ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ରାସ୍ତା ରୋକ ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କଲାପରେ ରାସ୍ତାରୋକ ହଟିଥିଲା।

## ଭୋଗରାଇ ଥାନାରେ ଡିଜେ ଗାଡ଼ି ଅଟକ




ଭୋଗରାଇ, ୩୧।୮ (ସମିସ) : ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ଡିଜେ ଗାଡିକୁ ଆଜି ଅଟକ ରଖିଛି ଭୋଗରାଇ ପୁଲିସ। ଭୋଗରାଇ ଥାନା ଅଧିକାରୀ ରୋହିତ ବକଙ୍କ ସୂଚନା ଅନୁଯାୟୀ ଡିଜେର ବିକଟାଳ ସାଉଣ୍ଡରେ ସାଧାରଣ ଲୋକ, ରୋଗୀମାନେ ପ୍ରଭାବିତ ହେଉଥିବାର ନଜରକୁ ଆସୁଛି। ଡିଜେ ଗୁଡ଼ିକ ସରକାର ନିୟମକୁ ଉଲ୍ଲଂଘନ କରି ଅଧିକ ଉଚ୍ଚ ଶବ୍ଦରେ ବଜାଇବା ଆଇନବିରୁଦ୍ଧ। ତେଣୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ପୁଲିସ ଭୋଗରାଇ ହାଟରେ ଗଣେଶଙ୍କ ପ୍ରତିମୂର୍ତ୍ତି ବିସର୍ଜନ ସମୟରେ ବାବା ଏନଟି ଭାଇରସ ନାମକ ଏକ ଡିଜେ ଗାଡ଼ିକୁ ଜବତ କରି ଥାନ ପରିସରରେ ଅଟକ ରଖିଛନ୍ତି।

● ଗଣେଶ ଭସାଣିରେ ଅଘଟଣ

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ



ସୋର, ୩୧।୮ (ସମିସ): ସୋର ଥାନା ଦାଣ୍ଡ ହରିପୁର ପଞ୍ଚାୟତ ଗଣ୍ଡସ୍ତପୁର ଗ୍ରାମରେ ଗତକାଲି ରାତିରେ ଗଣେଶ ଠାକୁର ଭସାଣିରୁ ଫେରିବା ସମୟରେ ଜେନେରେଟରରୁ ବିଦ୍ୟୁତ ଆଘାତର ଶିକାର ହୋଇ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ଗଣ୍ଡସ୍ତପୁର ଗ୍ରାମର ଅକ୍ଷୟ ନାୟକ (୩୦)। ଅକ୍ଷୟ ଗ୍ରାମରେ ଗଣେଶ ପୂଜା ଭସାଣି ଶୋଭାଯାତ୍ରାରେ ଯାଇଥିଲେ। ସେଠାରୁ ଫେରିବା ପରେ ଗାଡ଼ିରେ ଥିବା ଜେନେରେଟରକୁ ବନ୍ଦ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହେବା ସହିତ ଚେତା ଶୂନ୍ୟ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଉଡ଼ି ଫାଣ୍ଡି ପୁଲିସ ଆଜି ପୂର୍ବାହ୍ନରେ ସୋର ମେଡ଼ିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅକ୍ଷୟ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜଳକାପଡିଆ ଗାଁରେ ହେଟା ବାଘ ଆତଙ୍କ

ଜଳେଶ୍ୱର, ୩୧।୮ (ସମିସ) : ଜଳେଶ୍ୱର ବ୍ଲକର ଜଳକାପଡିଆ ଗାଁରେ ଦୁଇଟି ହେଟା ବାଘ ଦେଖି ଲୋକେ ଛାନିଆ ହୋଇଛନ୍ତି।



ଶନିବାର ସଂଧ୍ୟା ୭ଟା ସମୟରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବାଡ଼ି ଭିତରେ ଦୁଇଟି ହେଟା ବାହାରିଥିବା ପ୍ରଚାରିତ ହେବାପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଜନ୍ତୁ ଦୁଇଟି ଗାଁ ଭିତରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ କେତେକ ସାହସୀ ଯୁବକ ଘଉଡାଇବା ପାଇଁ ପ୍ରୟାସ କରିଥିଲେ। ରାତ୍ରି ୯ଟା ବେଳକୁ ହେଟା ବାଘ ଲୁଚି ଯାଇଥିବା ବେଳେ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ବିଭିନ୍ନ ଦିଗରୁ ଅନୁଧ୍ୟାନ ପରେ ଏହା ଫିସିଙ୍ଗ୍ କ୍ୟାଟ ଜାତିର ଜନ୍ତୁ ବୋଲି କହିଥିଲେ। ଲୋକେ ରାତ୍ରି ତମାମ ଭୟଭୀତ ଅବସ୍ଥାରେ ଥିବା ବେଳେ ସକାଳେ ତାହା ଆଉ ଦେଖିବାକୁ ମିଳିନଥିଲା। ଲୋକେ ଭୟଭିତ ଅବସ୍ଥାରେ ଥିବାବେଳେ ବିଲକୁ କାମ କରିବାକୁ ଯାଇନଥିଲେ।

### ସ୍ୱାୟତ୍ତ ଶାସନ ଦିବସ ପାଳିତ

## ଶୀର୍ଷ ୨୦ରେ ବାଲେଶ୍ୱର ସ୍ଥାନ ପାଇବାକୁ ଜିଲ୍ଲାପାଳଙ୍କ ଆହ୍ୱାନ



ବାଲେଶ୍ୱର,୩୧।୮ (ସମିସ): ବାଲେଶ୍ୱର ପୌରପାଳିକା ପକ୍ଷରୁ ଗାନ୍ଧୀସ୍ମୃତି ଭବନରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ। ବାଲେଶ୍ୱର ପୌରପାଳିକା ତା'ର ୧୫୦ ତମ ବର୍ଷରେ ପଦାର୍ପଣ କରିବାର ଉତ୍ସବ ପାଳନ କରୁଥିବାବେଳେ ଜିଲ୍ଲାପାଳ ଶ୍ରୀ ବିକାଶ ତାଙ୍କ ଅଭିଭାଷଣରେ ଅଧକ୍ଷା, କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ନିରନ୍ତର ପରିଶ୍ରମ ପାଇଁ ପ୍ରଶଂସା କରିଥିଲେ। ପୌରପାଳିକାର ଉତ୍ତମ କାର୍ଯ୍ୟ ଉପରେ ସେ ଗୁରୁତ୍ୱ ଦେଇ ଆଗାମୀ ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ବାଲେଶ୍ୱରକୁ ଶୀର୍ଷ ୨୦ରେ ସ୍ଥାନ ପାଇବା ପାଇଁ ସେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ଏହି ପ୍ରୟାସରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲ୍ଲାପାଳ ଶିବ ମାଲବ୍ୟ କହିଛନ୍ତି ଯେ, ଏହା ବାଲେଶ୍ୱର ପାଇଁ ଏକ ଗର୍ବର ମୁହୂର୍ତ୍ତ। ସେ ବାଲେଶ୍ୱର ପୌରପାଳିକାର ସ୍ୱଚ୍ଛତା ପ୍ରୟାସକୁ ପ୍ରଶଂସା କରିଛନ୍ତି ଏବଂ ସମସ୍ତ ନିର୍ବାଚିତ ପ୍ରତିନିଧି, ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ତାଙ୍କ ଅଭିଭାଷଣରେ ମ୍ୟୁନିସିପାଲଟିର ଗୁଣାତ୍ମକ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୩୧।୮ (ସମିସ): ଜଳେଶ୍ୱର ପୌରପାଳିକା ପକ୍ଷରୁ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ପାଳିତ କରାଯାଇଛି। ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ପରେ ଜଳେଶ୍ୱର ସହର ମଧ୍ୟରେ ଅବସ୍ଥିତ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ପୌରପାଳିକା ପକ୍ଷରୁ ସଭା ଆୟୋଜନ କରାଯାଇଥିଲା। ଏଥିରେ ମଞ୍ଚ ପରିଚାଳନା କରିଥିଲେ ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ। ବିବରଣୀ ପାଠ କରିଥିଲେ ପୌରପାଳିକାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ସିଂ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଉପସ୍ଥିତ ରହିଥିଲେ ଜଳେଶ୍ୱର ବିକାଶ ପାଇଁ ସର୍ବସମ୍ମତି କ୍ରମେ ପ୍ରଥମେ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

## ମିଶନଶକ୍ତି ସଭାନେତ୍ରୀଙ୍କୁ ବ୍ୟାଙ୍କ ଶାଖା ପରିଚାଳକଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାଲିଆପାଳ, ୩୧।୮ (ସମିସ): ଏହି ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଚାଉଳିତି ଗ୍ରାମର ମା' ମନସା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ କିସ୍ତି ଟଙ୍କା ନେଣଦେଣକୁ ନେଇ ଦୀର୍ଘ ଦଶ ମାସ ଧରି ବିବାଦ ଲାଗିରହିଛି। ଏ ବାବଦରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ଜିପିଏଲଏଫର ସଭାନେତ୍ରୀ ସ୍ନେହଲତା ବେହେରାଙ୍କୁ ଘଟଣାର ସମାଧନ ପାଇଁ ଜଣାଇଥିଲେ। ଏ ନେଇ ସଭାନେତ୍ରୀ ଶ୍ରୀମତୀ ବେହେରା ଗତ ଶୁକ୍ରବାର ତରାଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ ଏବଂ କିସ୍ତି ଖିଲାପ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିସ୍ତି ଟଙ୍କା ଆଦାୟ କରିବା ପାଇଁ ଜିଦ କରି ବସିଥିଲେ। ମାତ୍ର ବ୍ୟାଙ୍କ ମ୍ୟାନେଜର କଥା ସମାଧାନ କରିବା ପରିବର୍ତ୍ତେ ଜିପିଏଲଏଫର ସଭାନେତ୍ରୀଙ୍କୁ ଅସମ୍ମାନ କରି ବ୍ୟାଙ୍କରୁ ତଣ୍ଟିଆ ମାରି ବାହାର କରିଦେବେ ବୋଲି ଧମକ ଦେଇଥିବା ନେଇ ଶନିବାର ଶ୍ରୀମତୀ ବେହେରା ଜାମକୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଜଗଦୀଶ ହେମ୍ବ୍ରମଙ୍କୁ ପଚାରିବାରୁ ଅସମ୍ମାନ କରିଥିବା କଥାକୁ ଅସ୍ୱୀକାର କରିଛନ୍ତି। ତେବେ ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆଶୁତୋଷ ଦାସ କହିଛନ୍ତି।

## ବାଲିଆପାଳ ଇସ୍କନ ମନ୍ଦିରରେ ରାଧାଷ୍ଟମୀ

କାଳିପଦା, ୩୧।୮ (ସମିସ): ବାଲିଆପାଳ ବଜାର ପାରୁଳିଆ ଛକ ନିକଟ ଇସ୍କନ ମନ୍ଦିରରେ ଆଜି ରାଧାଷ୍ଟମୀ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରତି ବର୍ଷ ପରି ଚଳିତବର୍ଷ ମଧ ଅଧିବାସ, ପ୍ରାତଃ ଆଳତୀ, ପୂଜା, ହୋମ, ସଂକୀର୍ତ୍ତନ ଆଦି ପାଳିତ ହୋଇଯାଇଛି। ଅଧିବାସ ଅବସରରେ ଶହ ଶହ ଭକ୍ତଙ୍କ ଗହଣରେ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରବିବାର ମଧ୍ୟାହ୍ନକୁ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ



ହରେକୃଷ୍ଣ ଦାସ, ପୂଜକ ବ୍ରହ୍ମଚାରୀ ପ୍ରଭୁ ମନୋହାରୀ ଦାସ, ମୃତ୍ୟୁଞ୍ଜୟ ପ୍ରଭୁ, ସତ୍ୟ ଦାସ, ଭବେଶ ପ୍ରଭୁ, ସୁବାଷ ପ୍ରଭୁ, ସୁନୟନା ଯଶୋଦା ଦେବୀ ଦାସ, ସୁପ୍ରିୟା ରାସେଶ୍ୱରୀ ଦେବୀ ଦାସ, ଶ୍ରୀଦେବୀ ଦେବୀ ଦାସ ଓ ପ୍ରଭୁ ବ୍ରହ୍ମ ତୀର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମସ୍ୟାରେ ବିଚିତ୍ରପୁର ଇକୋ ଟୁରିଜିମ୍ ଓ ପ୍ରକୃତି ନିବାସ

ଚନ୍ଦନେଶ୍ୱର, ୩୧।୮ (ବନମାଳୀ ବେହେରା)






**ସରକାର ଦୃଷ୍ଟି ଦିଅନ୍ତୁ**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ଓ କାନ୍ଠିଥଭଉଁରୀ ପଞ୍ଚାୟତ ମିଳନସ୍ଥଳୀରେ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମନଲୋଭା ପରିବେଶ ମଧ୍ୟରେ ବିଚିତ୍ରପୁର ଇକୋ-ଟୁରିଜିମ ସାଙ୍ଗକୁ ପ୍ରକୃତି ନିବାସ ରହିଛି। ଦେଶ ବିଦେଶର ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦ ସହିତ ନାଳି କଙ୍କଡାର ଲୁଚକାଳି ଖେଳ ବେଶ ମନ ମୁଗ୍ଧକର। ଏହା ସହିତ ଶହ ଶହ ହେକ୍ଟର ହେନ୍ତାଳ ଓ ବନୀ ଗଛର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ ବୋଟିଂ କରିବାର ମଜା ଅତ୍ୟନ୍ତ ନିଆରା।

ବିଚିତ୍ରପୁର ଇକୋ ଟୁରିଜିମ ତାଳସାରୀ ବେଳାଭୂମିଠାରୁ କୀର୍ତ୍ତନିଆ ବେଳାଭୂମି ପର୍ଯ୍ୟନ୍ତ ପ୍ରାୟ ଆଠ ଶହ ହେକ୍ଟର ଜମିରେ କୃତ୍ରିମ ଓ ପ୍ରାକୃତିକ ଲୁଣି ଜଙ୍ଗଲର ସବୁଜ ବଳୟ ସୃଷ୍ଟି କରିଛି । ଯାହା ଦୂରରୁ ଦେଖିଲେ ଏହା ଏକ ସବୁଜ ପୋଲ ପରି ଦିଶେ। ଏଥିରେ ସୁବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସାଙ୍ଗକୁ ୧୭ ପ୍ରଜାତିର ଲୁଣି ଜଙ୍ଗଲ ଏବଂ ୩ ପ୍ରଜାତିର ବନୀ ଜଙ୍ଗଲ ରହିଛି। ଲୁଣି ଜଙ୍ଗଲ ମଧ୍ୟରେ ସିନ୍ଦୁକା, ଗରଣୀ, ରାଇ, କାଳିଆଚୁଆ, ଖରସୀ, ଗାମା, କେରୁଅ, ବନ୍ଦରୀ ସହିତ ୩ ପ୍ରଜାତିର ଧଳା ବନୀ, କଳା ବନୀ ଓ ସିଙ୍ଗାଳ ବନୀ ଦେଖିବାକୁ ମିଳେ। ଏହି ପ୍ରାକୃତିକ ଲୁଣି ଜଙ୍ଗଲଗୁଡିକ ବାୟୁମଣ୍ଡଳକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଛାଡ଼ିବା ଏବଂ ବାୟୁମଣ୍ଡଳରୁ ଦୂଷିତ ଅଙ୍ଗାରକାମ୍ଳ ଶୋଷଣ କରିବା ସହିତ ଉପକୂଳରେ ବନ୍ୟା ବାତ୍ୟା ସମୟରେ ସୁରକ୍ଷା କବଚ ପାଲଟିଥାଏ। ବିଚିତ୍ରପୁର ପ୍ରକୃତିନିବାସରେ ପର୍ଯ୍ୟଟକଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ୧୦ଟି କୋଠରୀ ନିର୍ମିତ ହୋଇଥିଲେ ମଧ୍ୟ ଛଅଟି କୋଠରୀ ଖରାପ ପରେ ଏବେ ଚାରିଗୋଟି ଶୀତତାପ ନିୟନ୍ତ୍ରିତ କୋଠରୀ ଚାଲୁ ରହିଛି ବୋଲି ପ୍ରକୃତିନିବାସର ସଭାପତି ବଳରାମ ପାତ୍ର ପ୍ରକାଶ କରିଛନ୍ତି। ଗମନାଗମନର ଅସୁବିଧା, ଏକ ସ୍ଥାୟୀ ପୋଲ, ମୁଖ୍ୟ ଜେଟିକୁ ରାସ୍ତା ସମସ୍ୟା ଦୀର୍ଘ ଦିନରୁ ଲାଗି ରହିଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବନପାଳ ସଞ୍ଜୀୟ ମହାନ୍ତିଙ୍କ ଉଦ୍ୟମରେ ଯାତ୍ରୀ ବିଶ୍ରାମଗାର, ନୂତନ ଭାସମାନ ଜେଟି ଏବଂ ଅଧିକ ୪ଟି ବୋଟ ପ୍ରସ୍ତୁତ ହୋଇଛି । ତେବେ ଜୁଆର ସମୟ ବ୍ୟତୀତ ପର୍ଯ୍ୟଟକମାନେ ବୋଟିଙ୍ଗ କରିପାରନ୍ତି ନାହିଁ କାରଣ ଭାସମାନ ଜେଟିକୁ ଲାଗିଥିବା କ୍ରିକରେ ଭଟ୍ଟା ସମୟରେ ପାଣି ଶୁଖିଯାଏ। ସ୍ଥାୟୀ ପୋଲ ନିର୍ମାଣ ହୋଇ ପାରିଲେ ପର୍ଯ୍ୟଟକମାନେ ସବୁବେଳେ ବୋଟିଂରେ ଯାଇ ମଜା ନେଇପାରନ୍ତେ। ଡଙ୍ଗାରେ ବସିବା, ଝାଉଁ ଜଙ୍ଗଲ ମଧ୍ୟରେ ବଣଭୋଜି କରିବା, ନିଃଶବ୍ଦ ଇଲାକାରେ ଦୀର୍ଘ ସମୟ ବିତାଇବା ପର୍ଯ୍ୟଟକଙ୍କୁ ଭରପୂର ଖୁସି ଦେଇଥାଏ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଚିତ୍ରପୁର ଇକୋ ଟୁରିଜିମ। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାକାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ତତ୍ପର ହେବାକୁ ଇକୋ ଟୁରିଜିମ ପରିଚାଳନା କମିଟିର ସଭାପତି ଶମ୍ଭୁନାଥ ମାଝୀ ଓ ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି।

ADMISSION OPEN 2025-26
ODISHA INSTITUTE OF MEDICAL SCIENCE
KURUDA, BALASORE
B.Sc. NURSING - (4 YEARS)
B.P.T (Bachelor in Physiotherapy)- 4 1/2 years
(Physiotherapy Doctor) Last chance without NEET Examination.
A.N.M - 2 YEARS (+2 Pass)
DMLT & DMRT - +2 Science
FACILITY AVAILABLE:
OWN CAMPUS & GIRL HOSTEL INSIDE CAMPUS
DIGITAL CLASS ROOM
CLINICAL & COMMUNITY TRAINING AT DISTRICT HOSPITAL
WELL STOCKED LIBRARY
WELL FURNISHED LABORATORY
EXPERIENCED FACULTY
7008574264, 7008502484, 8249846581
8093705969, 6370048322, 7008432896

## ଏସ୍ଏସ୍ ଶାନ୍ତି କ୍ଲବର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଗଣେଶ ଉତ୍ସବ

ବାଲେଶ୍ୱର,୩୧।୮ (ସମିସ): ଏସ୍ ଏସ୍ ଶାନ୍ତି କ୍ଲବର ରୌପ୍ୟ ଜୟନ୍ତୀ ଉପଲକ୍ଷେ



ସପ୍ତାହ ବ୍ୟାପି ଶ୍ରୀ ଗଣେଶ ଉତ୍ସବ ପାଳନ କରୁଛି । ସ୍ଥାନୀୟ ସହଦେବଖୁଣ୍ଟା ବସଷ୍ଟାଣ୍ଡ ନିକଟସ୍ଥ ଗଧିବସାଠାରେ ଗଢି ଉଠିଥିବା ଏହି କ୍ଲବ ଆଜି ତାର ୨୫ ବର୍ଷ ପୂର୍ତ୍ତି ଉତ୍ସବ ବହୁ ଧୂମଧାମରେ ପାଳନ କରୁଅଛି ଓ ୨୭ ଅଗଷ୍ଟରୁ ଆରମ୍ଭ ହୋଇ ଆସନ୍ତା ୨ ସେପ୍ଟେମ୍ବରରେ ଏହାର ଭସାଣି ଉତ୍ସବ ପାଳନ ହେବ। ଅତି ଆକର୍ଷଣୀୟ ପ୍ରତିମୂର୍ତ୍ତି ସହିତ ପ୍ରତ୍ୟହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ମେଲୋଡି ସଂଗୀତ ରିୟାଜର କଳାକାର ମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ମଧ୍ୟ ହୋଇଛି ଓ ଭସାଣି ଉତ୍ସବ ନିମନ୍ତେ ସମ୍ବଲପୁରୀ ସିଂହ ବାଜା, ଢୋଲ ତାସା ଦଳ, କୀର୍ତ୍ତନ ଦଳ ଓ ଫେମସ ଡିଜେ ଗ୍ରୁପର କାର୍ଯ୍ୟକ୍ରମ ରହିଅଛି । ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ କାଉନସିଲର ଗୋପାଳ ଥାପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ କ୍ରମେ ଉକ୍ତ ଶ୍ରୀ ଗଣେଶ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହେଉଅଛି ଓ ସଭାପତି ବିଶାଲ ପାତ୍ରଙ୍କ ନେତୃତ୍ୱରେ ଏକ ସଶକ୍ତ ଯୁବ ଓ ଛାତ୍ର ବର୍ଗ ଉକ୍ତ କାର୍ଯ୍ୟକ୍ରମକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଉପଦେଷ୍ଟା ଉମାକାନ୍ତ କାନୁନଗୋ, ରାଜେନ୍ଦ୍ର ଦେହୁରୀ ଓ ସମ୍ପାଦକ ରାଜେଶ ଦଳାଇ ପ୍ରମୁଖ ଉତ୍ସବ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

## ପାଞ୍ଚଦିନିଆ ମଧ୍ୟସ୍ଥତା ତାଲିମ କର୍ମଶାଳା ଉଦ୍‌ଘାଟିତ



ବାଲେଶ୍ୱର, ୩୧।୮ (ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ମନୋନୀତ ୩୦ ଜଣ ଆଇନଜୀବୀଙ୍କ ପାଇଁ ୪୦ ଘଣ୍ଟିଆ ମଧ୍ୟସ୍ଥତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରି ସାମ୍ପ୍ରତିକ ସମୟରେ ବିକଳ୍ପ ବିବାଦ ସମାଧାନ ସମ୍ପର୍କରେ ଜନସାଧାରଣଙ୍କ ମନୋଭାବକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ସହ ସଚିବ ବିବେକ ସାସମଲ, ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଏବଂ ସମନ୍ୱୟ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷକ ନୀନା ଖରେ ଏବଂ ବରୁଣା ଭଣ୍ଡାରୀ, ବାଲେଶ୍ୱର ଜିଲ୍ଲା କୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ବାର୍ ଏସୋସିଏସନ୍ ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ତଥା ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ସୁମନ୍ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି, ଏହି କର୍ମଶାଳା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଶିକ୍ଷକ ଦାମୋଦର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୩୧।୮ (ସମିସ): ରୁଦ୍ରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସଂଘର ସଦସ୍ୟ ଦାମୋଦର ଦାଶଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅଧ୍ୟାପକ ପ୍ରଶାନ୍ତ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ରହ୍ମାନନ୍ଦ ଦାଶଙ୍କ ଅମର ଆତ୍ମାର ସଦଗତି ପାଇଁ ଭଜନ ପରିବେଷଣ ହୋଇଥିଲା। ସଭାରେ ଅଧ୍ୟକ୍ଷ ପିତାମ୍ବର ଦାସ,ଡ ଭାଗବତ ପ୍ରସଦେ ଦାସ,ବରିଷ୍ଠ ଆଇନଜିବୀ ବିଜୟ ପାଣିଗ୍ରାହୀ, ଏନଏସି ଉପାଧ୍ୟକ୍ଷ ଆୟେସନ ଖାନ,ନିରଞ୍ଜନ ସାହୁ,ସନ୍ତୋଷ ବେହେରା, ପ୍ରଦୀପ କୁମାର ବେହେରା,ବିଧାନଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। ବଡ ପୁଅ ସନ୍ତୋଷ କୁମାର ଦାସ ଧନ୍ୟବାଦ ଦେଇଥିଲେ।


**AISECT** RECRUITMENT OF VOCATIONAL TRAINERS & COORDINATORS

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 20,000/- per month. Age Limit: 18-45 years (As on 01/01/2025)** as per Govt. Rules. **Last Date of Application: 07.09.2025 (5:00 pm)**

Online Application Link https://www.aisect.org/Odisha-VT-VCrecruitment2025

Vocational Trainers' Qualifications & Experience:

| Sector | Districts | QUALIFICATIONS & EXPERIENCE |
|---|---|---|
| AGRICULTURE | Deogarh, Koraput, Kandhamal, Mayurbhanj & Kalahandi | Post-graduation in Horticulture from a recognized Institute/University, with at least 1 year work/teaching experience |
| TOURISM & HOSPITALITY | Deogarh, Koraput, Kandhamal, Mayurbhanj & Kalahandi | Diploma/Degree in Hotel Management from a recognized Institute/University, with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| APPAREL | Jharsuguda | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and clothing. |
| BEAUTY & WELLNESS | Jharsuguda | Diploma in Cosmetology/Beauty Therapy/ Beauty Culture from a recognized Institution Minimum 1 year working experience in the profession. |
| IT/ITES | Deogarh, Jharsuguda & Kalahandi | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/Information Technology) OR Graduate with PGDCA OR DOEACC A or B Level Certificate |
| RETAIL | Jharsuguda & Mayurbhanj | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference will be given to higher education with MBA (Retail Marketing) and PG Diploma in Retail Management. |
| AUTOMOTIVE | Deogarh, Jharsuguda & Kandhamal | Degree in Automobile Engineering /Mechanical Engineering from a recognized Institute /University, with at least 1 year work / teaching experience. Diploma in Automobile Engineering /Mechanical Engineering from a recognized Institute /University, with at least 3 year work/teaching experience or B.VOC in Automotive Engg. from the recogined Institute. |
| ELECTRONICS | Deogarh & Jharsuguda | B.E./B.Tech. in Electrical/Electronics/Telecommunication with 1 year experience in the relevant field. Or Diploma in Electrical/ Electronics/ Electronics/ Telecommunication from recognized board of technical education with 2 years experience in relevant field. |

**VOCATIONAL COORDINATOR: QUALIFICATION & EXPERIENCE :** Minimum 03 years of work experience post qualification of professional degree (Masters Degree) in related any one of above Domains(Sectors)/Rural Development/Management/MSW/Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification.

**DISTRICTs OF POSTING:** Kalahandi, Koraput, Kandhamal, Mayurbhanj, Deogarh & Jharsuguda. **Gross Salary : Rs.30,000/- PM**

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VT & VC will be given priority as per the Dept. Guidelines. Selected candidate will be asked to join within short notice of one week.

This is not a government job. Positions are purely contractual. Please do not use any unfair means. Apply fairly.

To Apply, Scan The QR Code

8260186138 Call Between 10:00 AM To 06:00 PM


## ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ମେଢ଼ ବିସର୍ଜନ

# ବିନା ଡିଜେରେ ବିସର୍ଜନ ଶୋଭାଯାତ୍ରା

ବାଲେଶ୍ୱର,୩୧।୮ (ସମିସ)

ଚଳିତ ବର୍ଷ ଗଣେଶ ପୂଜା ୨୭ତାରିଖି ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ଗତ ୨୯ତାରିଖରେ ସହରରେ ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଜି ଦ୍ୱିତୀୟ ପର୍ଯ୍ୟାୟର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଦିନ ବେଳୁ ବିଭିନ୍ନ ମଣ୍ଡପର ଗଣେଶ ମୂର୍ତ୍ତିଙ୍କୁ ସହର ଉପକଣ୍ଠ ନୁଣିଆଯୋଡ଼ି ଓ ବାଲିଘାଟ ଅଭିମୁଖେ ଶୋଭାଯାତ୍ରାରେ ନିଆଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲାପ୍ରଶାସନ ଏବଂ ଶାନ୍ତିକମିଟିର ପୂର୍ବ ନିଷ୍ପତି ଅନୁସାରେ ଶୁକ୍ରବାର ଠାରୁ ଏହି ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ଭସାଣୀ ଉତ୍ସବକୁ ସନ୍ଧ୍ୟା ସୁଦ୍ଧା ସାରିବେ ଲକ୍ଷ୍ୟରେ ଦିନ ବେଳୁ ଆରମ୍ଭ ହୋଇଯାଇଥିଲା ଶୋଭାଯାତ୍ରା।





ପ୍ରଥମ ଦିନରେ ଡିଜେ ପକ୍ଷରୁ ଶବ୍ଦର ମାତ୍ରା ଅଧିକ ଥିବାରୁ ସହରରେ ଏକ ପ୍ରକାର ଅଶାନ୍ତି ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଭସାଣୀରେ ଡିଜେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଭସାଣୀ ବିନା ଡିଜେରେ ହୋଇଥିବା ବେଳେ ମେଢ଼ରେ କେବଳ ଚାରୋଟି ବକ୍ସ ଲାଗିଥିବା ଜଣାଯାଇଛି। ଅନ୍ୟପଟେ ସହରରେ ମୋଟ ୧୫୫ଟି ମେଢ଼ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪୫ଟି ମେଢ଼ ବିସର୍ଜନ ହୋଇଥିବା ଆଜି ବାଲିଘାଟ ଠାରେ ୪୮ଟି ଏବଂ ନୁଣିଆଯୋଡି ଠାରେ ୧୭ଟି ମେଢ଼ ଅର୍ଥାତ ମୋଟ ୬୫ଟି ମେଢ଼ ବିସର୍ଜନ ହୋଇଛି। ବାକି ତୃତୀୟ ଦିବସ ଅର୍ଥାତ ମଙ୍ଗଳବାର ଏହା ସମ୍ପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ଆଜି ଦିନରେ ବିଭିନ୍ନ ମଣ୍ଡପରେ ଶୋଭାଯାତ୍ରା ବାହାରି ସିନେମାଛକରେ ଏକତ୍ରିତ ହୋଇଥିଲେ। କେତେକ କ୍ଲବ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଶୋଭାଯାତ୍ରାରେ ଠାକୁରଙ୍କୁ ବିସର୍ଜନ ପାଇଁ ନେଉଥିବା ଦେଖିବାକୁ ମିଳିଛି। ରଙ୍ଗୀନ ଆଲୋକ ମାଳା ସହ ସୁସଜ୍ଜିତ ଗାଡ଼ିରେ ଉପବେଷ୍ଟିତ ଠାକୁରଙ୍କ ଶୋଭାଯାତ୍ରା ଅଧିକ ଆକର୍ଷଣୀୟ ଦେଖାଯାଉଥିଲା। ଏହି ଶୋଭାଯାତ୍ରାକୁ ଦେଖିବା ପାଇଁ ସହର ରାସ୍ତାର ଦୁଇପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା। ସହରର ଅନ୍ୟାନ୍ୟ ଅଂଚଳ ଅପେକ୍ଷା ପାଣିଟାଙ୍କି ଛକରୁ କାଳୀମନ୍ଦିର ଛକ ପର୍ଯ୍ୟନ୍ତ ସାଇଲେନ୍ସ ଜୋନର ମଣ୍ଡପର ମୂର୍ତ୍ତି ବୁଢ଼ାବଳଙ୍ଗ ନଦୀର ବାଲିଘାଟରେ ବିସର୍ଜନ ପାଇଁ ଯାଉଥିବା ବେଳେ ଅନ୍ୟାନ୍ୟ କେତେକ ସ୍ଥାନର ମେଢ଼ ନୁଣିଆଯୋଡ଼ିକୁ ଯାଉଛନ୍ତି।

## ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ବାଲେଶ୍ୱର,୩୧।୮ (ସମିସ): ୧୫୦ ବର୍ଷରେ ପଦାର୍ପଣ କରିଥିବା ବାଲେଶ୍ୱର ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ରାମଧୁନ ବାଜିବା ସହିତ ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସବିତା ସାହୁ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ୱାୟତ ଶାସନ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ ସହ ବାଲେଶ୍ୱର ସହରର ଜନସାଧାରଣ,ପୌର ପରିଷଦର ସମସ୍ତ କାଉନସିଲର,ପୌରପାଳିକାର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଅଂଚଳର ସାମଗ୍ରିକ ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ଏଥିରେ ପୌରହିତ୍ୟ କରିବା ସହିତ ପୌର ପରିଷଦର ସମସ୍ତ ସଦସ୍ୟଙ୍କ ସମେତ ବାଲେଶ୍ୱର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ କାଉନସିଲର ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଦେଇଥିଲେ। ପୌରପରିଷଦରେ ସାଂସଦଙ୍କ ପ୍ରତିନିଧି ଚିତରଞ୍ଜନ ପଣ୍ଡାଙ୍କ ସମେତ କାଉନସିଲର ସଞ୍ଜିବ ଦାସ, ରାଧାକୃଷ୍ଣ ଦାସ, ଅନିନ୍ଦ୍ୟ କୁମାର ପଣ୍ଡା,ପଦ୍ମଲୋଚନ ଲେଙ୍କା,ଦେବାଶିଷ ସିଂ, ରଞ୍ଜିତା ମହାପାତ୍ର,ସସ୍ମିତା ନାଥ,ରୋଜାଲିନ ପାଣି, ସଲିମା ବିବି,ପ୍ରତିମା ବେହେରା,ପ୍ରିତିଲତା ସେଠୀ,ଭାରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୌରପାଳିକା କାର୍ଯ୍ୟାଳୟ ଠାରେ ପାର୍କିଂ ସେଡ ନିର୍ମାଣ ପାଇଁ ଶୁଭ ପ୍ରଦାନ କରାଯାଇଥିଲା। ପରେ ୧୯ ନଂ ୱାର୍ଡ ଅନ୍ତର୍ଗତ ଷ୍ଟେସନ ରାସ୍ତାରେ ମାର୍କେଟ କମ୍ପ୍ଲେକ୍ସର ଉପର ମହଲା ଦୋକାନ ଘର ଉଦଘାଟନ କରାଯାଇଥିଲା। ଏହା ସହିତ ବିଭିନ୍ନ ଜନକଲ୍ୟାନକାରୀ ପ୍ରକଳ୍ପର ଶୁଭାରମ୍ଭ ଓ ଉଦଘାଟନ କରାଯାଇଥିଲା।

## ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏସନ ବାଲେଶ୍ୱର ଶାଖାର ନିର୍ବାଚନ




ବାଲେଶ୍ୱର,୩୧।୮ (ସମିସ): ଆଜି ଗୋପାଳଗାଁସ୍ଥିତ ଆୟୁଷମାନ ଭବନ ପରିସରରେ ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏସନର ବାଲେଶ୍ୱର ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ତୃପ୍ତିରେଖା ପଣ୍ଡା, ଉପସଭାପତି ପଦ ପାଇଁ ବିଜୟ କୁମାର ମହାଳିକ, ସମ୍ପାଦକ ପଦ ପାଇଁ ପଙ୍କଜ କୁମାର ଜେନା,ସହ ସମ୍ପାଦକ(ଅର୍ଗାନାଇଜେସନ) ପଦ ପାଇଁ ସବ୍ୟସାଚୀ ଦାଶ,ସହ ସମ୍ପାଦକ(ଫାଇନାନସ) ପଦ ପାଇଁ ମିକସ୍ମିତା ସାହୁ, ସହ ସମ୍ପାଦକ(କୋ ଅଡିନେସନ) ପଦ ପାଇଁ ଚନ୍ଦନ କୁମାର ବଳିଆରସିଂ, ସହ ସମ୍ପାଦକ(କଲଚୁରାଲ) ପଦ ପାଇଁ ଗଣେଶଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ପଦବୀ ପାଇଁ ସୌମ୍ୟରାଣୀ ମଣ୍ଡଳ ଏବଂ ଅଡିଟର ପଦବୀ ପାଇଁ ଜ୍ୟୋତିର୍ମୟୀ ଜେନା ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ସେମାନଙ୍କ ବିରୋଧରେ ଅନ୍ୟ କେହି କୌଣସି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିନଥିବା ଯୋଗୁଁ ସେମାନେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ଗୌରୀବାରୀ ସେଠୀ ଦାୟିତ୍ୱ ତୁଲାଇଥିବା ବେଳେ ସହକାରୀ ନିର୍ବାଚନ ଅଧିକାରୀ ଭାବେ କନକଲତା ପାତ୍ର, ପୁଲିଂ ଅଧିକାରୀ(୧) ଭାବେ ସମନ୍ୱିତା ପଟ୍ଟନାୟକ ଏବଂ ପୁଲିଂ ଅଧିକାରୀ(୨) ଭାବେ ପ୍ରଭାତୀ ମୁଦୁଲୀ ନିର୍ବାଚନକୁ ପରିଚାଳନା କରିଥିଲେ।

## ଇସଲାମିକ ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର




ବାଲେଶ୍ୱର, ୩୧।୮ (ସମିସ): ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାଲେଶ୍ୱରର ଇସଲାମିକ ୟୁଥ କ୍ଲବ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ ବ୍ୟାଙ୍କ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଟାଉନ ଥାନାଧିକାରୀ ବିଜୟ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିଥିଲେ। କ୍ଲବର କର୍ମକର୍ତା ଶେଖ ଇବରାର ହୁସେନ, ଶେଖ ଇକବାଲ, ଇନାୟତ କାଦ୍ରୀ, ସର୍ଫରାଜ କାଦ୍ରୀ, ମୀର ଅରଶଦ ଅଲ୍ଲୀ, ଶେଖ ସହେଜାଦ, ସାହେବ କାଦ୍ରୀ, ୱାଲାୟାତ କାଦ୍ରୀ, ପରବେଜ ଆଲାମ,ଶେଖ ନେସାରଉଦ୍ଦିନ, ମୀର ଆକ୍ରମ, ଶେଖ ରଇସୁଦ୍ଦିନ, ଅନୱର କାଦ୍ରୀ, ସହେନାୱାଜ ହୁସେନ, ଶେଖ ତାରିକ, ଶେଖ ଆସିଫ, ରିୟାଜ କାଦ୍ରୀ, ଶେଖ ସାହିଲ, ଆଫ୍ରିଦି ଜାଫର, ସାଦଫ କାଦ୍ରୀ,ଇବରାଜ କାଦ୍ରୀ, ଜାଭେଦ କାଦ୍ରୀ,ଶେଖ ରିୟାଜୁଦ୍ଦିନ,ଶେଖ ସାଦଫ,ଶେଖ ସର୍ଫରାଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ଶେଷ ସୁଦ୍ଧା ମୋଟ ୪୭ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା।

## ‘ଭୂସ୍ଖଳନ ବିପଦ ଆକଳନ: ଭୂ-ବିଜ୍ଞାନ ପଦ୍ଧତି ଓ ବିଶ୍ଳେଷଣାତ୍ମକ ସଫ୍ଟୱେର୍ ଉପକରଣ’ ଶୀର୍ଷକ କର୍ମଶାଳା

ବାଲେଶ୍ୱର, ୩୧।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ‘ଭୂସ୍ଖଳନ ବିପଦ ଆକଳନ: ଭୂ-ବିଜ୍ଞାନ ପଦ୍ଧତି ଓ ବିଶ୍ଳେଷଣାତ୍ମକ ସଫ୍ଟୱେର୍ ଉପକରଣ’ ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ



କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। କର୍ମଶାଳାର ଆୟୋଜନ ସମ୍ପର୍କରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବର୍ତ୍ତମାନ ସମୟରେ ବିପର୍ଯ୍ୟୟ ପରିଚାଳନା-ଦକ୍ଷତା ବିକାଶର ଆବଶ୍ୟକତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଡ. ୟୁନୁସ୍ ଅଲି ପୁଲପଦନ ଯୋଗଦେଇ ଭୂସ୍ଖଳନ ଓ ଭୂଚଳନର ବିଭିନ୍ନ କାରଣ, ମୂଲ୍ୟାଙ୍କନ ପ୍ରକ୍ରିୟା ଓ ସଫ୍ଟୱେର୍ ଉପକରଣ ବ୍ୟବହାର ଉପରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ମାନବ ସମ୍ବଳ ବିକାଶ କେନ୍ଦ୍ରର ଡ. ରାଜଶ୍ରୀ ଦତ୍ତ, ଡ଼କ୍ଟର ପ୍ରହଲ୍ଲାଦ ଖିଲ, ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅଧ୍ୟାପକ ଅରୁଣ କୁମାର ନାୟକ, ଡ଼କ୍ଟର ସ୍ମୃତିରେଖା ସାହୁ, ଡ. ପଙ୍କଜିନୀ ମହାନ୍ତ ଓ ସଂଯୁକ୍ତ ପ୍ରଫେସର ରବୀନ୍ଦ୍ରନାଥ ହୋତା ସହ ଅନେକ ବିଶେଷଜ୍ଞ ତଥା ଅନୁଭବୀ ଶିକ୍ଷାବିତ ଉପସ୍ଥିତ ଥିଲେ। ଦୁଇଦିନର ବିଭିନ୍ନ ବୈଷୟିକ ଅଧିବେଶନରେ ଡ. ରାଜେଶ କୁମାର ଦାଶ, ଡ. ୟୁନୁସ୍ ଅଲି ପୁଲପଦନ ଓ ଡ. ବଙ୍କିମ ମହାନ୍ତ ନିଜ ଆଲୋଚନାରେ ଭୂସ୍ଖଳନର ପ୍ରକାର, ପରିଣାମ, ବର୍ତ୍ତମାନିକ ଅବସ୍ଥା ଓ ଭବିଷ୍ୟତ ପ୍ରସ୍ତୁତି, ସହଜ-ସ୍ୱୟଂଚାଳିତ ମାନଚିତ୍ରୀକରଣ, କୃତ୍ରିମ ବୁଦ୍ଧିମତା ଆଧାରିତ ଭୂସ୍ଖଳନ ମାପ, ଭଗ୍ନାବଶେଷ ପ୍ରବାହ ମଡେଲିଂ ଓ ବିଷୟ ସଂରଚନା ତଥା ବିଶ୍ଳେଷଣ ଉପରେ ଗଭୀର ଆଲୋଚନା କରିଥିଲେ। ଉଦ୍‌ଯାପନୀ ବୈଠକରେ କୁଳପତି ଶ୍ରୀ ତ୍ରିପାଠୀ ଯୋଗଦେଇ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅରୁଣ ନାୟକ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ। ଡ. ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।

● ଲକ୍ଷ୍ନୌରେ ରଚନା ପ୍ରତିଯୋଗିତା

## ଏଫ୍ଏମ୍ୟୁ ଛାତ୍ରୀ ଅନିସା ଖାତୁନ ପ୍ରଥମ



ବାଲେଶ୍ୱର,୩୧।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଏମଏ ଦ୍ୱିତୀୟ ବର୍ଷ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀ ଅନିସା ଖାତୁନ ସଫଳତା ହାସଲ କରି ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି। ସମ୍ପ୍ରତି ବକ୍ସଇଉର୍ଦ୍ଦୁ ଆଦବ (ଲକ୍ଷ୍ନୌ)ରେ ବିଏ ଓ ଏମଏ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିଶିଷ୍ଟ ରଚନା ପ୍ରତିଯୋଗିତା ‘ସର ସଇଦ ଆହମଦ ଖାନଙ୍କ ସାହିତ୍ୟିକ ସେବା’ ବିଷୟରେ ଆୟୋଜିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଅନିସା ଖାତୁନ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶୀଘ୍ର ପୁରସ୍କାର ଓ ସାର୍ଟିଫିକେଟ୍ ଗ୍ରହଣ କରିବା ପାଇଁ ଲକ୍ଷ୍ନୌ (ୟୁପି) ଯିବେ। ଏହି ସଫଳତା ପାଇଁ ତାଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଛନ୍ତି।

## ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ




ବାଲେଶ୍ୱର,୩୧।୮ (ସମିସ): ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପାଠପଢ଼ା ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଥିବା ବେଳେ ଅଭିଭାବକ ଓ ଶିକ୍ଷକମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ଜେନା ଏହି ଅବସରରେ କହିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ରଞ୍ଜନ ନାୟକ ଓ ରବୀନ୍ଦ୍ର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମଡର୍ଣ୍ଣ ପବ୍ଲିକ ସ୍କୁଲର ଦୁଇଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଶୋଭାଯାତ୍ରା ବାଲେଶ୍ୱର ସହରର ସର୍ଦ୍ଦାର ପଟେଲ ମାର୍ଗ ସ୍ଥିତ ସ୍କୁଲର କ୍ୟାମ୍ପସରୁ ବାହାରି ଷ୍ଟେସନ ଛକ, ପୋଲିସ ଲାଇନ ଛକ ଓ ଆଇଟିଆଇ ଛକ ଦେଇ ସହର ପରିକ୍ରମା ସହ ମେଡଘମ୍ପୁରୁ ସ୍ଥିତ କ୍ୟାମ୍ପସରେ ପହଁଚିଥିଲେ। ବିଦ୍ୟାଳୟର କ୍ରୀଡା ମୁଖ୍ୟ ପ୍ରଦୀପ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସାଇକ୍ଲୋଥନ

ବାଲେଶ୍ୱର,୩୧।୮ (ସମିସ): ହକି ଖେଳର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଦିବସ ଅଗଷ୍ଟ ୨୯କୁ ପ୍ରତ୍ୟେକ ବର୍ଷ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହଯୋଗରେ କ୍ରୀଡ଼ା ବିଭାଗ ପକ୍ଷରୁ ଅନୁରୂପ ଭାବେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ଦିବସ ପାଳିତ ହୋଇଯାଇଛି। ଏହି



ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାଇକ୍ଲୋଥନର ଶୁଭାରମ୍ଭ ହୋଇଥିଲା। ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏଥିରେ ଉପସ୍ଥିତ ରହି ଆଲୋକପାତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସାଇକ୍ଲୋଥନ ଅନୁଷ୍ଠିତ ହୋଇଥିଲା।


**Institute of Medical Science and Research** IMSR ESTD. 2020

Affiliated by : Odisha University of Health Science
Approved by : ONMRC, DMET & Department of Health & Family Welfare Govt. of Odisha



Announcing Admission for
● B.Sc. Nursing
● ANM ● GNM

Contact : 9178 69 8272 / 7381 45 9965 / 7978 01 7254

Kalidaspur, Near Utkal Vani, Opposite of Hotel Chandravaga
**Balasore**-756 003, Odisha
Email : imsrodisha@gmail.com, **Visit : www.imsr.co.in**

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଗୋଟିଏ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିପଦରେ ମହେନ୍ଦ୍ରଗିରି

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂଚନା ସତ ହୋଇଥାଏ ତେବେ ମହେନ୍ଦ୍ରଗିରି ପାଇଁ ସାଂଘାତିକ ସାବ୍ୟସ୍ତ ହେବ। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବାତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନିଷ୍ଟ କରିଚାଲିଛି।

ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନଙ୍କ ମତରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଜରିଆରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ହାତକୁ ନିଆଯିବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବ ପୁରାତନ ମୃତ୍ତିକା ଭାବେ ପ୍ରମାଣିତ। ପରିବେଶବିତ୍‌ମାନଙ୍କର ଆଶଙ୍କା ଅନୁଯାୟୀ, ଯଦି ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରେ ତେବେ ଧୀରେଧୀରେ ବାହ୍ୟ ତତ୍ତ୍ୱର ଅନୁପ୍ରବେଶ ଘଟିବ। ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଧୀରେ ଧୀରେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବବିବିଧତା ଚାଲିଯିବ। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେବ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

ଆମ ମତରେ ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଦିଗରେ ପରିବେଶ କର୍ମୀ ଓ ସ୍ଥାନୀୟ ଅଧିବାସୀ ଜାଗ୍ରତ ହେବା ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟାରମ୍ଭ ପୂର୍ବରୁ ବ୍ୟାପକ ବିଚାରବିମର୍ଶ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ପରିବେଶକର୍ମୀଙ୍କ ମତାମତକୁ ବିଶ୍ୱାସକୁ ନିଆଯିବା ଉଚିତ ହେବ। ଅପରିମାଣଦର୍ଶୀ ନିଷ୍ପତ୍ତି ଯୋଗୁଁ ଯଦି ଐତିହାସିକ ପୌରାଣିକ କୀର୍ତ୍ତିରାଜି ବିମଣ୍ଡିତ ମହେନ୍ଦ୍ରଗିରି ଶ୍ରୀହୀନ ହୋଇପଡ଼େ ତେବେ ଇତିହାସ କ୍ଷମା ଦେବ ନାହିଁ। ଉଜୁଡ଼ିବା ପରେ ହୃତଗୌରବର ପୁନରୁଦ୍ଧାର ପୂର୍ବରୁ ତାହାର ସୁରକ୍ଷା ସର୍ବୋପରି। ଆଶା ଆମ ଶାସନ-ପ୍ରଶାସନ-ସମାଜିକ ବ୍ୟବସ୍ଥାର ସବୁସ୍ତର ଏହାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ନେବେ।

# ବହି ଧରି ପରୀକ୍ଷା: ଏକ ଅନାବଶ୍ୟକ ପ୍ରୟାସ

ସତ୍ୟକାମ ମିଶ୍ର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ବର୍ଷ ନଭେମ୍ବର ମାସରୁ ୯ମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ପ୍ରବର୍ତ୍ତନ କରିବାକୁ ଘୋଷଣା କରିଛନ୍ତି। ୨୦୧୪ ମସିହାରେ ପରିଷଦ ଅନୁରୂପ ପଦକ୍ଷେପ ନେଇଥିଲେ। କିନ୍ତୁ ଶିକ୍ଷାଦାନ ଓ ଅଧ୍ୟୟନ କ୍ଷେତ୍ରରେ ଏହି ବ୍ୟବସ୍ଥାର କୌଣସି ସକାରାତ୍ମକ ପ୍ରଭାବ ଅନୁଭୂତ ନହେବା କାରଣରୁ ତାହାକୁ ବାତିଲ କରି ଦିଆଯାଇଥିଲା। ଅତୀତରେ ଅସଫଳ ହୋଇଥିବା ଏହି ବ୍ୟବସ୍ଥାକୁ ନୂଆ ଶିକ୍ଷାନୀତିର ଦ୍ୱାହି ଦେଇ ପୁନଶ୍ଚ ପ୍ରଚଳନ କରିବା ଉଦ୍ୟମରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେ ଇତିହାସ ଓ ଅନୁଭୂତିରୁ କିଛି ଶିକ୍ଷା ଲାଭ କରୁନାହୁଁ।

ଓଡ଼ିଆରେ ଗୋଟିଏ ରୂଢ଼ି ଅଛି, 'ଖଡ଼ା ବଡ଼ି ଥୋଡ଼ା, ଥୋଡ଼ା ବଡ଼ି ଖଡ଼ା'। ଏହି ଉକ୍ତିର ଅର୍ଥ ହେଲା, କୌଣସି ନବସୃଜନ ପରିବର୍ତ୍ତେ ଗୋଟିଏ ପୁରୁଣା ବା ପ୍ରଚଳିତ ବ୍ୟବସ୍ଥାକୁ ନୂଆ ନାଁ ଦେଇ ଉପସ୍ଥାପନ କରିବା। ମୌଳିକ ଉପାଦାନରେ କୌଣସି ପରିବର୍ତ୍ତନ ନକରି କେବଳ ନୂଆ ଢଙ୍ଗରେ ତା'କୁ ପ୍ରକାଶ କରିବା। ସୀମିତ ଚିନ୍ତନ ଶକ୍ତି ଓ ସ୍ୱଳ୍ପ ଅନୁଭବ ସମ୍ପନ୍ନ ନୀତି ନିର୍ଦ୍ଧାରକମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ପ୍ରତାରିତ କରନ୍ତି। ସଂସ୍କାର ଆଳରେ ସମୟ ପରୀକ୍ଷିତ ବ୍ୟବସ୍ଥାରେ ଅନାବଶ୍ୟକ ପରିବର୍ତ୍ତନ କରି ବ୍ୟବସ୍ଥାର ସନ୍ତୁଳନକୁ ନଷ୍ଟ କରନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥାର ପୁନଃ ପରୀକ୍ଷଣ ଏହିଭଳି ଏକ ଅବାଞ୍ଛିତ ଉଦ୍ୟମ ଭଳି ପ୍ରତୀୟମାନ ହୁଏ।

ସ୍ୱାଧୀନତା ପରେ ଶିକ୍ଷାବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ତତ୍କାଳୀନ ଅଧ୍ୟକ୍ଷ ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ୧୯୬୪ ମସିହାରେ ଏକ ଜାତୀୟ ଶିକ୍ଷା ଆୟୋଗ ଗଠନ କରିଥିଲେ, ଯାହାକି 'କୋଠାରୀ କମିସନ' ନାମରେ ଖ୍ୟାତ। ଏହି ଆୟୋଗ ଦେଶରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଜାତୀୟ ଶିକ୍ଷା ନୀତିଗୁଡ଼ିକ ଅନୁସୃତ ହୋଇଥିଲା ସେ ସମସ୍ତ ନୀତି, ଏପରିକି ୨୦୨୦ର ନୂତନ ଶିକ୍ଷାନୀତି ମଧ୍ୟ କୋଠାରୀ କମିସନଙ୍କ ଅନୁମୋଦନଗୁଡ଼ିକୁ କେବଳ ଭିନ୍ନ ଶବ୍ଦ ଓ ଢଙ୍ଗରେ ପ୍ରକାଶ କରିଛନ୍ତି।

ଶିକ୍ଷା ହେଉଛି ଏକମାତ୍ର କ୍ଷେତ୍ର, ଯେଉଁଠି ନିର୍ବିଚାର ଭାବେ ପରୀକ୍ଷା ନିରୀକ୍ଷା ଚାଲିଥାଏ। ସରକାରୀ ବିଦ୍ୟାଳୟଗୁଡ଼ିକରେ ସବୁପ୍ରକାରର ପ୍ରୟୋଗ କରାଯାଇ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହୁଏ। ଅପରପକ୍ଷରେ ବିତ୍ତଶାଳୀ ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଜସ୍ୱ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାର ସ୍ୱାଧୀନତା ଥାଏ। ସମାଜର ପରିସ୍ଥିତି, ଲୋକମାନଙ୍କର ଆର୍ଥିକ ଅବସ୍ଥା, ନିଯୁକ୍ତି ବଜାରରେ ମାନବ ସମ୍ବଳର ଚାହିଦା ପ୍ରଭୃତିକୁ ଅଣଦେଖା କରି ଅନ୍ୟ ଦେଶରେ ଅନୁସୃତ ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ଆମେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଫଳରେ ଭୟାନକ ପରିସ୍ଥିତି ଉପୁଜିଥାଏ। ଆମେରିକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଶିକ୍ଷା ଅଧିକାର ଆଇନ୍ କରାଗଲା। ପ୍ରାଥମିକସ୍ତରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ପାଠ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ଆଗରୁ ମାଧ୍ୟମିକ ଶିକ୍ଷା ସହିତ ଥିବା ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ସ୍ତରରେ ସାମିଲ କରାଗଲା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବାର ସୁଯୋଗ ରହିଲାନି। ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ମିଳିଲେନି। ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଗଲା। ଫଳସ୍ୱରୂପ ମାଧ୍ୟମିକସ୍ତରରେ ପାଠ୍ୟକ୍ରମ ସହିତ ନିଜକୁ ଖାପଖୁଆଇ ନପାରି ବହୁ ପିଲା ସ୍କୁଲ ଛାଡୁଛନ୍ତି। ଏବେ ପୁନଶ୍ଚ ୫ମ ଓ ୮ମ ଶ୍ରେଣୀରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ପରୀକ୍ଷାର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ପୁନଶ୍ଚ ନବମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା କଥା ଉଠିଲାଣି।

ପୁସ୍ତକର ସାହାଯ୍ୟ ନେଇ ପରୀକ୍ଷା ଦେବା ପ୍ରଣାଳୀ ସପକ୍ଷରେ ବିଭିନ୍ନ ଯୁକ୍ତି ଅଛି। ଏଭଳି ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କୁ ପ୍ରତ୍ୟେକ ଧାରଣା ଓ ତତ୍ତ୍ୱକୁ ଠିକ୍ ଭାବେ ବୁଝି ହୃଦୟଙ୍ଗମ କରିବାକୁ ପଡ଼ିବ। ପାଠକୁ ଘୋଷି ମନେରଖିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷାର ଚାପ ଓ ଭୟ ହ୍ରାସ ପାଇ ସେମାନଙ୍କର ସୃଜନଶୀଳତାର ବିକାଶ ହେବ। ପାଠ୍ୟପୁସ୍ତକରେ ସନ୍ନିବେଶିତ ପ୍ରତ୍ୟେକ ସୂଚନାକୁ ସେମାନେ ମନେରଖିବା ଆବଶ୍ୟକ ହେବ ନାହିଁ। ଏହାବ୍ୟତୀତ ପୁସ୍ତକ ଦେଖି ସୀମିତ ସମୟ ସୀମା ଭିତରେ ଉତ୍ତର ଲେଖିବାର କଳା ବା ସମୟ ପରିଚାଳନା ବିଷୟରେ ସେମାନେ ସଚେତନ ହେବେ। ଏହି ପ୍ରଣାଳୀରେ ପରୀକ୍ଷା କରିବା ଦ୍ୱାରା ସେମାନଙ୍କର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ଶକ୍ତି ତଥା ବୋଧଗମ୍ୟତା, ପ୍ରୟୋଗାତ୍ମକ ଓ ସମସ୍ୟା ସମାଧାନ କରିବା ଦକ୍ଷତାର ବିକାଶ ହେବ। ଏହିଭଳି ବହୁତ ଯୁକ୍ତିର ଆଧାରରେ ଏହି ବ୍ୟବସ୍ଥାର ସମର୍ଥକମାନେ ପରୀକ୍ଷାରେ ପୁସ୍ତକ ବ୍ୟବହାର ପାଇଁ ଅନୁମୋଦନ କରିଥା'ନ୍ତି। ଉଚ୍ଚଶିକ୍ଷା, ବିଶେଷକରି ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ, ଏହା ପ୍ରଚଳନ କରିବା ସହଜ ଓ ବାଞ୍ଛନୀୟ ମଧ୍ୟ। କିନ୍ତୁ ବାସ୍ତବିକ ପରିସ୍ଥିତିକୁ ବିଚାରକୁ ନେଲେ ମାଧ୍ୟମିକ ସ୍ତରରେ ଏହି ପ୍ରଣାଳୀର ସଫଳ ପ୍ରୟୋଗ ସମ୍ଭବ ହେବ ନାହିଁ।

ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ଓ ଅଧ୍ୟୟନ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ନକରି ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବ ନୁହେଁ। ବିଶେଷକରି ବିଦ୍ୟାଳୟସ୍ତରରେ ପଢ଼ାଯାଉଥିବା ସମସ୍ତ ବିଷୟରେ ଏଭଳି ପରୀକ୍ଷା କରାଯାଇ ପାରିବ ନାହିଁ। ତାହାର କାରଣ ହେଲା ଭାଷା ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ପ୍ରଶ୍ନଗୁଡ଼ିକ ଜ୍ଞାନଭିତ୍ତିକ ହେବା ଆବଶ୍ୟକ। ଏହି ବିଷୟଗୁଡ଼ିକରେ ସଂପୂର୍ଣ୍ଣ ଭାବେ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଏଭଳି ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ହୋଇପାରେ। ଦ୍ୱିତୀୟରେ ଏହିସ୍ତରରେ ଭାଷା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ବିଶେଷକରି ମାତୃଭାଷା ଓ ଇଂରାଜୀ ଭାଷାରେ ଦକ୍ଷତା ପିଲାମାନଙ୍କୁ ଉଚ୍ଚଶିକ୍ଷା, ଗବେଷଣା ଓ ଜୀବନବ୍ୟାପୀ ଶିକ୍ଷାଲାଭ କରିବାରେ ସହାୟକ ହୁଏ। ଏ ଭଳି ପରୀକ୍ଷା ଦ୍ୱାରା ମେଧାବୀ ତଥା ସଚେତନ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ଭାଷା ଜ୍ଞାନ ଆହରଣ କରିବା ପ୍ରଭାବିତ ହୋଇ ନ ପାରେ। କିନ୍ତୁ ସାଧାରଣ ବିଦ୍ୟାର୍ଥୀମାନେ ପୁସ୍ତକ ଉପରେ ନିର୍ଭରଶୀଳ ହୋଇ ଭାଷା ଶିକ୍ଷାକୁ ଅବହେଳା କରିବାର ଆଶଙ୍କା ରହିଛି।

ଏହାବ୍ୟତୀତ ଏଇ ପ୍ରଣାଳୀରେ ପରୀକ୍ଷା କରିବା ପାଇଁ ପାଠ୍ୟପୁସ୍ତକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଗୋଟିଏ ଶ୍ରେଣୀର ସୀମିତ ପାଠ୍ୟକ୍ରମ ମଧ୍ୟରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ତେଣୁ ଏକା ପ୍ରଶ୍ନକୁ ବାରମ୍ବାର ପଚାରିବାର ସମ୍ଭାବନା ମଧ୍ୟ ଅଛି। ଏହାବ୍ୟତୀତ ଶିକ୍ଷାଦାନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ପୁସ୍ତକରେ ଥିବା ତତ୍ତ୍ୱକୁ ବ୍ୟାଖ୍ୟା କରିବା ଏବଂ ବାସ୍ତବ ଜୀବନରେ ସମସ୍ୟା ସମାଧାନରେ ତାହାର ପ୍ରୟୋଗ ବିଷୟରେ ଶ୍ରେଣୀଗୃହରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ, ଯାହା କି ସାଧାରଣ ଭାବେ ହୁଏ ନାହିଁ। ଏଥିପାଇଁ ଶିକ୍ଷକମାନଙ୍କୁ ବିଶେଷ ତାଲିମ ଦେବାର ଆବଶ୍ୟକତା ଅଛି।

ଖବର ମିଳୁଛି ଯେ ପରୀକ୍ଷାମୂଳକ ଭାବେ ଏହି ପରୀକ୍ଷା କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ତେଣୁ ଶିକ୍ଷାଦାନ ଓ ମୂଲ୍ୟାୟନ ଭିତରେ ସମନ୍ୱୟର ଅଭାବ ସୃଷ୍ଟି ହୋଇପାରେ। ଯେଉଁ ବ୍ୟବସ୍ଥା ଥରେ ଅସଫଳ ହୋଇଛି, ପୁନଶ୍ଚ ସେହି ବ୍ୟବସ୍ଥାକୁ ଶିକ୍ଷାଦାନ, ଅଧ୍ୟୟନ ଓ ପାଠ୍ୟପୁସ୍ତକରେ ଆନୁସଙ୍ଗିକ ସଂସ୍କାର ନକରି ପୁନଶ୍ଚ ପ୍ରଚଳନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ।

କଟକ, ମୋ: ୯୪୩୭୬୨୭୭୩୧୩

# ମାଟି-ମଣିଷର କଥା ଓ ବ୍ୟଥା

ସୁଶାନ୍ତ କୁମାର ମିଶ୍ର

'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଶରୀର ରକ୍ଷା ପାଇଁ ଅନ୍ନର ଉପଯୋଗିତା ଅପରିହାର୍ଯ୍ୟ। ବେଦ, ଉପନିଷଦ, ପୁରାଣ, ସାହିତ୍ୟ ଆଦି ଭାରତୀୟ ସଂସ୍କୃତିରେ କୃଷିପର୍ବର ମହିମା ଗାନ କରାଯାଇଛି। ଖ୍ରୀଷ୍ଟପୂର୍ବ ୨୯ରେ ଲାଟିନ୍ କବି ଭର୍ଜିଲ୍ ବିଶ୍ୱପ୍ରସିଦ୍ଧ 'ଜର୍ଜିକସ୍' କାବ୍ୟ ରଚନା କଲେ। କୃଷିରେ ଶ୍ରମର ମହିମାକୁ କହିବା ଆଳରେ ସେ କୃଷକ ଓ କୃଷି ସହିତ ମହୁମାଛି ଓ ମହୁଫେଣାକୁ ତୁଳନା କରିଛନ୍ତି। କଷ୍ଟ ସ୍ୱୀକାର କରି ଏ ଗଛରୁ ସେ ଗଛକୁ ଉଡ଼ିବୁଲି ମହୁମାଛି ମହୁ ସଂଗ୍ରହ କରି ସାଇତି ରଖିଥିବା ମହୁଫେଣାକୁ ଭାଙ୍ଗିଦେବା ପରେ ମଧ୍ୟ ମହୁମାଛି ନିଜ କାମରୁ ନିବୃତ ନ ହୋଇ ଅନ୍ୟସ୍ଥାନରେ ପୁଣି ମହୁଫେଣା ସୃଷ୍ଟି କରିଥାଏ। ସେହିଭଳି ଦୈବୀ ଦୁର୍ବିପାକରେ ବହୁଶ୍ରମ ଓ କଷ୍ଟାର୍ଜିତ ଫସଲ ନଷ୍ଟ ହୋଇଗଲେ ମଧ୍ୟ କୃଷକ ଧୈର୍ଯ୍ୟହରା ନ ହୋଇ ପୁଣି ସୁନାର ଫସଲ ସ୍ୱପ୍ନକୁ ସାକାର କରିବାକୁ ଖରାବର୍ଷାଶୀତରେ ବାହାରିପଡ଼େ।



ଗରିବ କୃଷକର ସ୍ୱପ୍ନ ଭାଙ୍ଗୁଥିବା ବ୍ୟବସ୍ଥା ପ୍ରତି ସର୍ବଦା ସାହିତ୍ୟରେ ସ୍ୱର ଉତ୍ତୋଳନ ହୋଇଛି। ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟ କହିଛନ୍ତି ଯେ ସଂଭ୍ରାନ୍ତ ଗୋଷ୍ଠୀ ଗରିବ ଉପରେ ସର୍ବଦା ବୋଝ। ରୁଷର କୃଷି ଦାର୍ଶନିକ ଟିଏମ୍ ବୋଣ୍ଡାରେଫଙ୍କ ପ୍ରଣୀତ 'ରୋଟି ଓ ପରିଶ୍ରମ' ନୀତି କହୁଛି ଯେ ସମସ୍ତ ମଣିଷ ନିଜ ପରିଶ୍ରମରେ ହିଁ ଖାଦ୍ୟ ଉତ୍ପାଦନ କରିବା ଆବଶ୍ୟକ। ଏହାକୁ ଟଲଷ୍ଟୟ ଗ୍ରହଣ କରିଛନ୍ତି ଏବଂ ଟଲଷ୍ଟୟଙ୍କ ଦର୍ଶନରେ ପ୍ରଭାବିତ ହୋଇଛନ୍ତି ମହାତ୍ମା ଗାନ୍ଧୀ। ସବୁପ୍ରକାର ପରିଶ୍ରମକୁ ମର୍ଯ୍ୟାଦା ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କୃଷକଙ୍କୁ ନ୍ୟାୟ ଦେବାକୁ ତାଙ୍କ ଚମ୍ପାରଣ ଆନ୍ଦୋଳନ ଜ୍ୱଳନ୍ତ ଉଦାହରଣ। ମାଟିର ମଣିଷ ପାଖରେ ହିଁ ଭଗବାନଙ୍କ ଉପଲବ୍ଧି ହୋଇଥାଏ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ସମେତ ମହାନ କବି ଓ ଦାର୍ଶନିକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଯେଉଁଠି ଅନ୍ନ ସେଠାରେ ହିଁ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ନିବାସ ବୋଲି କୃଷକ ସଂଗୀତରେ କହୁଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଉପନିଷଦରେ ବି କୁହାଯାଉଛି- ଅଦ୍ୟତୋଽତି ଚ ଭୂତାନି ତସ୍ମାଦନ୍ନ ତଦୁଚ୍ୟତେ। ଅହମନ୍ନ ମହମନ୍ନ ମହମନ୍ନମ୍।। ଅର୍ଥାତ ଈଶ୍ୱର ହିଁ ଅନ୍ନ। ତେଣୁ ଅନ୍ନକୁ ଉତ୍ପାଦନ କରୁଥିବା ମାଟିର ମଣିଷ ପାଖରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରିବ।

ସମାଜର ପୂଜ୍ୟପୂଜା ଧାରାରେ ମାଟିର ମଣିଷକୁ ସାମିଲ କରିବାର ଦୃଶ୍ୟ ବିରଳ। ବରଂ ସେ ଅନ୍ୟକୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିଥାଏ। ଚାଷୀଟିଏର ପ୍ରତିଛବି ଚିନ୍ତାକଲେ ମଳିମୁଣ୍ଡିଆ, ଅପାଠୁଆ, ଗରୀବ ଭଳି ଚିତ୍ରଟିଏ ଭାସିଆସେ ମନ ଭିତରେ। 'ଚାଷକାମ ଯାହାର କେଡେ ସୁଖ ତାହାର' ଭଳି ଫକ୍‌ତିକୁ ପାଥେୟ କରି ସିଏ ସବୁ ଦୁଃଖକୁ ସୁଖରେ ପରିଣତ କରିଥାଏ। ଦୁଃଖ ଅଭାବରେ କାଳାତିପାତ କରୁଥିଲେ ସୁଦ୍ଧା ଚାଷୀ କୌଣସି ପ୍ରତିକ୍ରିୟା ରଖେନାହିଁ। ବରଂ ଛାତିକୁ ପଥର କରି ସବୁ କଷଣକୁ ସୁଖ ବୋଲି ଉପଲବ୍ଧି କରେ। ଚାଷୀ କୌଣସି ଦାର୍ଶନିକଠାରୁ କମ ନୁହେଁ। ଚାଷୀ ସମାଜ ମୁହଁରେ ଅନ୍ନ ଦେଇ କେବଳ ହସ ଫୁଟାଇ ନଥାଏ, ସର୍ବଦା ସମାଜର ମଙ୍ଗଳ ଚିନ୍ତା କରିଥାଏ। ପୂଜ୍ୟପୂଜା, ସାମାଜିକ ସଂହତି, ଭ୍ରାତୃତ୍ୱ ଭାବର ପରିକଳ୍ପନା କରେ। ଲଙ୍ଗଳ ଜୁଆଳି, ହଳ ବଳଦ, ଖେତ ଖଳା, ପିତୃପୁରୁଷ, ଇଷ୍ଟ ଦେବତା, ଗୁରୁଜନ ସମସ୍ତଙ୍କ ଠାରେ ମୁଣ୍ଡ ନୁଆଁଏ। ସ୍ନେହ, ସରାଗ, ଆବେଗର ଗ୍ରାମୀଣ ଚିତ୍ର ତିଆରି କରେ। ରାଜସିଂହାସନ ଅଥବା କ୍ଷମତାର ମୋହ ବି ଭାତୃପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ।

ଏବେ କିନ୍ତୁ ବିଭିନ୍ନ ବାହ୍ୟ କାରକ, ଅପରିପକ୍ୱ ବ୍ୟବସ୍ଥା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଉଛି। କିନ୍ତୁ ସବୁ ସ୍ଥିତିରେ ଧୈର୍ଯ୍ୟ ଧରେ କୃଷକ। ଶତ୍ରୁ ମିତ୍ର ସମସ୍ତେ ତା' ଆଗରେ ସମାନ। ସାମ୍ୟବାଦର ସ୍ୱର ଭାସିଉଠେ ତା' କର୍ମରେ। ତେଣୁ ଚାଷୀର ମାନସିକତାକୁ ବୁଝିବାର ସମୟ ଆସିଛି। ସୁନ୍ଦର ଫୁଲ ଓ ଡାଳକୁ ମୋଡ଼ି ମକଚି ଫୁଲ ଡାଲି ଭର୍ତ୍ତି ହୋଇଥାଏ। କିନ୍ତୁ ଭାଙ୍ଗିଯାଉଥିବା ଗଛକୁ ଯତ୍ନକରି ଜୀବନ୍ୟାସ ଦେଇଥାଏ ମାଳି। ତେଣୁ ଡାଲି ନୁହେଁ ବରଂ ମାଳିଟିଏ ଭଳି କୃଷକର ମାନସିକତା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକର ଆତ୍ମକଥା'ରେ କୃଷକ କହୁଛି ଯେ- 'ରାତିରେ ମୋ ହାତରେ କଲମ, ଦିବସେ କୋଡ଼ି ବାଡ଼ି ହେ।' ଅର୍ଥାତ କର୍ମ ଜ୍ଞାନାଲୋକରେ ଆଲୋକିତ ଓ ଜ୍ଞାନ ମଧ୍ୟ କର୍ମାଭିମୁଖୀ ହେବା ଆବଶ୍ୟକ।

ଚାଷ କୃଷକ ହାତରୁ କର୍ପୋରେଟ ହାତକୁ ଉତ୍ତରିତ ହେଉଥିବାର ଭୟଙ୍କର ବିପଦ ଘନେଇ ଆସୁଛି। ବୈଶାଖର ଖରା, ଶ୍ରାବଣର ମୂଷଳଧାରା ଆଉ ମାଘର ହାଡ଼ଭଙ୍ଗା ଶୀତରେ ରକ୍ତକୁ ପାଣି ଫଟେଇ କୃଷକ ଧାନ ମୁଠାଏ ପାଇଥାଏ। ଧାନ ମୁଠାଏରୁ ତିଆରି ହୁଏ ଚାଷୀର ବାର୍ଷିକ ବଜେଟ୍। ଯେଉଁ ଧାନ ପାଇଁ ସମଗ୍ର ବିଶ୍ୱବାସୀ ଖାଇବାକୁ ପାଆନ୍ତି। କିନ୍ତୁ ଆଜି ସେହି ଧାନ ମୁଠାକ ପାଇଁ କୃଷକ ସଂଘର୍ଷ କରୁଛି। ବିସ୍ଥାପିତ ହେଉଛି କଳା କାଦୁଅରୁ କଳା ରାସ୍ତାକୁ। ବଦଳୁଛି ଜୀବନ୍ତ ସଂସ୍କୃତି। ପରିବର୍ତ୍ତନ ହେଉଛି ପେଟପାଟଣାର ଚିତ୍ର। ମାଟିର କଥା ଚିନ୍ତା କରୁଥିବା ମାଟିର ମଣିଷର କଥା ଆମେ ସମସ୍ତେ ଚିନ୍ତା କରିବାର ସମୟର ଆହ୍ୱାନ।

ତାଳପଦର(ବରଗଡ଼), ମୋ: ୯୯୩୮୨୭୭୬୩୫

# ଆମ ବୃକ୍ଷଲତା ଆମ ଜୀବନ

## ବାଇଡଙ୍କ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ବାଇଡଙ୍କ ଏକ ଲତା ଜାତୀୟ ଉଦ୍ଭିଦ, ଯାହା ସାରା ଭାରତରେ ବଢ଼ିଥାଏ ଏବଂ ଏହା ଆଫ୍ରିକା, ଏସିଆ, ଆମେରିକା, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର କିଛିଅଞ୍ଚଳ ସମେତ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବିସ୍ତାରିତ ହୋଇଥାଏ। ଏହି ଲତାର ସଂସ୍ପର୍ଶରେ ଆସିଲେ ଅତ୍ୟଧିକ କୁଣ୍ଡାଇ ହେବା ହେତୁ ଏହା କୁଖ୍ୟାତି ଅର୍ଜନ କରିଥାଏ; କିନ୍ତୁ ଏହାର ଔଷଧୀୟ ଗୁରୁତ୍ୱ ଅଧିକ।

ଏହା ଏକବାର୍ଷିକ ଶକ୍ତିଶାଳୀ ଗୁଳ୍ମ ଲତା, ଯାହା ୧୫ ମିଟରରୁ ଅଧିକ ଲମ୍ବ ହୋଇପାରେ। ଶୈଶବ ଅବସ୍ଥାରେ ଲତାଟି ମାରାତ୍ମକ ଲୋମ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ବଡ଼ ହେବା ପରେ ଲୋମମୁକ୍ତ ହୋଇଯାଏ। ପତ୍ରଗୁଡ଼ିକ ତିନୋଟି ଅଂଶ ସହିତ ଯୌଗିକ ଓ ତ୍ରିକୋଣୀୟ। ପତ୍ରର ପାର୍ଶ୍ୱଗୁଡ଼ିକ ପ୍ରାୟତଃ ବହୁତ ଖାଞ୍ଜିତ ଓ ଅଗ୍ରଭାଗ ସୂକ୍ଷ୍ମ। ଫଳଗୁଡ଼ିକ ଦେଖିବାକୁ ଶିମ୍ବ, ମଟର ବା ଛୋଟ ବିନ ଭଳି। ଫୁଲଗୁଡ଼ିକ ସୁନ୍ଦର ଧଳା କିମ୍ବା ବାଇଗଣୀ ରଙ୍ଗ ହୋଇପାରେ। ଫଳ ପାଚିବା ଅବସ୍ଥାରେ ୪-୧୩ ସେମି ଲମ୍ବା, ୧-୨ ସେମି ଚଉଡ଼ା ଥାଏ। ଫଳଗୁଡ଼ିକ ପ୍ରାୟ ସାତଟି ପର୍ଯ୍ୟନ୍ତ ବିହନ ବହନ କରନ୍ତି, ଯାହା ଚକଚକିଆ କଳା କିମ୍ବା ମାଟିଆ।

ଆୟୁର୍ବେଦିକ ଔଷଧି ଜଗତରେ ହଜାର ହଜାର ବର୍ଷ ଧରି ବାଇଡଙ୍କ ସ୍ୱୀକୃତି ଅର୍ଜନ କରିଛି। ଏହା ତ୍ରିଦୋଷିକ ସନ୍ତୁଳନ ପାଇଁ ଉପଯୋଗୀ। ଏହାକୁ ସ୍ନାୟୁ ରୋଗ, ବନ୍ଧ୍ୟାତ୍ୱ, ପାଚନ ବିକାର, ରକ୍ତ ସର୍କରା, ସାପକାମୁଡ଼ା ଆଦିର ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଓ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ବାଇଡଙ୍କରେ, ବିଶେଷକରି ଏହାର ବିହନରେ ଏଲ୍-ଡୋପା(ଖ- ଡୋପା-ଲେଭୋଡୋପା) ଉପାଦାନର ପରିମାଣ ଅପେକ୍ଷାକୃତ ଉଚ୍ଚସ୍ତର ଥାଏ। ଏଲ୍-ଡୋପା ହେଉଛି ନ୍ୟୁରୋଟ୍ରାନ୍ସମିଟର ଡୋପାମିନର ଏକ ଅତ୍ୟାବଶ୍ୟକୀୟ ଅଗ୍ରଦୂତ ବା ପୁରୋଗାମୀ। ମନୋଭାବକୁ ଉନ୍ନତ କରିବା ଓ ଭାବପ୍ରବଣତାକୁ ସ୍ଥିର ରଖିବାର କ୍ଷମତା ବାଇଡଙ୍କରେ ଅଛି। ଆୟୁର୍ବେଦ ଫାରମାସିରେ ବାଇଡଙ୍କ ଟାବଲେଟ୍, ପାଉଡର, ଟନିକ୍ ରୂପରେ ଉପଲବ୍ଧ। ତେବେ ଏଲ୍-ଡୋପା କିଛିଲୋକଙ୍କ କ୍ଷେତ୍ରରେ ସମ୍ବେଦନଶୀଳ, ବାନ୍ତି, କ୍ରାମ୍ପ ବା ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଗତି ବିକାର, ଥକ୍କାପଣ, କମ୍ପନ, ମୂର୍ଚ୍ଛା, ତୃଷା ଏବଂ ନିମ୍ନ ବା ସ୍ୱଳ୍ପ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିପାରେ। ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ। ସାଇକୋଜେଫ୍ରେନିଆ, ଗ୍ଲୁକୋମା, ହୃଦସ୍ରାବ, ଦୀର୍ଘକାଳୀନ ସ୍ନାୟୁ ଯନ୍ତ୍ରଣା ଓ ପେଟ ଅଲସର ଏବଂ ଯଦି ଜଣାଶୁଣା ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ଥାଏ ତେବେ ଏହାକୁ ଏଡ଼ାଇବା ଉଚିତ।

ଏବିଶ୍ୱର ଅନେକ ସ୍ଥାନରେ ବାଇଡଙ୍କଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଖାଦ୍ୟ ଓ ସବୁଜ ସାର ଫସଲ ଭାବରେ ବ୍ୟବହାର କରାଯାଏ। ଏହା ଏକ ଡାଲିଜାତୀୟ ଲତା ହୋଇଥିବାରୁ ବହୁ ପରିମାଣ ପୁଷ୍ଟିକର ପ୍ରୋଟିନ ଥାଏ ଏବଂ ଯବକ୍ଷାରଯାନ ଯୋଗାଏ। ଏହାର ତଟକା କୋମଳ ଡାଳ ଓ ଫଳକୁ ରୋଷେଇ କରି ଖିଆଯାଏ। ହିମାଳୟ ଅଞ୍ଚଳରେ ବିହନଗୁଡ଼ିକୁ ସିଝାଇ ଖିଆଯାଏ। ଇଣ୍ଡୋନେସିଆରେ, ବିଶେଷକରି ଜାଭାରେ, ଏହାର ଫଳକୁ କିଣ୍ୱନ କରି ଖାଆନ୍ତି, ଯାହାକୁ କୁହାଯାଏ 'ବେଙ୍ଗୁକ୍'। ରାଜସ୍ଥାନ ଓ ଆଖପାଖରେ ବାଇଡଙ୍କ ଚାଷ କରାଯାଏ। ବର୍ଷା ଦ୍ୱାରା ଜମି ଓଦା ହେବା ପରେ ଜୁଲାଇ ମାସରେ ବିହନ ସିଧା କ୍ଷେତରେ ବୁଣାଯାଏ। ତା'ପରେ ଫସଲ ନଭେମ୍ବର କିମ୍ବା ଡିସେମ୍ବର ମାସନରେ ପରିପକ୍ୱ ଫଳ ଅମଳ କରାଯାଇ ଶୁଖାଇ ବ୍ୟବହାର ପାଇଁ ପାଉଡରରେ ପରିଣତ କରାଯାଏ। ଭାରତରେ ଏହାର ଏକ ଉନ୍ନତ ଧରଣର ବିହନ 'ଝାଣ୍ଟୁ କାଞ୍ଚା' ଚାଷ କରାଯାଏ। ବାଇଡଙ୍କ ଫଳ ଏବଂ ବିହନ ଅମଳ ଏବଂ ପ୍ରକ୍ରିୟାକରଣ ଉଭୟ ସତର୍କତା ସାପେକ୍ଷ ଏବଂ ଶ୍ରମ ସାଧ୍ୟ। ବିହନ ପୋଡ଼ ବା ଫଳରେ ଥିବା କେଶରେ ସେରୋଟୋନିନ୍ ଓ ପ୍ରୋଟିନ୍ ମ୍ୟୁକୁନାଇନ୍ ଥାଏ, ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଗୁରୁତର କୁଣ୍ଡାଇ ହୁଏ। ତେଣୁ ନାଇଜେରିଆରେ ଏହାକୁ 'ଡେଭିଲ୍ ବିନ୍ସ୍' କୁହାଯାଏ। ବାଇଡଙ୍କଙ୍କୁ ଇଂରାଜୀରେ କାଉହେଗ୍ ବା 'ଯାଦୁକରୀ ଭେଲଭେଟ୍ ବିନ୍' କୁହାଯାଏ। ସମସ୍ୟାପୂର୍ଣ୍ଣ ଡାବୁ ଛଣ ଘାସ ପାଇଁ ଜୈବିକ ନିୟନ୍ତ୍ରଣ ଭାବରେ ବେନିନ୍ ଓ ଭିଏତନାମରେ ବାଇଡଙ୍କର ବ୍ୟବହାର ହୋଇଥାଏ। ଦକ୍ଷିଣ ଫ୍ଲୋରିଡାରେ ଏହାକୁ ଆକ୍ରମଣାତ୍ମକ କୁହାଯାଏ। ତେଣୁ ଏହାକୁ 'ସ୍ଲିପର ୱିଡ' ଓ 'ଅନାବନା ଉଭିଦ' ଭାବରେ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱାଇଲ୍ଡରେ ତାଲିକାଭୁକ୍ତ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗେଟ୍ ମାଧ୍ୟମରେ ଏଇଇ ପରୀକ୍ଷାକୁ ବିରୋଧ

## ଆବେଦନରୁ ବଞ୍ଚିତ ଗେଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଥିଲେ ବି ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପାଇଁ ଆବେଦନ କରିପାରୁନାହାନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଠାରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇ ଗେଟ୍ ମାଧ୍ୟମରେ ନିଯୁକ୍ତି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି, ଅନେକ ଇଞ୍ଜିନିୟରିଂ ପିଲା ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଅବଧି ୩ ବର୍ଷ ଥିବାରୁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଗ୍ରାଜୁଏସନ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯିବା ସହ ଗେଟ୍ ବଦଳରେ ଓପିଏସସି ଦ୍ୱାରା ପରୀକ୍ଷା କରିବାକୁ ଦାବି କରାଯାଇଛି।

ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପୂର୍ବରୁ ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା ପରିଚାଳନା କରୁଥିଲା। ୨୦୨୧ ମସିହାରେ ଏହାକୁ ବଦଳାଇ ଓପିଏସସି ବଦଳରେ ଗେଟ୍ ଦ୍ୱାରା ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ନିଯୁକ୍ତିରେ ଅଧିକ ସ୍ୱଚ୍ଛତା ପାଇଁ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ସରକାର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଉଛନ୍ତି। ସେମାନଙ୍କ କହିବା କଥା, ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା ଓପିଏସସି ପରିଚାଳନା କରୁଥିବା ବେଳେ ଏଭଳି ସ୍ୱଚ୍ଛତା ପ୍ରତି ଖୋଦ୍ ସରକାର ପ୍ରଶ୍ନ ଉଠାଇବା ଚିନ୍ତାଜନକ। ପଞ୍ଚାୟତିରାଜ ବିଭାଗ ପରି ଏକାଧିକ ବିଭାଗର ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା କରୁଥିବା ବେଳେ କେବଳ ଜଳ ସମ୍ପଦ ବିଭାଗ ଉଦ୍ଦେଶ୍ୟମୂଳକ ଭାବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏହାର ସମାଧାନ ରାଷ୍ଟ୍ର ସରକାର ବାହାର କରୁନଥିବା ସଂଗଠନର ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

**ବିଧାନସଭାରେ ପ୍ରସଙ୍ଗ ଉଠାଇବା ପାଇଁ ବିଧାୟକଙ୍କୁ ଚିଠି ଲେଖାଯିବ**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ଓପିଏସସି ବଦଳରେ ଗେଟ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ବିଜେପି ବ୍ୟାପକ ବିରୋଧ କରିଥିଲା। ଏପରିକି ବିଧାନସଭାରେ ଧ୍ୟାନ ଆକର୍ଷଣ (କଲିଂ ଆଟେନସନ୍) ନୋଟିସ୍ ମଧ୍ୟ ଆଣିଥିଲା। ଏବେ ସରକାରରେ ମନ୍ତ୍ରୀ ଥିବା ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ଏକାଧିକ ବିଧାୟକ ଦସ୍ତଖତ କରି ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ହେଲେ ସରକାରକୁ ଆସିଲା ପରେ ସେମାନଙ୍କ ଆଭିମୁଖ୍ୟ ବଦଳିଗଲା। ଏବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ବିଜେପି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଥଚ ରୋଚକ କଥା ହେଲା, ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ମଧ୍ୟ ଏଇଇ ପରୀକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି। କାରଣ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ୩ବର୍ଷ ମଧ୍ୟରେ ଏଇଇ ପରୀକ୍ଷା ହେବା ଆବଶ୍ୟକ। ଅନ୍ୟଥା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଅଯୋଗ୍ୟ ହୋଇଯିବେ। କେବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବ, ସେନେଇ କୌଣସି ସ୍ପଷ୍ଟତା ନଥିବା ବେଳେ ଆଶାୟୀମାନେ ପ୍ରତିବର୍ଷ ଗେଟ୍ ପରୀକ୍ଷା ଦେବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷା କିମ୍ବା ଅନ୍ୟାନ୍ୟ ପରୀକ୍ଷା ପାଇଁ ଆଉ ପଢ଼ି ପାରୁନାହାନ୍ତି। ଏଣୁ ଏହି ପ୍ରସଙ୍ଗରେ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ସମସ୍ତ ବିଧାୟକଙ୍କୁ ଆଶାୟୀମାନେ ପତ୍ର ଲେଖିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ସମୀର ରଞ୍ଜନ ସାହୁ, ସମ୍ପାଦକ ପ୍ରଶୟ ପ୍ରଧାନ, ଶେଖ୍ ସାଫିକ୍‌ଙ୍କ ସମେତ ବହୁ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସହରାଞ୍ଚଳ ବିକାଶର ପ୍ରତିଛବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୮ (ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହର ବାସିନ୍ଦାଙ୍କ ପାଇଁ ଏକାଧିକ ଘୋଷଣା କରିଛନ୍ତି। ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ୍ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଛବି। ତେଣୁ ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ଗର୍ତ୍ତମୁକ୍ତ ନରହେ, ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ଆସନ୍ତା ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳରରେ ଏହି କାମ ଶେଷ ହେବ। ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ, ସେଥିରେ ଯେପରି ଏ ସଂପର୍କିତ ଅଭିଯୋଗ ନ ଆସିବ, ସେଥିପାଇଁ ଧ୍ୟାନ ଦେବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ ତାଙ୍କ ଅଞ୍ଚଳର ରାସ୍ତା ଗର୍ତ୍ତମୁକ୍ତ ହୋଇସାରିଛି। ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ ଶେଷ ଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏହି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍ଆରଟିସି ବସ୍‌ଗୁଡ଼ିକରେ ମଧ୍ୟ ଲାଗୁ କରାଯିବ। ଏହାସହ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ ହୋଇଛି। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ରହିବ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍‌ସ-ଆପ୍ ବଟ୍ ସେବା ଆରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

# ନୋବେଲ ବିଜେତା ପ୍ରଫେସର୍ ମାଇକେଲ କ୍ରେମର୍‌ଙ୍କ କୃଷି ଭବନ ପରିଦର୍ଶନ



**ରାଜ୍ୟର ପାଣିପାଗ ଓ କୃଷି ଉପଦେଶ ମଡେଲର ପ୍ରଶଂସା**

ଭୁବନେଶ୍ୱର,୩୧।୮ (ସମିସ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ(କେଏସଏଚ୍) ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମତ ଦେଇଥିଲେ। ବୈଠକରେ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ ପଣ୍ଡାଙ୍କ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷ (ସିଆରସି) ର ସଦସ୍ୟମାନେ ଉପସ୍ଥିତ ଥିଲେ।

■ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଆ ଝିଅଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

# ଚନ୍ଦ୍ରଶେଖରପୁରରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

# ବିଧାନସଭା ଘେରିବ ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮ (ସମିସ): ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ଉଦାସୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେଉନାହିଁ। ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନନେଲେ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ଭବକୃଷ୍ଣ ମହାନ୍ତି, ଅମରେନ୍ଦ୍ର ସ୍ୱାଇଁ, ଶୁଭ୍ରଜିତ ପଡ଼ିଆରୀ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।


**AFFIDAVIT**

I, Pradip Kumar Nayak, S/o- Jayaram Nayak, Resident of Village: Kanaka, PO.: Kanaka, PS.: Khallikote, Dist- Ganjam, Pin-761028, Odisha declare by this Affidavit No. A/3046, Dated 30.08.2025, that now onwards I shall be known as **PRADIP NAYAK** for all future purposes.

**AFFIDAVIT**

By virtue of an affidavit (CF No. 81) sworn before The Executive Magistrate, Karlamunda on dated-30/08/2025. I, **Kavita Rana**, W/o Rajat Kumar Rana, resident of At- Sanrengali, Po- Rinja, Ps- M.Rampur, Dist- Kalahandi, Odisha, Pin-766031 declare that I have changed my name from **Kavita Pande** (old name) to **Kavita Rana** (new name). Henceforth, I shall be known as **Kavita Rana** (new name) for all future purposes.

**Kavita Rana**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କ ପ୍ରସ୍ତାବରେ...

ରାଜ୍ୟ ମଧ୍ୟରେ ଆଲୋଚନାରେ ସ୍ୱଚ୍ଛତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ନବୀନ କହିଥିଲେ। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ସେନେଇ ସ୍ୱଷ୍ଟତା ଆଣିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ ବୋଲି ନବୀନ ମତ ଦେଇଥିଲେ।

ଅପରପଟେ ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ, ଜଳ ବିଶେଷଜ୍ଞ ସରକାର କେବଳ ନିଜ ମଧ୍ୟରେ ଆଲୋଚନାକୁ ସୀମିତ ନ ରଖି ଏହାକୁ ସାର୍ବଜନୀନ କରିବାକୁ ଦାବି କରୁଛନ୍ତି। ମହାନଦୀ ବିବାଦ ଆଲୋଚନା ସମୟରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ ନିମନ୍ତେ ଦାବି କରି ଆସିଛନ୍ତି। ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ, ଜଳ ଆନ୍ଦୋଳନ ସହ ସମ୍ପୃକ୍ତ ସୁଦର୍ଶନ ଦାସଙ୍କ ସହ ରାଜ୍ୟର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନ ରଖି ଏଥିରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ମହାନଦୀ ବଞ୍ଚାଅ,ଜୀବିକା ବଞ୍ଚାଅ ଆନ୍ଦୋଳନ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଟ୍ରିବ୍ୟୁନାଲରେ କୌଣସି ମାମାଲାର ସମାଧାନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆପୋସ ସମାଧାନ ସ୍ୱାଗତଯୋଗ୍ୟ ହେଲେ ହେଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ସମସ୍ତ ଅଂଶୀଦାରଙ୍କୁ ତୁରନ୍ତ ଆଲୋଚନାକୁ ଡାକି ପରାମର୍ଶ କରନ୍ତୁ ବୋଲି ଶ୍ରୀ ଛୋଟରାୟ ଦାବି କରିଛନ୍ତି।

### ମାନବତା ପାଇଁ...

କିନ୍ତୁ ସମ୍ପୂର୍ଣ୍ଣ ଭରସା ଫେରିବାକୁ କିଛି ସମୟ ଲାଗିପାରେ। ଚୀନ୍ ସାମ୍ବାଦିକ ଏବଂ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମକୁ କୋହଳ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଣି ଥରେ ବ୍ରହ୍ମପୁତ୍ର ନଦୀର ତଥ୍ୟ ସେୟାର କରିବାକୁ ସହମତି ପ୍ରକାଶ ପାଇଛି। ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନରେ ଉଭୟେ ବହୁମୁଖୀ ବ୍ୟବସ୍ଥାକୁ ସମର୍ଥନ ଦେଉଛନ୍ତି। ତେବେ ଏଲଏସି ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚୀନ୍ ବ୍ରହ୍ମପୁତ୍ରରେ ବନ୍ଧ ନିର୍ମାଣ କରୁଥିବାବେଳେ ଭାରତ ଏହାକୁ ବିରୋଧ କରୁଛି। ପାକିସ୍ତାନ ସହ ଚୀନ୍‌ର ମଜବୁତ ସମ୍ବନ୍ଧ ଏହି କ୍ଷେତ୍ରରେ କିଛିଟା ସମସ୍ୟା ହୋଇପାରେ। ଅନ୍ୟପକ୍ଷରେ ଏହି ଦ୍ୱାପିକ୍ଷାକ ସମ୍ମିଳନୀ ପରେ ମୋଦୀ ଏସ୍‌ସିଓ ବୈଠକରେ ସାମିଲ ହୋଇଛନ୍ତି। ଏଠାରେ ସବୁ ନେତାଙ୍କ ସହ ମିଶି ମୋଦୀ ଗ୍ରୁପ ଫଟୋ ନେଇଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ମୋଦୀ ଅଣଦେଖା କରିଛନ୍ତି। ଏଠାରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଏହି ବୈଠକ ଉପରେ ତୀକ୍ଷଣ ନଜର ରଖିଛି। ଶୁଳ୍କକୁ କାଉଣ୍ଟର କରିବା ପାଇଁ ରୁଷ, ଚୀନ୍ ଏବଂ ଭାରତ ମଧ୍ୟରେ ବଡ଼ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ଏହି ସମ୍ମିଳନୀରେ ଭାରତ, ଚୀନ୍, ରୁଷ, ପାକିସ୍ତାନ, ତୁର୍କୀ ସମେତ ୯ ରାଷ୍ଟ୍ର ସାମିଲ ହୋଇଛନ୍ତି। ଏହା ଚୀନ୍ ଇତିହାସର ସବୁଠୁ ବଡ଼ ଏସ୍‌ସିଓ ସମ୍ମିଳନୀ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି, ମତଭେଦକୁ ବିବାଦରେ ରୂପ ନ ଦେବାକୁ, ଆହ୍ୱାନର ମିଳିତ ମୁକାବିଲା କରିବାକୁ, ସହମତି ପ୍ରକାଶ କରିଛନ୍ତି। ଉଭୟ ନେତା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

### ସ୍ତ୍ରୀ-ଶାଶୂଙ୍କୁ...

ଯୁକ୍ତି ବଢ଼ିବାରେ ଲାଗିଥିଲା। ପ୍ରିୟା ନିଜ ବାପଘର ସପକ୍ଷରେ ନେଇ ବେରୋଜଗାର ଥିବା ଯୋଗେଶଙ୍କୁ ଆକ୍ଷେପ କରି କହିଥିଲେ। ଫଳରେ ଯୋଗେଶ ରାଗିଯାଇଥିଲେ। ଯୋଗେଶ ଓ ପ୍ରିୟାଙ୍କର ଦୁଇଟି ପୁଅ ଅଛନ୍ତି। ଘଟଣା ସମୟରେ ଦୁଇ ପୁଅ ସ୍କୁଲ ଯାଇଥିଲେ। ଦୁଇ ପୁଅଙ୍କୁ ସ୍କୁଲକୁ ଆଣିବାକୁ ଯାଇ ଯୋଗେଶ ବୁଲୁଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା।

### ୧୬ ନୂଆ ଏନ୍‌ଏସି...

ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଛନ୍ତି। ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଛନ୍ତି ଓ ଏହି ନମ୍ବରକୁ "ସହର ସାଥୀ' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। "ସହର ସାଥୀ' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଛି।

### ଆଜିଠୁ ବଢ଼ିବ...

ଆକଳନ କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ବିଶେଷକରି ମାଲକାନଗିରି ଓ ନବରଙ୍ଗପୁରରେ ଏହି ତିନିଦିନ ୧୫-୨୫ ମିମି ଲେଖାଏଁ ବର୍ଷା ହେବ। ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସ୍ୱଳ୍ପ (୧୫ ମିମି ଲେଖାଏଁ) ଏବଂ ଅନ୍ୟାନ୍ୟ ସ୍ଥାନ ୧୦-୧୫ ମିମି ଲେଖାଏଁ ବର୍ଷା ହୋଇପାରେ। ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରରେ କାଁ ଭାଁ ହାଲୁକା ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ। ୪ ତାରିଖରେ ବିକ୍ଷିପ୍ତ ବର୍ଷା ହେବା ସହ ୫ ତାରିଖରେ ଉପକୂଳ, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ସ୍ୱଳ୍ପ ସ୍ଥାନେସ୍ଥାନେ ମଧ୍ୟମ ବର୍ଷା ହୋଇପାରେ। ୬ ତାରିଖରେ ସାରା ଓଡ଼ିଶାରେ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଭଲ ରହିବ। ଏହା ବ୍ୟତୀତ ବାକି ସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆକଳନ କରି ସାରା ଓଡ଼ିଶା ପାଇଁ ବର୍ଷା ଚେତାବନୀ ଜାରି ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୩୦-୪୦ ଓ ଝଟକା ପବନ ୫୦ କିମି ପହଞ୍ଚିବ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏହି ଲଘୁଚାପର ପ୍ରଭାବ ପରେ ପରେ ଅର୍ଥାତ ଆସନ୍ତା ୧୧-୧୨ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି।

### ପାଣିପାଗ କେନ୍ଦ୍ରରେ...

ଦେଓ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ଡ଼ପଲାର ରାଡ଼ାର ସମ୍ବଲପୁରରେ ଖୁବ୍‌ଶୀଘ୍ର ବସିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି।

୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଆଇଏମ୍‌ଡି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ବସାଇବାକୁ ନିଷ୍ପତ୍ତି ହୋଇଥିଲା। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୧୧ରୁ କୋଠା ନିର୍ମାଣ କାମ ଶେଷ କରିଥିଲେ। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଅନ୍ୟପଟେ ଗୋପାଳପୁର ରାଡାର ମଧ୍ୟ ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଛି। ଯାହାଫଳରେ ଆଇଏମ୍‌ଡି ଏବେ କେବଳ ପାରାଦୀପ ରାଡାର ତଥ୍ୟ ଉପରେ ଭରସା କରି ରହିଛି। ବଜ୍ରପାତର ପୂର୍ବାନୁମାନ ପାଇଁ ବାଲେଶ୍ୱର ଓ ସମ୍ବଲପୁର ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର କିଛି ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ। ହେଲେ ରାଡାର ପରିସର ମଧ୍ୟରେ ରାଜ୍ୟର ଏହି ଦୁଇ ପ୍ରମୁଖ ଅଞ୍ଚଳ ଆସିପାରୁ ନ ଥିବା ହେତୁ ପ୍ରତିବର୍ଷ ଏଠାରେ ଶତାଧିକ ଲୋକ ବଜ୍ରପାତ ଯୋଗୁଁ ପ୍ରାଣ ହରାଉଛନ୍ତି। ରାଡାର ସ୍ଥାପନ ପରେ ଅକାରଣରେ ଚାଲିଯାଉଥିବା ଜୀବନ ରୋକିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା ରହିଛି।

### ବେଆଇନ ବାଣ...

ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆହତଙ୍କୁ ସ୍ଥାନୀୟ ଲୋକ ହସ୍ପିଟାଲରେ ପହଞ୍ଚାଇଥିଲେ। ବାରାବଙ୍କିରୁ ଦମକଳ ଦଳ ଆସି ପହଞ୍ଚିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୨୦ କିମି ଦୂରରେ ଥିବା ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏହି ବିସ୍ଫୋରଣ ହୋଇଥିଲା। ଫରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି।


**ସର୍ବଭାରତୀୟ ସାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନଘର ଭଡା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ ।
୨. ଜନ୍ମ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ ।
୩. ରାସ୍ତାକଡ କିମ୍ବା ଗ୍ରାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗ୍ରହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ । ପଲିଥିନ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ ।
୮. ଗାଈଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ, ନିର୍ବାହୀ ଅଧିକାରୀ
ସସ୍ମିତା ରାଉତ, ଅଧକ୍ଷା
ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧକ୍ଷ
ଏବଂ ସମସ୍ତ କାଉନସିଲ ବୃନ୍ଦ

ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼

DSPL-233

**ଜଳେଶ୍ୱର ପୌର ପାଳିକା , ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ଉଚିତ ସମୟରେ ଗ୍ରୁପ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।



ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା



ଶ୍ରୀମତୀ ପୁଷ୍ପପ୍ରିୟା କାମିଳା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା



ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526

# ବନ୍ୟା ପରିଚାଳନାରେ ସରକାର ଅସମର୍ଥ: ଭୋଗରାଇ କଂଗ୍ରେସ




ଭୋଗରାଇ, ୩୧।୮ (ସମିସ): ସୁବର୍ଣ୍ଣରେଖାରେ ଆସିଥିବା କ୍ରମାଗତ ବନ୍ୟାରେ ଭୋଗରାଇ ବାସୀ ହନ୍ତସନ୍ତ। ପରିବର୍ତ୍ତିତ ରିଲିଫ କୋଡ ଅନୁସାରେ ସରକାରୀ ସହାୟତା ବନ୍ୟା ବାସୀଙ୍କ ପାଖରେ ପହଞ୍ଚିପାରିଲା ନାହିଁ। ଏପରିକି ବନ୍ୟାରେ ବହୁ ଘର ଭାଙ୍ଗିଯାଇଥିଲେ ମଧ୍ୟ ଗରିବ ଲୋକମାନଙ୍କ ପାଖରେ ଖଣ୍ଡିଏ ପଲିଥିନ ପହଞ୍ଚି ପାରିଲା ନାହିଁ। ତେଣୁ ଚଳିତବର୍ଷ ବନ୍ୟା ପରିଚାଳନାରେ ମୋହନ ସରକାର ସମ୍ପୂର୍ଣ୍ଣ ଅସମର୍ଥ ହୋଇଛନ୍ତି ବୋଲି ଆଜି ଭୋଗରାଇ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ସତ୍ୟଶିବ ଦାସ ଯୋଗ ଦେଇ କହିଥିଲେ ଯେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଚାଷୀମାନେ ତଳି ପକେଇବା ସମୟରେ ବନ୍ୟା ଆସି ତଳି ନଷ୍ଟ କରିଦେଲା। ପୁଣି ଚାଷୀମାନେ ଅନ୍ୟତ୍ର ଧାନ ତଳି କିଣିଆଣି ରୋପଣ କରିଥିଲେ। ମାତ୍ର ସେଗୁଡିକ ମଧ୍ୟ ଷଷ୍ଠ ବନ୍ୟାରେ ସବୁ ନଷ୍ଟ ହୋଇଯାଇଛି। ତେଣୁ ଶିଘ୍ର ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହିତ ଘର ଓ ଗୁହାଳ ଭାଙ୍ଗିଥିବା ଗରିବ ଲୋକଙ୍କୁ ପଲିଥିନ ଦେବା ପାଇଁ କଂଗ୍ରେସ ଦାବି କରୁଛି। ଯଦି ୧୫ ଦିନରେ ସରକାର ଏହି ଦାବିଗୁଡିକୁ ପୁରଣ ନ କରନ୍ତି ତେବେ ଆଗାମୀ ଦିନରେ ପ୍ରଶାସନ ଓ ଡବଲ ଇଂଜିନ ସରକାର ବିରୁଦ୍ଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଭୋଗରାଇକୁ ଏନଏସି ଘୋଷଣା ନକରିବା ସରକାରଙ୍କ ପାତର ଅନ୍ତର ନୀତିକୁ ମଧ୍ୟ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଓଡିଶାର ୨୫ଟି ଅଞ୍ଚଳକୁ ଏନ ଏ ସି ଘୋଷଣା କରିଥିଲେ ମଧ୍ୟ ଭୋଗରାଇକୁ ବାଦ୍ ଦେଇଛନ୍ତି। ତେଣୁ ଶୀଘ୍ର ଦେହୁର୍ଦ୍ଦା ଓ ଚନ୍ଦନେଶ୍ୱରଙ୍କୁ ଏନ ଏ ସି ଘୋଷଣା କରିବା ପାଇଁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, କାର୍ତ୍ତିକ ପାତ୍ର, ରାଧା ବିନୋଦ ଦାସ, ସରପଞ୍ଚ ମମତା ସାହୁ, ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଦଳାଇ, ଦୀପେଶ ରାୟ, ଦୀପକ ଜେନା ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ ଆଦି ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଗୋପବନ୍ଧୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା ପ୍ରଭାବିତଙ୍କୁ ରାଜ୍ୟ ସରକାରଙ୍କ ଉପହାସ

ବାଲିଆପାଳ, ୩୧।୮ (ସମିସ)



ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଜୁନ ମାସ ୨୦ତାରିଖ ଠାରୁ ଅଗଷ୍ଟ ୨୪ ମଧ୍ୟରେ ୬ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୩ଶହ ହେକ୍ଟରରୁ ଅଧିକ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ୨.୫ହଜାର ହେକ୍ଟରରୁ ଅଧିକ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବାକୁ ବସିଛି। ବନ୍ୟାର ପ୍ରଖର ସ୍ରୋତରେ ଭାସି ଯାଇ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବନ୍ୟା ପ୍ରଭାବିତ ଜନସାଧାରଣ ବର୍ଷକର ଖାଦ୍ୟ ଚିନ୍ତାରେ ଉଜୁଡା ଧାନ କ୍ଷେତକୁ ଚାହିଁ ଆଖିରୁ ଲୁହ ଝରାଉଛି। ତେବେ ୬୬ଦିନରୁ ୩୦ଦିନ ବନ୍ୟା ପାଣିଘେରରେ ରହି ପ୍ରତି ମୁହୂର୍ତ୍ତ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଜନସାଧାରଣଙ୍କୁ ସରକାରଙ୍କ ମାତ୍ର ସାତ ଦିନର ରିଲିଫ ଚାଉଳ ବନ୍ୟା ପ୍ରଭାବିତଙ୍କୁ ଉପହାସ ପରି ପ୍ରତିୟମାନ ହେଉଛି। ଲଗାତାର ବନ୍ୟାରେ ଉବୁଟୁବୁ ହେଉଥିବା ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତଙ୍କୁ ଭେଟି ସେମାନଙ୍କ ଦୁଃଖ ଲାଘବ କରିବାପାଇଁ ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ପର୍ଯ୍ୟନ୍ତ ସମସ୍ତେ ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତ ଜନସାଧାରଣଙ୍କୁ ଭେଟିବାକୁ ଆସିଛନ୍ତି। ପ୍ରତିକୂଳ ପାଗ ଯୋଗୁଁ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ ବାତିଲ ହୋଇଥିଲା। ତେବେ ବନ୍ୟା ପ୍ରଭାବିତଙ୍କ ଦୁଃଖ ଲାଘବ ହେବା ପରିବର୍ତ୍ତେ ବହୁ ଗୁଣିତ ହୋଇଛି। ଷଷ୍ଠ ଥର ଆସିଥିବା ବନ୍ୟା ୬ଦିନ କାଳ ଲୋକମାନଙ୍କୁ ଏକ ପ୍ରକାର ଜଳବନ୍ଦୀ କରି ରଖିଥିଲା। ମାତ୍ର ଗୋଟିଏ ଦିନର ଚୁଡା ବଡ ଲୋକଙ୍କୁ ୧କେଜି ଓ ୧୨ବର୍ଷରୁ କମ ବୟସ୍କ ମାନଙ୍କୁ ୫ଶହ ଗ୍ରାମ ଲେଖାଏଁ ସମୁଦାୟ ୪୩୩.୫୫ କୁଇଣ୍ଟାଲ ଚୁଡା ଓ ୪୩.୫୦ କୁଇଣ୍ଟାଲ ଗୁଡ ଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ୬ଥର ବନ୍ୟାରେ ପ୍ରଭାବିତ ଲୋକମାନଙ୍କୁ ପାଞ୍ଚ ଥର କେବଳ ଗୋଟିଏ ଦିନ ଲେଖାଏଁ ଚୁଡା ଦିଆଯାଇଥିବା ବେଳେ ଥରେ ମାତ୍ର ଚାଉଳ ଦିଆଯାଇଛି। ଯାହା ବନ୍ୟା ପ୍ରଭାବିତଙ୍କୁ ବ୍ୟଥିତ କରିଛି।

**୩୦ଦିନ ପାଣିଘେରରେ ଥିବା ବନ୍ୟା ପ୍ରଭାବିତଙ୍କୁ କେବଳ ଗୋଟିଏ ଥର ରିଲିଫ ଚାଉଳ**

# ରତାଇ ବଜାରରୁ ଜବରଦଖଲ ଉଚ୍ଛେଦ ଦାବି

ବାଲିଆପାଳ, ୩୧।୮ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପ୍ରାୟ ତେର ଏକର ସରକାରୀ ଜାଗାକୁ ସେହି ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ବାସଗୃହ, ଦୋକାନ, ସ'ମିଲ ନିର୍ମାଣ କରି ଭଡା ସୂତ୍ରରେ ଲଗାଇ ମୋଟା ଅଙ୍କରେ ଅର୍ଥ ଆଦାୟ କରି ମାଲେମାଲ ହେଉଛନ୍ତି। ଫଳରେ ଜାଗା ସଙ୍କୁଚିତ ହେବାରୁ ଗାଈଗୋରୁ ଚରିବା, ପିଲାମାନଙ୍କ ଖେଳକୁଦ, ଶବ ଦାହ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ବିଶେଷକରି ରତାଇ ବଜାରରେ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଦୋକାନ ଗୁଡିକ ରାସ୍ତା ଉପରକୁ ମାଡି ଆସିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବା ସହିତ ରାସ୍ତା ଜାମ ହେଉଛି, ଜରୁରୀ କାଳୀନ ସେବାରେ ବାଧା ଉପୁଜୁଛି। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ବାଲିଆପାଳ ତହସିଲଦାର, ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ପନ୍ଦର ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମ ମୁଖିଆ ବିଜୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୋରୋଜ ପାଢ଼ୀ, ହୃଦାନନ୍ଦ ରାଉତ, ସୁଶାନ୍ତ କୁମାର ସାହୁ, କମଳାକାନ୍ତ ନାୟକ, ମାର୍କଣ୍ଡ ରାଉତ, କମଳାକାନ୍ତ ରାଉତ, ନିରଞ୍ଜନ ରାଉତ, ସଚିନ୍ଦ୍ର ବାରିକ, ଦେବେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଚେତାବନୀ କହିଛନ୍ତି।

# ନବନିଯୁକ୍ତ ମହିଳା କମିଶନରଙ୍କ ଜଳେଶ୍ୱର ଗସ୍ତ



ଜଳେଶ୍ୱର, ୩୧।୮ (ସମିସ) : ରାଜ୍ୟରେ ନବନିଯୁକ୍ତ ମହିଳା କମିଶନ ଶୋଭନା ମହାନ୍ତି ଆଜି ଜଳେଶ୍ୱରକୁ ପ୍ରଥମ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ସକାଳେ ଶ୍ରୀମତୀ ମହାନ୍ତି ଜଳେଶ୍ୱରରେ ପହଂଚି ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଛାତ୍ରୀନିବାସରେ ଥିବା ଛାତ୍ରୀମାନଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ପରେ ଡାକବଂଗଳାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ବେଳେ ବିଜେପି କର୍ମୀ ଓ ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ରାଜେଶ ଖଟୁଆ, ସମୀର ପାତ୍ର, ଇନ୍ଦୁମତୀ ଗିରି, ସୁମତୀ ଦେ, ଶିବନାରାୟଣ ମହାପାତ୍ର, ତାପସ ପାଣିଗ୍ରାହୀ, ବିପ୍ଳବ ପ୍ରଧାନ, କାଳିଚରଣ ଦାସ, ମଧୁସୂଦନ ଦତ୍ତ, ତ୍ରୀଦିପ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ସଂଜୀବ ସେନାପତି, ଅନୁ ପ୍ରଧାନ, ଦେବଯାନୀ ଅଣ୍ଡିଆ, ହାସିରୁଦ୍ଦିନ ବକ୍ସ, ଅନନ୍ତ ଦାସ, ସୁମତୀ ରଣା, ସତ୍ୟ କର, ରବିନ୍ଦ୍ର ପ୍ରଧାନ, ପାର୍ଥ କର ପ୍ରମୁଖ ବହୁ କର୍ମୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସୋର, ୩୧।୮ (ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଥିବା ଜଣାପଡିଛି। ନୀଳଗିରି ଥାନା ସଜନାଗଡ ଗ୍ରାମର ଅନୀଲ ସିଂଙ୍କ ସ୍ତ୍ରୀ କୁନି ସିଂ ଗତ ୨୭ ତାରିଖରେ ବାପା ଘର ସିନ୍ଧୁଆକୁ ବୁଲିବାକୁ ଆସିଥିଲେ। କିନ୍ତୁ ଗତକାଲି ରାତିରେ ସେ ରୋଷେଇ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତ

ନୀଳଗିରି, ୩୧।୮ (ସମିସ): ନୀଳଗିରି ବଣସୀମା ସଜନାଗଡ ଅଞ୍ଚଳର ବରିଷ୍ଠ ପୁରୁଖା କଂଗ୍ରେସ ନେତା ବେହେରା ସାହି ଗ୍ରାମର ବୀରେନ୍ଦ୍ର ବେହେରା (୭୦)ଙ୍କ ଦେହାନ୍ତ ହୋଇଛି। ସେ ଥିଲେ ନୀଳଗିରି କଂଗ୍ରେସର କର୍ଣ୍ଣଧାର। ଦଳକୁ ସଂଗଠିତ କରିବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଅକାଳ ବିୟୋଗ ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, କଂଗ୍ରେସ ନେତା ଯଶୋଦା ନନ୍ଦନ ସିଂହ, ଚକ୍ରଧର ଦାସ ବାବୁ, ରାଧେଶ୍ୟାମ ଜେନା, ଦଇତାରୀ ବାରିକ, ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବଡ଼ ପୁତ୍ର ସୂର୍ଯ୍ୟ ବେହେରା ମୁଖାଗ୍ନି ଦେଇଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୩୧।୮ (ସମିସ): ନୀଳଗିରିରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଯୁବକ ଜଣକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବ୍ଲକ ଅନ୍ତର୍ଗତ ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ଗୌତମ ସିଂର ପୁଅ ବସନ୍ତ ସିଂ (୨୬) ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଲୁଚି ରହିଥିବା ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ ଫଳରେ ବସନ୍ତର ସମଗ୍ର ଶରୀର କ୍ଷତ ବିକ୍ଷତ ହୋଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ବସନ୍ତକୁ ବାରହମ୍‌ପୁର ମେଡିକାଲରେ ନେଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପୁଣି ନିଳଗିରି ମେଡିକାଲ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ରାଇବଣିଆ ଥାନା ପରିଦର୍ଶନ କଲେ ଏସ୍‌ପି

ଜଳେଶ୍ୱର ବ୍ଲକ, ୩୧।୮ (ସମିସ) : ବାଲେଶ୍ୱର ଜିଲ୍ଲାର ନୂତନ ଏସ୍‌ପି ଭାବେ ପ୍ରତ୍ୟୁଷ ଦିବାକର ଦାୟିତ୍ୱ ଗ୍ରହଣ କଲାପରେ ଗତ ଶନିବାର ଅଚାନକ ଭାବରେ ରାଇବଣିଆ ଥାନା ପରିଦର୍ଶନରେ ଆସିଥିଲେ। ଭାରପ୍ରାପ୍ତ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡାଙ୍କ ସହିତ ଥାନାର ସମସ୍ୟା ସମ୍ପର୍କରେ ବୁଝିଥିଲେ।

# ନୀଳଗିରି ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ



ନୀଳଗିରି, ୩୧।୮ (ସମିସ): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନୀଳଗିରି ଏନ୍.ଏ.ସି ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ଦ୍ୱାରା ପୂର୍ବାହ୍ନରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ନିଜର ଅଭିଭାଷଣ ରଖିଥିଲେ। ପରେ ନୀଳଗିରି ଏନ୍.ଏ.ସି ୧୧ ନଂ ୱାର୍ଡ୍ କ୍ଷେତ୍ରସନସାହି କଲ୍ୟାଣ ମଣ୍ଡପରେ ବୃକ୍ଷ ରୋପଣ ଓ ପରେ ମଣ୍ଡପ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସମେତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଓ ସମସ୍ତ କାଉନସିଲର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସୁରଞ୍ଜନ ମହାପାତ୍ର, ବିଦ୍ୟାଧର ଖଟୁଆ ଉପସ୍ଥିତ ରହିଥିଲେ।

# ଜଳେଶ୍ୱର ଲାୟନ୍ସ କ୍ଲବର ୨୭ତମ ଅଧିଷ୍ଠାନ ଦିବସ ପାଳିତ



ଜଳେଶ୍ୱର, ୩୧।୮ (ସମିସ) : ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ୨୭ତମ ଅଧିଷ୍ଠାନ ଦିବସ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ କ୍ଲବର ସଭାପତି ଲାୟନ ବିଷ୍ଣୁପଦ ମହାନ୍ତି ସଭାପତିତ୍ୱ କରି କ୍ଲବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ତହସିଲଦାର ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ଲବର ସଦସ୍ୟମାନେ ସେବା ଓ ତ୍ୟାଗକୁ ଆପଣାଇବାକୁ କହିଥିଲେ। ପୌରପାଳ ପ୍ରତୀପ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ଅଧିଷ୍ଠାନ ଅଫିସରଭାବେ ପିଡିଜି ଲାୟନ ପ୍ରକାଶ କୁମାର ଜେନା ଯୋଗଦେଇ ଲାୟନ୍ସ କ୍ଲବର ସଭ୍ୟମାନେ ସମାଜକୁ ଆଗକୁ ନେବା ଲାଗି ଚିନ୍ତା କରିବା ସହିତ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ସଭ୍ୟମାନଙ୍କୁ ସତ୍ୟପାଠ କରାଇବା ସହିତ ଚଳିତ ବର୍ଷର ନୂତନ କାର୍ଯ୍ୟକ ମାନଙ୍କୁ ମଧ୍ୟ ଶପଥପାଠ କରାଇଥିଲେ। ବିଷ୍ଣୁପଦ ମହାନ୍ତିଙ୍କଠାରୁ ସଭାପତି ଦାୟିତ୍ୱ ଆଣି ନୂତନ ସଭାପତି ଲାୟନ ପ୍ରଶାନ୍ତ ପ୍ରଧାନଙ୍କୁ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଂଚଳିତ ଚେୟାରପର୍ସନ ଲାୟନ ବନ୍ଦନା ମହାପାତ୍ର, ଜୋନ୍ ଚେୟାରପର୍ସନ ଲାୟନ ତପନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ଲାଗି ସଭାପତିଭାବେ ପ୍ରଶାନ୍ତ ପ୍ରଧାନ, ସଂପାଦକ ଭାବେ ଏସ୍‌କେ ସବିର, ଉପସଭାପତିଭାବେ ବିନୋଦ ସାହୁ, ଯୁଗ୍ମ ସଂପାଦକ ଭାବେ ଗିରିଜା ଶଂକର ଦାସ ଓ କୋଷାଧ୍ୟକ୍ଷ ଭାବେ କପିଳେଶ୍ୱର ମହାନ୍ତି ମନୋନୀତ ହୋଇଥିଲେ।

# ଶଙ୍ଖାରି ଇସ୍କନ ମନ୍ଦିରରେ ରାଧାଷ୍ଟମୀ

ଚନ୍ଦନେଶ୍ୱର, ୩୧।୮ (ସମିସ) : ଭୋଗରାଇରେ ଶଙ୍ଖାରିସ୍ଥିତ ଇସ୍କନ ଦ୍ୱାରା ପରିଚାଳିତ ରାଧା ଗୋପୀନାଥ ଜୀଉଙ୍କ ମନ୍ଦିରରେ ପବିତ୍ର ରାଧାଷ୍ଟମୀ ପର୍ବ ପାଳିତ ହୋଇ ଯାଇଛି। ଏହି ଅବସରରେ



ହଜାର ହଜାର ଭକ୍ତ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ କାଳିଦାସ ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କମଳା ଦାସ ଶଙ୍ଖାରିରେ ରାଧା ଗୋପୀନାଥଙ୍କ ମନ୍ଦିର ପ୍ରତିଷ୍ଠା କରି ଇସ୍କନ ହାତରେ ଟେକି ଦେଇଥିଲେ। ରବିବାର ରାଧାଷ୍ଟମୀ ଅବସରରେ ଅଭିଷେକ, ୧୦୮ ପ୍ରକାର ବ୍ୟଞ୍ଜନରେ ୫୬ଭୋଗ, କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିରର ମୁଖ୍ୟ ପରିଚାଳକ ବ୍ରଜ ସୁନ୍ଦର ଦାସ, ଲାବଣ୍ୟ ପ୍ରଭୁ ଦାସ, ସେବକ ଗୋପାଳ ଚନ୍ଦ୍ର ସାହୁ, ଭଗବାନ ଦାସ, ଭକ୍ତପ୍ରାଣ ଦାସ, ସଦାନନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।

# ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଶେଷ

ବାଲେଶ୍ୱର(ଉତ୍ତର), ୩୧।୮ (ସମିସ): ଚଳିତ ବର୍ଷ ସରକାରୀ ଧାନମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ଗତ ଅଗଷ୍ଟ ୨୫ତାରିଖରେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଜଳେଶ୍ୱର ଆରଏମ୍‌ସି ଅଧିନରେ ଥିବା ଉତ୍ତର ବାଲେଶ୍ୱରର ୩ଟି ବ୍ଲକ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ୍‌ରୁ ମୋଟ ୩୩୯୮୯ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ମାତ୍ର ସରକାରଙ୍କ ନୂତନ ନିୟମ ପାଇଁ ଆହୁରି ଅନେକ ଯୋଗ୍ୟ ଚାଷୀ ପଞ୍ଜିକରଣ କରିପାରି ନଥିବା ଜଣାପଡିଛି। ଚାଷୀଙ୍କୁ ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କା ମିଳୁଥିବାରୁ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଆଗ୍ରହ ଦେଖାଉଛନ୍ତି। ଗତ ୨୦୨୪-୨୫ ଖରିଫ୍ ଋତୁରେ ଭୋଗରାଇ ବ୍ଲକ୍‌ରେ ୯୪୯୭ ଜଣ, ଜଳେଶ୍ୱର ବ୍ଲକରେ ୭୯୮୯ ଓ ବାଲିଆପାଳ ବ୍ଲକରେ ୭୯୨୩ ଜଣଙ୍କୁ ମିଶାଇ ମୋଟ ୨୫,୪୦୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। କିନ୍ତୁ ଚଳିତ ଖରିଫ୍ ଋତୁ ପାଇଁ ଭୋଗରାଇ ବ୍ଲକରେ ସର୍ବାଧିକ ୧୨୪୯୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଜଳେଶ୍ୱର ବ୍ଲକ୍‌ରେ ୧୧୨୨୭ ଜଣ ଓ ବାଲିଆପାଳ ବ୍ଲକ୍‌ରେ ୧୦୨୬୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ସରକାର ପୁଣିଥରେ ଧାନ ପଞ୍ଜିକରଣ ପ୍ରକ୍ରିୟା ପୁଣି ୭ଦିନ ପାଇଁ ବଢ଼ାଇବା ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି। ଯଦି ଏହା ଘୋଷଣା ହୁଏ ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ ପୁଣି ସୁଯୋଗ ପାଇ ପାରିବେ। ଅନ୍ୟପକ୍ଷରେ ପଞ୍ଜୀକରଣ ଶେଷ ହୋଇଥିଲେ ବି ସରକାର ଧାନ କିଣିବା ପାଇଁ ପ୍ରକୃତରେ କେତେ ଟାର୍ଗେଟ ଦେଉଛନ୍ତି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

**୩ ବ୍ଲକ୍‌ରୁ ୩୩୯୮୯ ଚାଷୀ ପଞ୍ଜିକୃତ**

**ବାଦ ପଡ଼ିଲେ ବହୁ ଯୋଗ୍ୟ ଚାଷୀ**

# ପୋଖରୀରେ ପଡ଼ି ଯୁବତୀ ମୃତ


ସିମୁଳିଆ, ୩୧।୮ (ସମିସ): ପାଣି ଆଣିବାକୁ ଯାଇ ପୋଖରୀରେ ପଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ବାରିଙ୍ଗିଆ ଗ୍ରାମର ବାସୁଦେବ ମହାନ୍ତିଙ୍କ ଝିଅ ଗୌରୀ ମହାନ୍ତି (୨୨) ଆଜି ସକାଳେ ଘର ପଛ ପଟରେ ଥିବା ପୋଖରୀକୁ ପାଣି ଆଣିବାକୁ ଯାଇ ଆଉ ଫେରିନଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଯାଇ ଦେଖିବାରୁ ଗୌରୀ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଗୌରୀକୁ ଉଦ୍ଧାର କରି ସିମୁଳିଆ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଗୌରୀକୁ ମୃତ ଘୋଷଣା କରିଛନ୍ତି। ସିମୁଳିଆ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।

# ଦବିଲା ଫେଭର ବ୍ଲକ, ଫସିଲା ଟୁରିଷ୍ଟ ବସ୍



ନୀଳଗିରି, ୩୧।୮ (ସମିସ): ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଭକ୍ତଙ୍କ ସୁଅ ଛୁଟିଥାଏ। ହେଲେ ପୀଠର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବିଶେଷ ଭାବେ ପାର୍କିଂ ସ୍ଥଳର ଅବସ୍ଥା ଅତ୍ୟନ୍ତ ଖରାପ ଏବଂ ଉନ୍ନତୀକରଣ ପାଇଁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଉଦାସୀନ। ଏଠାରେ ଥିବା ପାର୍କିଂ ଷ୍ଟାଣ୍ଡ ଅବସ୍ଥା ଏବେ ବେହାଲ୍ ହୋଇ ପଡିଛି। ରବିବାର ଦିନ ଏକ ବେଙ୍ଗଲ ବସ୍ ଉକ୍ତ ପାର୍କିଂରେ ଦବି ଯିବାରୁ ବସଟି ବାହାରି ପାରୁ ନ ଥିବା ବେଳେ ସବୁ ଫେଭର୍ ବ୍ଲକ ଗୁଡ଼ିକ ଦବି ଯାଇଥିବାର ଦେଖିବାକୁ ମିଳିଛି। ଏଥିପାଇଁ ବହୁ ପର୍ଯ୍ୟଟକ ହିନସ୍ତା ହୋଇଥିବାର ଦେଖିବାକୁ ମିଳିଛି। ଆଗକୁ ପର୍ଯ୍ୟଟନ ଋତୁ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ପାର୍କିଂ ସ୍ଥଳର କାମ ହେବା ଆବଶ୍ୟକ, ନ ହେଲେ ପାର୍କିଂ ସ୍ଥଳ ଅତି ଖରାପ ଅବସ୍ଥାକୁ ଚାଲିଯିବ।

# କେଦାରପୁର ଗ୍ରାମରୁ ଡିଜେ ଜବତ



ସୋର, ୩୧।୮ (ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ କିଆରପୁର ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣି ବେଳେ ଏକ ଡିଜେକୁ ସୋର ଥାନାଧିକାରୀ ଜବତ କରି ଥାନାରେ ରଖିଛନ୍ତି। ସୂଚନା ଅନୁସାରେ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଭସାଣିରେ ଡିଜେକୁ ନିଷିଦ୍ଧ କରିଥିବା ବେଳେ ଆଜି ସନ୍ଧ୍ୟାରେ ଏହାକୁ ଖାତିର ନକରି କିଆରପୁର ଗ୍ରାମରେ ଗଣେଷ ଠାକୁର ଭସାଣି ସମୟରେ ବିକଟାଳ ଶବ୍ଦ କରି ଡିଜେ ବଜାଇଥିଲେ। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ଡିଜେ ଜବତ କରି ସୋର ଥାନାରେ ରଖିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ଘୋଷଣାରେ ଖଇରାର ସ୍ଥାନ ନାହିଁ

ଖଇରା, ୩୧।୮ (ସମିସ)

ରବିବାର ରାଜ୍ୟ ସରକାର ୧୬ଟି ସହରକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ପ୍ରଦାନ କରିଥିବା ବେଳେ ପୁଣିଥରେ ଖଇରା ଏହି ତାଲିକାରୁ ବାଦ ପଡିଛି। ୨୦୨୪ ମସିହା ମାର୍ଚ୍ଚ ୧୩ତାରିଖରେ ବିଜେଡି ସରକାର ସମୟରେ ଖଇରାକୁ ଘୋଷଣା କରାଯାଇଥିଲା ହେଲେ ଭାଜପା ସରକାର ଅମଳରେ ଏଗୁଡିକ ନୀତିନିୟମରେ ହୋଇନଥିବା ଦର୍ଶାଇ ଅଟକାଇ ଦିଆଯାଇଥିଲା। ଭାଜପା ସରକାରରେ ଖଇରାକୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ଖଇରାବାସୀ ଆଶାଭରସା ବାନ୍ଧିଥିଲେ। ହେଲେ ସରକାରର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣାରେ ଖଇରାକୁ ବଞ୍ଚିତ ରଖାଯିବା ପ୍ରତିବାଦରେ ଖଇରାର ବିଭିନ୍ନ ସଙ୍ଗଠନ, ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ପ୍ରତିବାଦରେ ବିଭିନ୍ନ ସଙ୍ଗଠନ ତରଫରୁ ଖଇରା ବଜାର ବନ୍ଦ ଓ ଆମରଣ ଅନଶନ ପାଇଁ ଆହ୍ୱାନ ଦିଆଯାଇଛି। ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଚୁଡାନ୍ତ ନିଷ୍ପତ୍ତି ନେବାକୁ ସୋମବାର ୧୦ଟାରେ ସବୁ ସଙ୍ଗଠନର ଏକ ମିଳିତ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନଏସି ଘୋଷଣା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅନଶନ ଜାରି ରହିବ ବୋଲି ଆବାଳ ବୃଦ୍ଧ ବନିତା ଚେତାବନୀ ଦେଇଛନ୍ତି। ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ ପଡିବା ଖଇରାର ସ୍ୱାଭିମାନ ପ୍ରତି କୁଠାରଘାତ। ନେତୃବୃନ୍ଦଙ୍କ ଆନ୍ତରିକତା ଅଭାବରୁ ଖଇରା ବାରମ୍ବାର ଅବହେଳିତ ହୋଇ ଆସୁଛି ବୋଲି ଖଇରା ବିକାଶ ପରିଷଦର ସମ୍ପାଦକ କମଳାକାନ୍ତ ନାୟକ ପ୍ରକାଶ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଖଇରା ଘୋଷଣା ହେବ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ପୁଣିଥରେ ଖଇରା ବୈମାତୃକ ଭାବ ପ୍ରଦର୍ଶନ କରାଯାଇଛି ବୋଲି ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା ହେବ ବୋଲି ବିଧାୟକ ପ୍ରତିଶୃତି ମଧ୍ୟ ଦେଇଥିଲେ। ହେଲେ ପୁଣିଥରେ ଖଇରାକୁ ପ୍ରତାରିତ କରାଯାଇଛି ବୋଲି ପ୍ରତିଭା ପରିବାରର ସଭାପତି ବସନ୍ତ କୁମାର ଖିଲାର କହିଛନ୍ତି। ସିମୁଳିଆବାସୀଙ୍କ ଦୟା ବିନା ଖଇରାକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ମିଳିବା ଅସମ୍ଭବ। ଏଣୁ ଘୋଷଣା ପାଇଁ ସିମୁଳିଆ ନେତାଙ୍କ ଆଶୀର୍ବାଦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ନେତା ହିମାଂଶୁ ବେହେରା ପ୍ରକାଶ କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଖଇରାବାସୀ ସିମୁଳିଆ ନେତାଙ୍କର ଗୋଡାଣିଆ ହୋଇଥିବେ ସେତେଦିନ ଖଇରା ଏହିଭଳି ଅବହେଳିତ ହେଉଥିବ। ଲଢେଇ ମିଳିତ ଭାବେ ହେବା ଦରକାର ବୋଲି ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଅନ୍ତର୍ଯାମୀ ପାତ୍ର କହିଛନ୍ତି। ତାଙ୍କ ସରକାରଙ୍କ ସମୟରେ ତାଙ୍କ ଉଦ୍ୟମରେ ଖଇରାକୁ ଏନଏସି ଘୋଷଣା କରାଯାଇଥିଲା। ହେଲେ ଭାଜପା ସରକାରଙ୍କ ତାଲିକାରେ ଖଇରା ନରହିବା ବିଡମ୍ବନା। ଖଇରାବାସୀଙ୍କ ସହ ସେ ବିରୋଧରେ ସାମିଲ ହେବେ ବୋଲି ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଗୋଟିଏ ଗୋଟିଏ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରୁଛନ୍ତି। ପର ପର୍ଯ୍ୟାୟରେ ଖଇରା କିଭଳି ହେବ ସେ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିବେ ବୋଲି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି।

**■ ଆଜି ସବୁ ସଙ୍ଗଠନର ମିଳିତ ବୈଠକ**

**■ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା**

## ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# କାୟା ବଦଳିଛି, ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

ହାଟଡ଼ିହୀ,୩୧।୮ (ସମିସ)







- ତୁରନ୍ତ ଖାଲି ପଦରେ କର୍ମଚାରୀ ନିଯୁକ୍ତି ଦାବି
- ଚିକିତ୍ସା ପାଇଁ ମେସିନ୍ ଥାଇବି ଲାଗୁନି କାମରେ
- ଫିଜିଓଥେରାପି ବ୍ୟବସ୍ଥା ଆସୁନି ରୋଗୀଙ୍କ କାମକୁ

ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ନିଯୁକ୍ତି ପାଇଥିବା ଡ଼ାକ୍ତର ସପ୍ତାହକୁ ୩ଦିନ ଆସୁଥିବା ବେଳେ ବାକି ୪ଦିନ ଏଏନଏମ୍, ଝାଡୁଦାର ଏବଂ ସୁରକ୍ଷକର୍ମୀଙ୍କ ଦ୍ୱାରା ରୋଗୀସେବା ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ଜାନୁଆରୀ ୩୧ତାରିଖରେ ଫାର୍ମାସିଷ୍ଟ ରାମଚନ୍ଦ୍ର ଜେନା ଅବସର ନେବା ପରେ ଫାର୍ମାସିଷ୍ଟ ପଦ ଖାଲି ପଡ଼ିଛି। ଗତ ୨୦୨୩ ଜୁଲାଇ ୩୧ତାରିଖ ଡ୍ରେସର ଭାବେ କାର୍ଯ୍ୟ କରୁଥିବା ହେମନ୍ତ ମଲ୍ଲିକଙ୍କ ଅବସର ପରେ ସେ ସ୍ଥାନ ମଧ୍ୟ ଖାଲି ପଡ଼ିଛି। ଗତ ୧୦ବର୍ଷ ଧରି ସନ୍ୟାସିନୀ ଓଝା ଏଏନଏମ୍ ଭାବେ କାର୍ଯ୍ୟ କରୁଛନ୍ତି। ମେଡିକାଲରେ ଡ଼ାକ୍ତର କିମ୍ବା ଫାର୍ମାସିଷ୍ଟ ଅନୁପସ୍ଥିତିରେ ସେ ତାଙ୍କ ଅଭିଜ୍ଞତା ଅନୁଯାୟୀ ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଔଷଧ ଦେଉଥା'ନ୍ତି। କିଛି ରୋଗୀ ଭଲ ହୁଅନ୍ତି ପୁଣି କିଛି ରୋଗୀ ଭଲ ହେଉ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ମେଡିକାଲରେ ଜଣେ ସୁରକ୍ଷାକର୍ମୀଙ୍କ ସହ ୨ଜଣ ଝାଡୁଦାର ଏବଂ ଜଣେ ଷ୍ଟାଫ୍ ନର୍ସ ଥିବା ଜାଣିବାକୁ ମିଳିଛି। ଅଧିକାଂଶ ସମୟରେ ଏଠାରେ ନିୟୋଜିତ ଷ୍ଟାଫ୍ ନର୍ସଙ୍କୁ ଡ୍ୟୁଟି ନେଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଉଥିବାରୁ ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଷ୍ଟାଫ୍ ନର୍ସ ସ୍ଥାନ ଖାଲି ପଡୁଛି। ଝାଡୁଦାର ତଥା ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା କର୍ମୀ ଜଣଙ୍କ ମେଡିକାଲରେ ଥିବା ରୋଗୀଙ୍କ ନାମଲେଖା ରେଜିଷ୍ଟରରେ ରୋଗୀଙ୍କ ନାମ ଲେଖିବା ସହ ଏଏନଏମ୍ କର୍ମୀଙ୍କ ପାର୍ଶ୍ୱ ଚୌକିରେ ବସି ଏଏନଏମଙ୍କ ନିର୍ଦ୍ଦେଶ ଅନୁସାରେ ରୋଗୀଙ୍କୁ ଔଷଧ ଦେଉଥିବା ଦେଖାଯାଉଛି; ଏପରିକି ହାର୍ଟବିଟ୍, ରକ୍ତଚାପ ଆଦି ଗୃହରକ୍ଷୀଙ୍କ ଦ୍ୱାରା ମପାଯାଏ ବୋଲି ସ୍ଥାନୀୟ ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜମ୍ବିରା, ପଦ୍ମାଡୋ ପଞ୍ଚାୟତର ଏକ ତୃତୀୟାଂଶ, ଢେଙ୍କା, ସଢ଼ା ଆଦି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରିଥା'ନ୍ତି। ଫିଜିଓଥେରାପି ବ୍ୟବସ୍ଥା ଥାଇବି ତାହା ରୋଗୀଙ୍କ ସେବାରେ ଲାଗୁ ନଥିବା ଅଭିଯୋଗ ହୋଇଛି। ଉନ୍ନତ ସ୍ୱାସ୍ଥ୍ୟସେବାକୁ ଲକ୍ଷ୍ୟ କରି ପୂର୍ବ ସରକାରଙ୍କ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ଦୁଇଟି ମେଡିକାଲ ବିଲଡିଂ ନିର୍ମାଣ ହୋଇଥିଲା ବେଳେ, ନା ଏଠାରେ କେହି ଷ୍ଟାଫ୍ ରହୁଛନ୍ତି ନା ଉନ୍ନତ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ହୋଇପାରୁଛି। ମୋଟାମୋଟି କହିବାକୁ ଗଲେ, ସପ୍ତାହର ତିନିଦିନ ବାଦ୍ ଦେଲେ ଅନ୍ୟ ୪ଦିନ କେବଳ ଜଣେ ଏଏନଏମ୍, ଦୁଇଜଣ ଝାଡୁଦାର ତଥା ଗୃହରକ୍ଷୀ ଏବଂ ଜଣେ ସୁରକ୍ଷକର୍ମୀଙ୍କ ଦ୍ୱାରା ମେଡିକାଲଟି ଚାଲୁଛି। ଆଧୁନିକ ଚାକଚକ୍ୟ ଭରା ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବା ମିଳିବା ନିହାତି ପକ୍ଷେ କଷ୍ଟସାଧ୍ୟ ହୋଇପଡୁଛି।

ପ୍ରକାଶ ଥାଉକି, ସୁନ୍ଦରାପାଳ ଅଞ୍ଚଳରେ ଓଡ଼ିଶା ପ୍ରସିଦ୍ଧ ମା'ଗଡ଼ଚଣ୍ଡୀଙ୍କ ପୀଠ ଅବସ୍ଥିତ। ଏଠାକୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିଲେ ସୁଦ୍ଧା ମେଡିକାଲ କର୍ମଚାରୀଙ୍କ ଅଭାବରୁ ଦୁର୍ଘଟଣାଗ୍ରସ୍ତଙ୍କୁ ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥାଏ। ପୂର୍ବ ଅପେକ୍ଷା ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରର କାୟା ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ସମସ୍ୟା ଦିଗରେ ଜିଲ୍ଲାପାଳ କେନ୍ଦୁଝର, ଉପଜିଲ୍ଲାପାଳ ଆନନ୍ଦପୁର ଏବଂ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଅଲେଖ ପାତ୍ର, ଧନୁର୍ଜୟ ମଲ୍ଲିକ, ପ୍ରଫୁଲ୍ଲ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଅଭିଷେକ ପ୍ରଧାନ, ପଙ୍କଜ ପାତ୍ର, ପ୍ରତାପ ଖଣ୍ଡେଇ, ରୁଦ୍ରନାରାୟଣ ପାତ୍ର, ଦେବାଶିଷ ପାତ୍ର, ରିତେଶ ପାତ୍ର, ରୁଦ୍ରପ୍ରସାଦ ମହାରଣା, କୃଷ୍ଣ ପାତ୍ର, ରତ୍ନାକର ସାହୁ, ଶରତ ପଲେଇ, ପ୍ରଶାନ୍ତ ଦେହୁରୀ, ଅଶୋକ ନାୟକ ପ୍ରମୁଖ ଦାବି କରିଛନ୍ତି।

## କେନ୍ଦୁଆ ଗୋରୁଗୋଠରୁ ଶବ ଉଦ୍ଧାର

ଆନନ୍ଦପୁର, ୩୧।୮ (ସମିସ): ଘସିପୁରା ଥାନା ଅନ୍ତର୍ଗତ କେନ୍ଦୁଆ ନିକଟସ୍ଥ ଗୋରୁଗୋଠ ଅଞ୍ଚଳରୁ କର୍ଣ୍ଣସ ଗ୍ରାମର ମନ୍ମଥ କୁଅଁରଙ୍କ ମୃତଦେହ ପରିବାର ଲୋକେ ଉଦ୍ଧାର କରିବା ପରେ ମୃତ୍ୟୁକୁ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଘସିପୁରା ପୁଲିସ ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହର ବ୍ୟବଚ୍ଛେଦ ହୋଇଥିବା ଜଣାପଡ଼ିଛି। ମୃତ କୁଅଁର ଆଜି ସକାଳୁ ନିଜଘରୁ ସାଇକେଲ ଯୋଗେ କେନ୍ଦୁଆ ଗ୍ରାମକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିବା ବେଳେ କେନ୍ଦୁଆ ଗୋରୁଗୋଠ ନିକଟରେ ମୃତଦେହ ଠାବ ହୋଇଥିଲା। ଶରୀରରେ କୌଣସି କ୍ଷତଚିହ୍ନ ନଥିବା ବେଳେ କେତେକ ସ୍ଥାନରେ ମଳିକମତା ଛାଡ଼ି ଯାଇଥିବା ଓ ଶରୀରର କେତେକ ସ୍ଥାନରେ ଛିଣ୍ଡି ଯାଇଥିବା ଭଳି ଦେଖି ପରିବାର ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ପୁଲିସ ଏହି ଘଟଣାର ସବିଶେଷ ତଦନ୍ତ କଲେ ପ୍ରକୃତ କାରଣ ଜଣାପଡ଼ିବ।

## ଥାଲାସେମିଆ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ରକ୍ତର ଅଭାବ

ଆନନ୍ଦପୁର, ୩୧।୮ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୧୫ ହଜାରରୁ ଅଧିକ ବୋଲି ଜଣାପଡ଼ିଛି। ମୁଖ୍ୟ ଚିକିତ୍ସା ପଦ୍ଧତିରେ ସବୁବେଳେ ରକ୍ତଗ୍ରହଣ କରି ବଞ୍ଚିବା ହିଁ ଏକମାତ୍ର ଉପାୟ। କିଛିଦିନ ହେବ ସରକାରଙ୍କ ଦ୍ୱାରା କରାଯାଉଥିବା ରକ୍ତଦାନ କାର୍ଯ୍ୟକ୍ରମ ଧୀମେଇ ଯାଇଛି। ଫଳରେ ଥାଲାସେମିଆ ରୋଗୀ ବଞ୍ଚିବା କଷ୍ଟକର ହୋଇପଡୁଛି। ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଆଗେଇ ଆସିଛନ୍ତି କିନ୍ତୁ ଏହା ରକ୍ତ ଅଭାବକୁ ପୂରଣ କରିପାରିନାହିଁ। ଫକୀରପୁର ଯୁବକ ସଙ୍ଘ ସହଯୋଗରେ ଏକ ରକ୍ତଦାନ କାର୍ଯ୍ୟକ୍ରମରେ ଥାଲାସେମିଆ ରୋଗୀଙ୍କ ସାହାଯ୍ୟ କରିବାକୁ ଉକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଥାଲାସେମିଆ ସଙ୍ଘର କାର୍ଯ୍ୟକର୍ତ୍ତା ରତିକାନ୍ତ ପୋଥାଳ ଓ ପ୍ରଣବ ମିଶ୍ର କହିଛନ୍ତି, ଦୁଇ ବୁନ୍ଦା ରକ୍ତରେ ବଞ୍ଚେ ଥାଲାସେମିଆ ରୋଗୀଙ୍କ ଜୀବନ। ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ରୋଗୀଙ୍କୁ ବଞ୍ଚିବାରେ ସାହାଯ୍ୟ କରନ୍ତୁ। ଅନ୍ୟପକ୍ଷରେ ସରକାର ନିରାପଦ ରକ୍ତଗ୍ରହଣ ନିମନ୍ତେ ପଦକ୍ଷେପ ନେଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଶ୍ରୀ ମିଶ୍ର ଓ ଶ୍ରୀ ପୋଥାଳ ଦାବି କରଛନ୍ତି।

## ଫକୀରପୁରରେ ବହୁମୁଖୀ ସେବାକେନ୍ଦ୍ର ଲୋକାର୍ପିତ




ଆନନ୍ଦପୁର, ୩୧।୮ (ସମିସ): ଆନନ୍ଦପୁର ପୌରପାଳିକା ତରଫରୁ ଫକିରପୁର ୯ ନଂ ୱାର୍ଡଠାରେ ନିର୍ମିତ ବହୁମୁଖୀ ସେବାକେନ୍ଦ୍ରକୁ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସେବାକେନ୍ଦ୍ର ଆଗକୁ ସ୍ଥାନିୟ ଜନସାଧାରଣଙ୍କ ସେବାରେ ଲାଗିବ। ଲୋକାର୍ପଣ ଉତ୍ସବରେ ପୌରାଧକ୍ଷା ରଜନିରାଣୀ ଖଟୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ, ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ପୌରାଧକ୍ଷାଙ୍କ ସମେତ ସମସ୍ତ କାଉନସିଲର ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପୌରପାଳିକା ତରଫରୁ ବିଭିନ୍ନ ଉନ୍ନୟନମୂଳକ କାମ ହାତକୁ ନେଇଥିବା କହିଛନ୍ତି ପୌରାଧକ୍ଷା। ପୌରାଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଥିବା ଏକ ଶବଦାହ ଗୃହର କାର୍ଯ୍ୟ ଆଗାମୀ ଏକମାସ ମଧ୍ୟରେ ଆରମ୍ଭ ହେବ ବୋଲି କହିଛନ୍ତି ପୌରାଧକ୍ଷା।

## ୨୨ କେଜି ଗଞ୍ଜେଇ ଜବତ; ୧୦ ଗିରଫ



ବଡ଼ବିଲ,୩୧।୮ (ସମିସ): ବଡ଼ବିଲ ପୁଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀ ସହ ୧୦ ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ମୁଖ୍ୟ ଗଞ୍ଜେଇ ମାଫିଆ, ବଡ଼ବିଲ ଧୋବିହଟିଂ ଅଞ୍ଚଳର ବାବୁଲି ବେହେରା(୬୦ ବର୍ଷ)। ସେ ବଡ଼ବିଲ ଅଞ୍ଚଳର କିଛି ଖୁଚୁରା ବେପାରୀଙ୍କୁ ଗଞ୍ଜେଇ ଚାଲାଣ କରୁଥିଲା। ପ୍ରଥମେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୯ ଜଣ ସେଡିଂବସ୍ତିର ଯତୀନ ସାହୁ, ଧୋବିହଟିଂର ଚନ୍ଦନ ଭଗତ, ଷ୍ଟେସନରୋଡର ଜୟରାମ ଦାସ, ବିପ୍ର ରାଉତ, ମହାନ୍ତବସ୍ତିର ଧିରେନ୍ ବାରିକ, କାଶିଆ ଗ୍ରାମର ରାଜକିଶୋର ବେହେରା, ସେରେଣ୍ଡା ଗ୍ରାମର କପିଲ୍ ସାହୁ, ନାଳଦାର ଅଜୟ ବେହେରା, ଏନଏସିହଟିଂର ଏମଡି. ଅସଗର ଓ ୪ ନମ୍ବର୍ ୱାର୍ଡର ଅର୍ଜୁନ କେଶରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସେମାନଙ୍କ ନିକଟରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇ ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ବୋଲି ଜଣାଯାଇଛି।

## ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



ରାମଚନ୍ଦ୍ରପୁର,୩୧।୮ (ସମିସ): ଭାରତର କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦ ସିଂଙ୍କ ଜନ୍ମ ଦିନ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଘସିପୁରା ବ୍ଲକ ସୁଆଁପଦାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ ଅଧ୍ୟକ୍ଷ ରଣଜିତ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେସ୍, ଭଲିବଲ୍, ପୋଷ୍ଟର ପେଣ୍ଟିଂ ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବିଭୁତିଭୂଷଣ ମହାନ୍ତିଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରେ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

## ଆନନ୍ଦପୁର ପୌରପାଳିକା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା



ଆନନ୍ଦପୁର,୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆନନ୍ଦପୁର ପୌରପାଳିକା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଇନ୍‌ଡୋର୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଅନ୍ତଃସ୍କୁଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବିଏନ୍ ହାଇସ୍କୁଲ, ଘସିପୁରା ଝାଡ଼େଶ୍ୱର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ଅପରାହ୍ଣ ୪ଟାରେ ଆନନ୍ଦପୁର ଷ୍ଟାଡିୟମରେ ଫୁଟ୍‌ବଲ୍ ମ୍ୟାଚ୍ ଆନନ୍ଦପୁର ମହାବିଦ୍ୟାଳୟ ଯୁକ୍ତ୨ ଏବଂ ଯୁକ୍ତ ୩ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୌରାଧକ୍ଷା ରାଜନୀରାଣୀ ଖଟୁଆଙ୍କ ପୌରୋହିତ୍ୟରେ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସଂଯୋଜନାରେ ପ୍ରତିଯୋଗିତା ହୋଇଥିଲା। କାଉନସିଲର କୃଷ୍ଣଚରଣ ସମ୍ବିତ ଦାସ, ରଶ୍ମିତା ବାରି, ମଣିଲତା ରାମ୍, ନିବେଦିତା ବେହେରା, ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ଲିନାରାଣୀ ସାହୁ, ସହକାରୀ ଯନ୍ତ୍ରୀ ସଂଗ୍ରାମ ବେହେରା, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ, ରାଜଶ୍ରୀ ମିଶ୍ର, ଶୁଭକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣୀ ହସପିଟାଲରେ ପ୍ରଥମ ଟିୟୁଆର୍‌ପି ଅପରେସନ୍



ଚମ୍ପୁଆ,୩୧।୮ (ସମିସ): ଉପାନ୍ତ ଅଞ୍ଚଳ ଚମ୍ପୁଆରେ ଚିକିତ୍ସା ସେବା ଯୋଗାଇ ଆସୁଥିବା ବେସରକାରୀ ମା'ତାରିଣୀ ହସପିଟାଲରେ ପ୍ରଥମ ଥର ପାଇଁ ଟିୟୁଆର୍‌ପି ସର୍ଜରୀ ସଫଳତାର ସହ ଶେଷ ହୋଇଛି। ଅଭିଜ୍ଞ ୟୁରୋଲୋଜିଷ୍ଟ ଓ ଆଣ୍ଡ୍ରୋଲୋଜିଷ୍ଟ ଡାକ୍ତର ସୌମ୍ୟରଂଜନ ବେହେରା ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ସର୍ଜରୀ ସଫଳ ହୋଇଥିଲା। ଚମ୍ପୁଆସ୍ଥିତ ପର୍ଶଲା ଗ୍ରାମର ୬୨ ବର୍ଷର ଗୁରୁଚରଣ ବୈଦ୍ୟଙ୍କର ଏହି ସଫଳ ଅସ୍ତ୍ରପ୍ରଚାର କରାଯାଇଥିବା ବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ମା ତାରିଣୀ ହସପିଟାଲ ମାଲିକ ଡ.ଗଣେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ଚମ୍ପୁଆ, ମୟୁରଭଂଜ, ଝାରଖଣ୍ଡ ଲୋକଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ଏହି ଚିକିତ୍ସାଳୟର ଲକ୍ଷ୍ୟ ହୋଇଥିବା ବେଳେ ଏଭଳି ଅପରେସନ କରାଗଲେ ସ୍ଥାନୀୟ ଅଞ୍ଚଳର ସ୍ୱସ୍ଥ୍ୟ ସେବାରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସୂଚନା ଦେଇଛନ୍ତି।

## ଯୁବ ରେଡ୍‌କ୍ରସ୍ ପକ୍ଷରୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୩୧।୮ (ସମିସ): ଯୁବରେଡକ୍ରସ୍ ପରିବାର ପକ୍ଷରୁ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁବରେଡକ୍ରସର ମାର୍ଗଦର୍ଶିକା ଗୀତାଞ୍ଜଳି ମିଶ୍ରଙ୍କ ସରକାରୀ ଚାକିରିରୁ ଅବସର ଉପଲକ୍ଷେ ଏକ ସଶ୍ରଦ୍ଧ ସମ୍ବର୍ଦ୍ଧନା ଉତ୍ସବ ଘଷିପୁରାସ୍ଥିତ ମା' ମଙ୍ଗଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଯୁବ ରେଡକ୍ରସ୍ ମାର୍ଗଦର୍ଶକ ଡ. କୁଳମଣି ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଇନ୍ଦିରା



ଶୁଭଦର୍ଶିନୀ ଦେବବନ୍ଦିତ ଚକ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କେନ୍ଦୁଝର ଯୁବ ରେଡକ୍ରସ୍ ପ୍ରିୟଜନ ସୁରେଶ ଆଚାର୍ଯ୍ୟ, ପ୍ରଫୁଲ୍ଲ ପଣ୍ଡା, ନିହାର ରଞ୍ଜନ ସାମଲ, ହିମାଂଶୁ ଶେଖର ମହାନ୍ତ, ସନ୍ତୋଷ ସେନାପତି, ନରେନ୍ଦ୍ର ଶତପଥୀ, ମହେଶ୍ୱର ପାତ୍ର, ଜଗବନ୍ଧୁ ଜେନା, ରିତା ଚାତରା, ବିଶ୍ୱରଂଜନ ଜେନା ଓ ସନ୍ଦୀପ ମହାନ୍ତ ସମେତ ରେଡକ୍ରସର ସମସ୍ତ ସ୍ୱେଚ୍ଛାସେବୀ ପଦ୍ମିନୀ ରାଉତ, ସୃତିପ୍ରଜ୍ଞା ଜେନା, ସୋମା ଦେବୀ, ତେଜସ୍ୱିନୀ ମହାନ୍ତ, ସଞ୍ଜୟ ଜେନା, ସୌରଭ ବେହେରା, ଶ୍ରବଣ କୁମାର ଯୋଗ ଦେଇଥିଲେ।

## ୭୦ ଲିଟର ମହୁଲି ମଦ ଜବତ; ୩ ଗିରଫ



ତୁରୁମୁଙ୍ଗା, ୩୧।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଲିସ ୩ ଜଣଙ୍କୁ ମହୁଲି ମଦ ଚୋରା ଚାଲାଣ ଅଭିଯୋଗରେ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଯୁବକ ହେଲେ ଝାରଖଣ୍ଡ ପାଲୁମୁ ଜିଲ୍ଲା ନୱା ବଜାର ଥାନା କାଣ୍ଡା ଗ୍ରାମର ହରିଦ୍ୱାର କୁମାର (୨୬), ପାଙ୍କି ଥାନା ବରୱାଡିହ ଗ୍ରାମର ମନୀଷ କୁମାର(୨୧) ଏବଂ ବିହାର ଔରଙ୍ଗାବାଦ ଜିଲ୍ଲା ମଦନପୁର ଥାନା ବାଜିତପୁର ଗ୍ରାମର ଭିନୟ ମେହେଟା(୪୦)। ଏମାନଙ୍କଠାରୁ ଏକ ବାଇକ ପୁଲିସ ଜବତ କରିଛି। କୋଡ଼ଖମଣ ନିକଟରୁ ଶନିବାର ଏଏସ୍‌ଆଇ ଦେବେନ୍ଦ୍ର ବାଇକ ସହ ୭୦ ଲିଟର ମହୁଲି ମଦ ଜବତ କରିଥିଲେ। ଓପିଏସ ସୌରଭ ପ୍ରଧାନ ତୁରୁମୁଙ୍ଗା ଥାନାରେ ୨୧୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛନ୍ତି।

## ହରଚଣ୍ଡି ଶିକ୍ଷା ବୃତ୍ତି ପାଇଁ ଦକ୍ଷତା ପରୀକ୍ଷା



ରାମଚନ୍ଦ୍ରପୁର, ୩୧।୮ (ସମିସ): ହରଚଣ୍ଡୀ ଶିକ୍ଷାସେବା ପ୍ରତିଷ୍ଠାନ, ଅଳତି ପକ୍ଷରୁ ଗରିବ ତଥା ଅସହାୟ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ବୃତ୍ତି ସକାଶେ ଦକ୍ଷତା ପରୀକ୍ଷା ଡିଏନ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ପରୀକ୍ଷା ପରିଚାଳନା କରିଥିବା ବେଳେ ମୋଟ ୫୦ଟି ମଲ୍ଟିପୁଲ୍ ପ୍ରଶ୍ନରେ ପରୀକ୍ଷାର୍ଥୀ ଉତ୍ତର ରଖିଥିଲେ। ଶିକ୍ଷା ବୃତ୍ତି ପାଇଁ ପୂର୍ବରୁ ଆବେଦନ କରିଥିବା ମୋଟ ୪୦ ଜଣଙ୍କ ମଧ୍ୟରୁ ୨୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରବର୍ତ୍ତୀ ଶିକ୍ଷାବୃତ୍ତି ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ସମ୍ପାଦକ ରତିକାନ୍ତ ବରାଳ, ଶିକ୍ଷକ ବିଷ୍ଣୁନାରାୟଣ ସାମଲ, ପ୍ରଭାତକୁମାର ବରାଳ, ଜିତେନ୍ଦ୍ର ଓଝା, କାର୍ତ୍ତିକପ୍ରସାଦ ଶତପଥି, ପ୍ରସନ୍ନ ନାୟକ, ଗତିକୃଷ୍ଣ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ। ଦକ୍ଷତା ମୂଲ୍ୟାଙ୍କନ ଭିତ୍ତିରେ ଆସନ୍ତା ୬ ତାରିଖରେ ସଂସ୍ଥାର କୋର କମିଟି ବୈଠକ ଅନୁଷ୍ଠିତ ହୋଇ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନାରୁ ଜଣାପଡିଛି।

## ସୁନ୍ଦରାପାଳ ସାହୁସାହି ରାସ୍ତା ମରାମତି ଦାବି



ହାଟଡ଼ିହୀ,୩୧।୮ (ସମିସ): ସରକାର ଗ୍ରାମାଞ୍ଚଳର ରାସ୍ତାଘାଟ ପାନୀୟଜଳ ଆଦିର ବିକାଶ ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ହାଟଡ଼ିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ଅନ୍ତର୍ଗତ ୩ନଂ ୱାର୍ଡ଼ ସାହୁ ସାହି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖାଯାଇଛି। ରାସ୍ତାର ଅବସ୍ଥା ସାଙ୍ଘାତିକ ଭାବେ ଖରାପ ହୋଇ ପଡିଥିବାରୁ ତା'ର ମରାମତି ନେଇ ସାହି ବାସିନ୍ଦା ଦାବି କରିଛନ୍ତି। ଉକ୍ତ ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ଶହେରୁ ଊର୍ଦ୍ଧ୍ୱ ପ୍ରାୟ। ସାହୁସାହିଠାରୁ ଏକ କି.ମି ଦୂର ସୁନ୍ଦରାପାଳଠାରେ ସ୍କୁଲ ଏବଂ ଅଙ୍ଗନବାଡ଼ି ରହିଛି। ରାସ୍ତାବସ୍ଥା କଦର୍ଯ୍ୟ କାରଣରୁ ସାତ ଶହ ମିଟର ଏହି କାଦୁଅ ପଚ ପଚ ରାସ୍ତା ପାରିହୋଇ ପିଲାମାନେ ସ୍କୁଲ ଏବଂ ଅଙ୍ଗନବାଡ଼ି ଆସିବାରେ ନାନା ସମସ୍ୟା ଉପୁଜୁଛି। ଏହି ରାସ୍ତାଟି ସାହୁସାହିକୁ ଲମ୍ବିଥିବା ବେଳେ ସାହି ଆରପାରିରେ ଥିବା ଚାଷଜମିକୁ ଯିବାର ମଧ୍ୟ ମୁଖ୍ୟରାସ୍ତା ଅଟେ। ପୂର୍ବରୁ ରାସ୍ତାଟି ଓସାରିଆ ଯୋଗୁଁ ଏଥିରେ ଚାଷ ନିମନ୍ତେ ଟ୍ରାକ୍ଟର, ଶଗଡ଼ ସହ ସାହିକୁ ଚାରିଚକିଆ ଯାନ ମଧ୍ୟ ଯାଇପାରୁଥିଲା। କ୍ରମଶଃ ରାସ୍ତାଟି ସଂକୀର୍ଣ୍ଣ ତଥା ଅଣଓସାରିଆ ହୋଇଯିବା କାରଣରୁ କୌଣସି ଜରୁରୀକାଳୀନ ସମୟରେ ଉକ୍ତ ସାହି ଭିତରକୁ ଆମ୍ବୁଲାନ୍ସ କିମ୍ବା ଦଳକଳ ବାହିନୀ ଗାଡ଼ିଟିଏ ପଶିପାରୁନି। ଯାହା ଫଳରେ ବିଭିନ୍ନ ସମୟରେ ରୋଗୀ ମାନଙ୍କୁ ଖଟିଆରେ ବୁହା ହୋଇ ସାତ ଶହ ମିଟର ରାସ୍ତା ପାରି କରି ମୁଖ୍ୟରାସ୍ତା ଯାଏଁ ଅଣାଯାଉଥିବା ନେଇ ନଜିର ରହିଛି। ଏହି ରାସ୍ତା ଉପରେ ତିନୋଟି ଛୋଟ ଛୋଟ ପାଣିନାଳ ରହିଛି। ସେସବୁ ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବେଳେ ଏବେ ଦୁର୍ବଳ ହୋଇ ଭାଙ୍ଗିବାକୁ ବସିଲାଣି। ଏଣୁ ସେସବୁ ସହ ରାସ୍ତାର ଉନ୍ନତିକରଣ ଦିଗରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ହାଟଡ଼ିହୀ ବିଡ଼ିଓ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହାର ସମାଧାନ କରିବାକୁ ସାହିର ଅରୁଣ ପଲେଇ, କେଶବ ସାହୁ, କୃଷ୍ଣ ପଲେଇ, ଶଶିକାନ୍ତ ମଣ୍ଡଳ, ଧନେଶ୍ୱର ମଣ୍ଡଳ, ଗଣନାଥ ସାହୁ, ମାମା ସାହୁ, ହୀରା ପଲେଇ, ବର୍ଷା ସାହୁ, କେତକୀ ପଲେଇ, ରତ୍ନାକର ସାହୁ, ସୌରଭ ସାହୁ, ପାଣ୍ଡୁ ସାହୁ, ନାରାୟଣ ସାହୁ, ମଣି ଚରଣ ସାହୁ, ଜଗନ୍ନାଥ ସାହୁ, କୀର୍ତନ ପଲେଇ, ପତିତପାବନ ସାହୁ, କୈଳାସ ସାହୁ, ଆଲୋକ ବେହେରା, ମୁନ୍ନା ବେହେରା ପ୍ରମୁଖ ଦାବି କରିଛନ୍ତି।

## 'ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ଟାଉନ୍ ପ୍ଲାନିଂ ଆବଶ୍ୟକ'

### ଚମ୍ପୁଆରେ ସ୍ୱାୟତ୍ତ ଶାସନ ଦିବସ ପାଳିତ




ଚମ୍ପୁଆ, ୩୧।୮ (ସମିସ): ପ୍ରତ୍ୟେକ ବର୍ଷ ଡିସେମ୍ବର ୩୧ ତାରିଖକୁ ସର୍ବଭାରତୀୟ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ସ୍ଥାନୀୟ ଧରଣୀଧର ନଗର ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚମ୍ପୁଆ ମୁଖ୍ୟାଳୟରେ ଥିବା ନୂତନ ଏନ୍‌ଏସି କାର୍ଯ୍ୟାଳୟଠାରେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ମହାପୁରୁଷ ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ବାରିଷ୍ଟର ମଧୁସୁଦନ ଦାସ ଓ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ଥାନୀୟ ଉପକାରାଗାର ଓ ଉପଖଣ୍ଡ ଚିକିତ୍ସାଳୟରେ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଦିନ ୧୧ଟା ସମୟରେ ଧରଣୀଧର ନଗର ଭବନଠାରେ ଏହି ଦିବସ ପାଳନ ଅବସରରେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଏସଡିପିଓ ରଶ୍ମିରଂଜନ ସାହୁ, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧକ୍ଷା ସୁମିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡା ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ହେଲେ ଟାଉନ ପ୍ଲାନିଂ ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଚମ୍ପୁଆବାସୀଙ୍କ ତରଫରୁ ଉପଜିଲାପାଳ ଶ୍ରୀ ପରିଡାଙ୍କୁ ଚମ୍ପୁଆ ପ୍ରତି ଅବଦାନ, କର୍ତ୍ତବ୍ୟ ନିଷ୍ଠ ଓ ଜନସଂପର୍କ ପାଇଁ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଚଳିତ ବର୍ଷ ରଜ କୁଇନ ଭାବେ ସ୍ଥାନୀୟ ବାଳିକା ସ୍ୱର୍ଣ୍ଣପ୍ରଭା ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦାଶରଥି ଜେନା, ପ୍ରକାଶଚନ୍ଦ୍ର କୁଣ୍ଡୁ, ବିଜୟ ମିଶ୍ର ପରିଚାଳନା କରିଥିବା ବେଳେ ସମସ୍ତ କାଉନସିଲର, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛ ସୁପରଭାଇଜର ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଉଦଳା, ୩୧।୮ (ସମିସ)**

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଭାତଫେରୀ ଶୋଭାଯାତ୍ରାରେ ବାହାରି ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ର ହୋଇଥିଲେ। ଏନ୍‌ଏସି. ଅଧକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ୱାର୍ଡ କାଉନସିଲର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଧୂପ, ଦୀପ ଅର୍ପଣ କରିବା ପରେ ମଧୁବାବୁ, ବୀର ବିର୍ସାମୁଣ୍ଡା ଏବଂ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଆଦି କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ୧ୱାର୍ଡ ନଂ ଉଦଳା ଥାନା ସମ୍ମୁଖ ରାସ୍ତାପାର୍ଶ୍ୱରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ନବ ନିର୍ମିତ ପ୍ରତିମୂର୍ତ୍ତୀର



ଶୁଭ ଉଦ୍‌ଘାଟନ, ୧୦ ନଂ ୱାର୍ଡ ଉଦଳା ଥାନା ପରିସରରେ ନବନିର୍ମିତ ଜିମ୍‌ର ଉଦ୍‌ଘାଟନ ସହିତ ୱାର୍ଡ ନଂ-୯ରେ ନିର୍ମିତ ହେବାକୁ ଥିବା ସ୍ମାର୍ଟ ଶ୍ମଶାନର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଅଧକ୍ଷା ପ୍ରମିଳା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ଥିଲେ। ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ. ନରେନ୍ଦ୍ର ଖମାରୀ, ତହସିଲଦାର ଉଦଳା ସୁପ୍ରଭା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। ତତ୍‌ସହି ତତ୍ସହିତ ନୂତନ ଭାବେ ଅନୁମୋଦିତ ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ପ୍ରଦାନ କରାଯିବା ସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ରମାକାନ୍ତ ମୁଖିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥ ଲା। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଉତ୍ସବରେ ମଧ୍ୟ ସମସ୍ତ ଅତିଥି ଉପସ୍ଥିତ ରହିଥିଲେ। ପ୍ରିୟ ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସହକାରୀ ଯନ୍ତ୍ରୀ ଧନେଶ୍ୱର ଜିଲ୍ଲା ଏବଂ କାର୍ଯ୍ୟାଳୟର କର୍ମଚାରୀ ସଞ୍ଜୟ ପାଢ଼ୀ, ସରୋଜ, ପ୍ରିତୀଶ ଜେନା, ଯତୀନ୍ଦ୍ର ବେହେରା, ଦାସରଥ ପରିଡ଼ା, ସଂଗ୍ରାମ ସାହୁ ଏବଂ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସୂଚନା ଦେଇଛନ୍ତି।

## ବିଜାତଳା ହାଇସ୍କୁଲ-ଯୋଡ଼ାପୋଖରୀ ରାସ୍ତା ଶୋଚନୀୟ



**ରାଇରଙ୍ଗପୁର, ୩୧।୮ (ସମିସ):** ବିଜାତଳା ହାଇସ୍କୁଲ ନିକଟରୁ ଯୋଡ଼ାପୋଖରୀ ରାସ୍ତା ସାଧାରଣ ବର୍ଷାରେ କାଦୁଅ ପଚ ପଚ ହୋଇଥିବାରୁ ଛାତ୍ରଛାତ୍ରୀ ଏବଂ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ କର୍ମଚାରୀ, ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ଏଥିସହିତ ଏହି ମୁଖ୍ୟ ରାସ୍ତା ଉପରେ ୪ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହି ରାସ୍ତା ବ୍ଲକ, ରାଜ୍ୟ ରାଜପଥ, ବିଜାତଳା ମେଡିକାଲକୁ ମଧ୍ୟ ସଂଯୋଗ କରୁଛି। ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଖରାପ୍ ହୋଇଯାଇଛି। ପ୍ରଶାସନ ରାସ୍ତା ମରାମତି କରିବାକୁ ଦାବି ହେଉଛି।

## ଗଣେଶ ପୂଜା ପାଇଁ ଶୁଳିଆପଦା ଉତ୍ସବ ମୁଖର

**ଶୁଳିଆପଦା, ୩୧।୮ (ସମିସ):** ଅଗ୍ର ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ସହିତ ଆରମ୍ଭ ହୋଇଛି ପାର୍ବଣ ଋତୁ। ଏଥିପାଇଁ ଗାଁ ଗହଳି ଠାରୁ ଛକ ବଜାର ଉତ୍ସବମୁଖର ହୋଇଛି। ବିଭିନ୍ନ କ୍ଲବ୍, ଶିକ୍ଷା ଅନୁଷ୍ଠାନ, କୋଚିଂ ସେଣ୍ଟରରେ ମଧ୍ୟ ଅଗ୍ରପୂଜ୍ୟ ଗଣପତିଙ୍କର ପୂଜା ବେଶ୍ ଧୁମଧାମରେ ପାଳିତ ହୋଇଛି। ମଣ୍ଡପରେ ସନ୍ଧ୍ୟାରେ ଭିଡ ଜମିଥିଲା। ଶୁଳିଆପଦା ବ୍ଲକ ଦେଉଳି ୟୁଥ କ୍ଲବ୍‌ରେ ପୂଜା ପାଉଥିବା ପ୍ରାୟ ୧୦ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଶୁଳିଆପଦା, ଅଁଳାକୁଡା, ବାଙ୍ଗିରିପୋଷିର ରାଧାକୃଷ୍ଣ କ୍ଲବ, ଖଇଖିଆର ବାବା ତାରକେଶ୍ୱର ପୂଜା କମିଟିର ମଣ୍ଡପ ବୁଲି ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କମଳଲୋଚନ ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ



**ବାରିପଦା, ୩୧।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ କମଳ ଲୋଚନ ନାଏକ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ରବିବାର ପୂର୍ବାହ୍ନରେ ବାରିପଦାସ୍ଥିତ କାର୍ଯ୍ୟାଳୟରେ ପୂର୍ବରୁ ଦାୟିତ୍ୱରେ ଥିବା ଜ୍ଞାନବଲ୍ଲଭ ଦାସଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ନାଏକ ଏହା ପୂର୍ବରୁ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀକୁ ପଦୋନ୍ନତି ପାଇ ସେ ଏଠାରେ ଯୋଗ ଦେଇଛନ୍ତି। କୃଷି ଓ କୃଷକର ଉନ୍ନତି ଓ ବିଭିନ୍ନ କୃଷି ଓ ଆନୁସଙ୍ଗିକ ଯୋଜନା ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ମାନବିକତା ଦେଖାଇଲେ ଆଇଆଇସି



**ବଡସାହି, ୩୧।୮ (ସମିସ):** ବଡସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଫିସ କାମରେ ବାରିପଦା ଯାଇଥିବାବେଳେ ଶନିବାର ଅପରାହ୍ନରେ ସେ ଫେରୁଥିବା ବେଳେ ବାଇଗଣବାଡିଆ ଛକ ନିକଟରେ ଜଣେ ଅଜଣା ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲେ। ପରେ ସେ ଗାଡିରୁ ଓହ୍ଲାଇ ଷ୍ଟାଫଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପୁଣି ବାରିପଦା ଫେରି ପିଆରଏମ ମେଡିକାଲ କଲେଜ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରାଇଛନ୍ତି।

## ଚାନ୍ଦା ନଦେବାରୁ ମରଣାନ୍ତକ ଆକ୍ରମଣ

**ତୁରୁମୁଙ୍ଗା, ୩୧।୮ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ରାଜନଗର ଗୋଶାଳାର ପରିଚାଳକ ଓ କର୍ମଚାରୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଗତ ଶନିବାର ରାଜନଗର ନନ୍ଦିନୀ ଗୋଶାଳାର ପରିଚାଳକ ସତ୍ୟବ୍ରତ ଦାଶ ବୈତରଣୀ ନଦୀ ନିକଟରେ ଗାଈଗୁଡିକୁ ଚରାଇ ଫେରୁଥିବା ସମୟରେ ମଲାରପଦା ଗ୍ରାମର ପ୍ରେମା ସିଂଙ୍କ ପୁଅ ସିଲୁଙ୍କ ସହ ଆଉ କିଛି ଯୁବକ ସତ୍ୟବ୍ରତଙ୍କୁ ଚାନ୍ଦା ମାଗିଥିଲେ। ସେ ଟଙ୍କା ନଦେବାରୁ ଯୁବକମାନେ ତାଙ୍କୁ ଆକ୍ରମଣ କରିବା ସହ ତଣ୍ଟିକୁ ଚିପି ହେଲମେଟରେ ମୁଣ୍ଡକୁ ମାଡ଼ ମାରି ଗୁରୁତର କରିପକାଇଥିଲେ। ସତ୍ୟବ୍ରତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଏନେଇ ଗୋଶାଳା ମାଲିକ ପ୍ରଭାସ ରଞ୍ଜନ ମିଶ୍ର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଆମଓଡ଼ିଶା, ଫକୀରପୁର ଯୁବକସଂଘ, ଥାଲାସେମିଆ ପେସେଣ୍ଟ ଆଡଭୋକେସି, ମା'ତାରିଣୀ ଭିଜନ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶତ୍ରୁଘ୍ନ ସାହୁଙ୍କ ସଂଯୋଜନାରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ବିଦ୍ୟାଳୟର ଅଧକ୍ଷ ଡ କାର୍ତ୍ତିକେଶ୍ୱର ରାଉଳ, ପ୍ରଶିକ୍ଷକ ଆଲୋକ କୁମାର ରଣା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଶିବିରରୁ ମୋଟ୍ ୨୮ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାଉନସିଲର ସନତ କୁମାର କର, ସୁରେନ୍ଦ୍ର ଦାସ, ସୁଜିତ୍ କୁମାର ସାହୁ, ନିବେଦିତା ବେହେରା, ପଦ୍ମାବତୀ ସେଠୀ, ମଣିଲତା ରାମ୍, ସୁପ୍ରିୟା ମିଶ୍ର, ଲୀନାରାଣୀ ସାହୁ, ବାରିଗାଁ ମା' ଧନେଇ ସେବାସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକ୍, ଆନନ୍ଦପୁର ପ୍ରେସକ୍ଲବ ସଭାପତି ନାରାୟଣ ସାହୁ, ସାମ୍ବାଦିକ ମଦନ ପାଣି, ଦିଲ୍ଲୀପ୍ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ସତ୍ୟରଞ୍ଜନ ଦାସ, ଲକ୍ଷ୍ମଣ ବେହେରା, ରାଜୀବ ଜେନା, ଅବସରପ୍ରାପ୍ତ ଡିଆଇ ପିତାମ୍ବର ବିଶ୍ୱାଳ, ସିଟି ସ୍କୁଲର ଶିକ୍ଷକ ନରସିଂହ ମୁର୍ମୁ, ଭୋଳେଶ୍ୱର ବେହେରା, ପ୍ରତାପ କୁମାର ବେହେରା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଯୁବକସଂଘ ସଭାପତି ଦିବ୍ୟରଞ୍ଜନ ସେଠୀ, ସଦସ୍ୟ ସତ୍ୟବ୍ରତ ଓଝା, ସୌମ୍ୟକାନ୍ତ ସାହୁ, ପ୍ରଦୀପ ସାହୁ, ଦିଲ୍ଲୀପ୍ ସାହୁ, ଅମର ପଣ୍ଡା, ରୁଦ୍ରନାରାୟଣ ଦାସ, ସିପୁନ୍ ଦାଶ, ରତିକାନ୍ତ ପୋଥାଳ, ଅନିଲ ଗୁଇଁ, ଶୁଭମ୍ ଲାହା, ପପୁନ୍ ସାହୁ, ଆମଓଡ଼ିଶାର ସଦସ୍ୟ ସାଜନ କୁମାର ସାହୁ, ତ୍ରିନାଥ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲିପିପୁଷ୍ପା ନାୟକ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିବାବେଳେ ଆନନ୍ଦପୁର ରକ୍ତଭଣ୍ଡାରର କର୍ମଚାରୀ ସୁଚିସ୍ମିତା ନାୟକ, ନିରୁପମା ସାହୁ, ସୁଦର୍ଶନ ବେହେରା, ଅଶୋକ କୁମାର ସୁର, ଦିବ୍ୟସାଗର ସିଂହ, ପୂର୍ଣ୍ଣଚନ୍ଦ୍ର ମାଝୀ, ମଙ୍ଗୁଳି ଚରଣ ସାହୁ ପ୍ରମୁଖ ରକ୍ତସଂଗ୍ରହ କରିଥିଲେ।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କମାଣ୍ଡୋ ଏକାଦଶ ଚାମ୍ପିଅନ



**ବାରିପଦା, ୩୧।୮ (ସମିସ):** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ପଡ଼ିଆରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ତ୍ରିରଙ୍ଗା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ କମାଣ୍ଡୋ ଏକାଦଶ ରାଇଜିଂ ଷ୍ଟାର୍ସକୁ ୬ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର୍ସ ୮ ଓଭରରେ ୪ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିପ୍ତୀପ୍ରକାଶ ୫୨, ସ୍ୱାଭିମ ଦାସ ୪୭ ଓ ମେରି ଲୋକନାଥ ୧୫ ରନ କରିଥିଲେ ଓ ଉତ୍ତରରେ କମାଣ୍ଡୋ ଏକାଦଶ ୬. ୧ ଓଭରରେ ୪ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଆଦିତ୍ୟ ବସା ୩୪, ସୁବାଶିଷ ଧୀର ୩୧ ଓ ପ୍ରିତମ ବେହେରା ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ୱରୂପ ବେହେରା ଓ ମେରି ଲୋକନାଥ ୨ ଟି ଲେଖାଏଁ ଉଇକେଟ ହାସଲ କରିଥିଲେ ଓ ମନମୋହନ ମୁର୍ମୁ ଓ ମୃତ୍ୟୁଞ୍ଜୟ ଘୋସାଲ ଖେଳ ପରିଚାଳନା କରିଥିବା ବେଳେ ଦୀନକୃଷ୍ଣ ନାୟକ ସ୍କୋରିଂ ଏବଂ ମାନସ ଧାରା ବିବରଣୀରେ ସହାୟତା କରିଥିଲେ ଓ ଚାମ୍ପିଅନ ଦଳକୁ ୭୦୦୦ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମ୍ୟାନ ଅଫ ଦି ସିରିଜ ଭାବେ ଆଦିତ୍ୟ ବସା, ଶ୍ରେଷ୍ଠବୋଲର ଭାବେ ସ୍ୱରୂପ ଦାସ ଓ ଶ୍ରେଷ୍ଠ ଫିଲଡର ଭାବେ ସୁବାଶିଷ ଧୀର ପୁରସ୍କୃତ ହୋଇଥିଲେ ଓ ଅତିଥି ଭାବେ ଯୋଗଦେଇ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ତ୍ରିରଙ୍ଗା କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଓ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ପୁରସ୍କାର ବିତରଣ କରିଥିଲେ ଓ କ୍ଲବର ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ ସ୍ୱାଭିମ ଦାସ, ଓମ୍ ପ୍ରକାଶ ମହାନ୍ତ, ଦୀପ୍ତି ପ୍ରକାଶ ମହାନ୍ତ, ଦୀନକୃଷ୍ଣ ନାୟକ, ସନ୍ଦୀପ କୁମାର ସାମଲ, ସଞ୍ଜୀବ ମାରାଣ୍ଡି ଓ ଗୌତମ ବେହେରା ସହଯୋଗ କରିଥିଲେ।

## ୨ରେ ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡ଼ା

**କୁଆମରା, ୩୧।୮ (ସମିସ):** ଆସନ୍ତା ୨ ଓ ୩ ତାରିଖ ଦୁଇ ଦିନ ଧରି ଗୋପବନ୍ଧୁନଗର ବ୍ଲକ ଟିକାୟତପୁର ବାଳିକା ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶାରଦୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ, ବିଆରସିସି, ସିଆରସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଖେଳ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ ହେଉଥିବା ବେଳେ ମୋଟ ୧୨ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ହେବ। ଏଥିରେ ୨୩ଟି ଉଚ୍ଚବିଦ୍ୟାଳୟ ସହ ଟିଟିଆ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ।

## ଦୁର୍ନୀତି ଅଭିଯୋଗରେ ଜାମଦା ତହସିଲଦାର ନିଲମ୍ବିତ

**ରାଇରଙ୍ଗପୁର, ୩୧।୮ (ସମିସ):** ଜାମଦା ତହସିଲର କାର୍ଯ୍ୟରତ ତହସିଲଦାର ମଧୁସ୍ମିତା ସିଂ ତାଙ୍କ ପୂର୍ବ କର୍ମସ୍ଥଳୀ ଝାରସୁଗୁଡା ଜିଲ୍ଲାର ବେଲପାହାଡ଼ ପୌରପାଳିକାରେ ପୌରାଧିକାରିଣୀ ଭାବେ ଦାୟିତ୍ୱରେ ଥିବାବେଳେ ୩ କୋଟି ଟଙ୍କା ବିଭିନ୍ନ ଯୋଜନାରେ ଅନିୟମିତତା କରି ଫସିଛନ୍ତି। ଯାହାକୁ ଇଡି ତଦନ୍ତ ବେଳେ ଧରାପଡ଼ିଛି। ଏହାକୁ ନେଇ ରାଜ୍ୟ ସରକାର ଗତକାଲି ନିଲମ୍ବନ କରିଛନ୍ତି। ଆଜି ଗଣମାଧ୍ୟମ ପ୍ରତିନିଧି ଏହା ଉପରେ ପ୍ରତିକ୍ରିୟା ନେବାକୁ ଜାମଦା ତହସିଲକୁ ଯାଇଥିବାବେଳେ ସେଠାରେ ତହସିଲଦାର ନିଜ ସରକାରୀ ଗୃହରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଆଉ ବାହାରି ନଥିଲେ।

## ଏନ୍‌ଏସି ମାନ୍ୟତା ପରେ ଉତ୍ସବମୁଖର ରାସଗୋବିନ୍ଦପୁର

**ରାସଗୋବିନ୍ଦପୁର ୩୧।୮ (ସମିସ):** ରାଜ୍ୟ ସରକାର ରବିବାର ରାଜ୍ୟରେ ନୂତନ ଭାବେ ୧୬ଟି ନୂତନ ଏନ୍‌ଏସି ଘୋଷଣା କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତିଜାରି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଏବଂ ମୋରଡା ନିର୍ବାଚନମଣ୍ଡଳୀର ରାସଗୋବିନ୍ଦପୁରକୁ ଉକ୍ତ ତାଲିକାରେ ସାମିଲ କରାଯାଇଛି। ଉକ୍ତ ତାଲିକାରେ ରାସଗୋବିନ୍ଦପୁରକୁ ସାମିଲ କରାଯିବାର ଘୋଷଣା ପରେ ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଛି। ଏନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡିଏନ ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

**ରାମଚନ୍ଦ୍ରପୁର, ୩୧।୮ (ସମିସ):** ଘସିପୁରା ବ୍ଲକ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପ୍ରାକ୍ତ ଶିକ୍ଷକ କାର୍ତ୍ତିକପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ କ୍ରୀଡ଼ାକୁ ନେଇ ନିଜର କ୍ୟାରିୟର ଗଢ଼ିପାରିବେ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳ, ସମ୍ପାଦକ ପ୍ରଭାତ ବରାଳ ଆହ୍ୱାନ ଦେଇଥିଲେ। ଜାତୀୟ କ୍ରିଡା ଦିବସ ପରିପ୍ରେକ୍ଷୀରେ ଭଲ ପାଠ ସହ ଶାରୀରିକ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିଥିଲେ।

## ଆନନ୍ଦପୁର ମେଡିକାଲରୋଡ୍ ଉନ୍ନତିକରଣର ଶିଳାନ୍ୟାସ

**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରପାଳିକା ପକ୍ଷରୁ ପ୍ରାୟ ୯୦ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ମେଡିକାଲ ରୋଡ୍‌ର ଶିଳାନ୍ୟାସ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ପୌରାଧକ୍ଷା ରଜନୀରାଣୀ ଖଟୁଆ ଭୂମିପୂଜା କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ କାଉନସିଲର ଉର୍ବଶୀ ସାହୁ ଜ୍ୟୋସ୍ନାରାଣୀ ଖୁଣ୍ଟିଆ ନିବେଦିତା ବେହେରା ରଶ୍ମିତା ବାରି ସୁରେନ୍ଦ୍ର ଦାସ କୃଷ୍ଣ ରଣା ସନତ କର ଯୋଗ ଦେଇଥିଲେ। ଉତ୍ସବରେ ସହକାରୀ ଯନ୍ତ୍ରୀ ସଂଗ୍ରାମ କେଶରୀ ବେହେରା ସୂଚନା ପ୍ରଦାନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ ଏବଂ ଶୁଚିସ୍ମିତା ସୋରେନ ଏହି ରାସ୍ତା ୮ ମିଟର ଓସାରରେ ନିର୍ମାଣ କରାଯାଇ ଚାରି ମାସ ମଧ୍ୟରେ ଶେଷ କରାଯିବ ବୋଲି କହିଥିଲେ।

## ଆନନ୍ଦପୁରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଆନନ୍ଦପୁର, ୩୧।୮ (ସମିସ):** ଆନନ୍ଦପୁର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହେଇଯାଇଛି। ଏହି ଉପଲକ୍ଷେ ପୌରାଞ୍ଚଳରେ ରାମଧୁନ ପ୍ରଚାର କରାଯାଇଥିଲା। ପରେ କାର୍ଯାଳୟରେ ପୌରାଧକ୍ଷା ରଜନୀ ରାଣୀ ଖଟୁଆ ପତକା ଉତ୍ତୋଳନ କରିଥିଲେ। ଆନନ୍ଦପୁର ବିକାଶରେ ପୌରବାସୀଙ୍କ ସହଯୋଗ ମଧ୍ୟ ଲୋଡ଼ିଥିଲେ। ଦେଶର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସକାଳ ୯ଟା ସମୟରେ ଆନନ୍ଦପୁର ଉପକାରାଗାର ଅନ୍ତେବାସୀଙ୍କୁ ଫଳବଣ୍ଟନ କରିବା ପରେ ଉପଖଣ୍ଡ ଚିକିତ୍ସାଳୟରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସମେତ କାଉସିଲର ପଦ୍ମାବତୀ ସେଠୀ, ଲକ୍ଷ୍ମୀଧର ଦେହୁରୀ, ଜୟନ୍ତୀ ବେହେରା, ମଣିଲତା ରାମ, କୃଷ୍ଣଚନ୍ଦ୍ର ରଣା, ସୁରେନ୍ଦ୍ର ଦାସ, ସନତ କର, ସୁଜିତ ସାହୁ, ନିବେଦିତା ବେହେରା, ସୁପ୍ରିୟ ମିଶ୍ର, ସମ୍ବିତ ଦାସ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ଉର୍ବଶୀ ସାହୁ, ଲୀନାରାଣୀ ସାହୁ ଉପସ୍ଥିତ ଥିବା ବେଳେ ପୌରପାଳିକାର ଗୋଷ୍ଠୀ ପରିଚାଳିକା ରାଜଶ୍ରୀ ମିଶ୍ର ସମସ୍ତ ସ୍ୱଚ୍ଛସାଥୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆଦି କର୍ମଯୋଗୀ ଅଭିଯାନ ଅଭିମୁଖୀକରଣ ତାଲିମ କାର୍ଯ୍ୟକ୍ରମ

**ବାରିପଦା, ୩୧।୮ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସେଙ୍କ ଅଧ୍ୟକ୍ଷତାରେ ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କିତ ଏକ ଦିବସୀୟ ଆଭିମୁଖୀକରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଏବଂ ଏଡିଇଓ ଶାନ୍ତନୁ କୁମାର ନାୟକ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଆଦି କର୍ମଯୋଗୀ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ୧୧ କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ ଏବଂ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ଟି ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟନିଷ୍ଠ ଓ ଲୋକାଭିମୁଖୀ କରିବା। ଏମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଉପରେ ଗଭୀରତାର ସହ ଅନୁଧ୍ୟାନ କରି ଭିଜନ-୨୦୩୦ ପାଇଁ ସେହି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ଖସଡ଼ା (ଏକ୍ସନ ପ୍ଲାନ) ପ୍ରସ୍ତୁତ କରିବେ। ଏହାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଶ୍ରେଣୀ ରେ ବିଭକ୍ତ କରାଯାଇ ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ ଅଧିକାରୀ, ଆଦି ସହଯୋଗୀ ଯେଉଁଥିରେ ଶିକ୍ଷକ, ଡାକ୍ତର ଓ ତୃତୀୟରେ ଆଦି ସାଥି ଯେଉଁଥିରେ ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ କାର୍ଯ୍ୟ କରିବେ। ଜିଲ୍ଲାର ୨୬ଟି ବ୍ଲକରେ ୧୩୬୩ ଆଦିବାସୀ ବହୁଳ ଗ୍ରାମରେ ଏହି ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନେ କାର୍ଯ୍ୟ କରିବେ। ଏଥିପାଇଁ ଜିଲ୍ଲାରେ ୩୩ ଜଣ ମାଷ୍ଟର ଟ୍ରେନର ବ୍ଲକ ସ୍ତରରେ ତାଲିମ ଦେବେ। ଆଗାମୀ ସମୟରେ ପ୍ରତ୍ୟେକ ଗ୍ରାମକୁ ଏକ ବିକଶିତ ଗ୍ରାମ ଭାବେ ଗଢି ତୋଳିବାକୁ ସମସ୍ତଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ ମାଧ୍ୟମରେ ପ୍ରୟାସ କରାଯିବ।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୪୨- ଇଣ୍ଡିଆନ ନେସନାଲ ଆର୍ମି ଗଠନ ହେଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ସ୍ଥାପନା।
- ୧୯୬୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କରିଦିଆଗଲା।
- ୧୯୯୭- ପରିବେଶବିତ୍ ଏମ୍.ସି ମେହେତାଙ୍କୁ ରମଣ ମାଗାସେସ୍ ପୁରସ୍କାର ଦିଆଗଲା।

## ତାନ୍ତ୍ରିକ ଭୂମିକାରେ ଶିଳ୍ପା



ଖୁବ୍ ଶୀଘ୍ର ସୁପର୍ ନାଚୁରାଲ ଥ୍ରିଲର୍ ଫିଲ୍ମ 'ଜଟାଧାରା' ରିଲିଜ୍ ହେବାକୁ ଯାଉଛି। ଏଥିରେ ସୋନାକ୍ଷୀ ସିହ୍ନା ଓ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏହି ଫିଲ୍ମର ଅନ୍ୟ ଜଣେ ଅଭିନେତ୍ରୀଙ୍କ ଲୁକ୍‌କୁ ସେୟାର୍ କରାଯାଇଛି। ଫିଲ୍ମରେ ଶିଳ୍ପା ଶିରୋଦକର ମଧ୍ୟ ନଜର ଆସିବେ। ଶିଳ୍ପାଙ୍କୁ ତାନ୍ତ୍ରିକ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର୍‌ରେ ଶିଳ୍ପା ଯଜ୍ଞକୁଣ୍ଡ ସମ୍ମୁଖରେ କଳା ରଙ୍ଗର ଶାଢ଼ି ପିନ୍ଧି ତନ୍ତ୍ର ମନ୍ତ୍ର କରୁଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ଅନେକଗୁଡ଼ିଏ ଦୀପ ରହିଛି। ଏଥିରେ ତାଙ୍କ ଚରିତ୍ରର ନାମ ଶୋଭା ରହିଛି। ତେବେ ଶିଳ୍ପାଙ୍କ ଏହି ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏଯାଏଁ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ପ୍ରେରଣା ଅରୋରା ଓ ଜି ଷ୍ଟୁଡିଓ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



## ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି କ୍ଷତିକାରକ



ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ୍ ଭଳି ଭିଟାମିନ୍ ଡି ମଧ୍ୟ ଖୁବ୍ ଜରୁରି। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ୍ ଡି'ର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡ୍‌ନୀ ଫେଲ୍ ହୋଇଯାଇଥିଲା ବୋଲି ସେତେବେଳେ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗାମ୍ ଭିଟାମିନ୍ ଡି ସେବନ କରିବା ଉଚିତ। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶୀରେ ପ୍ରତିଦିନ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ୍ ଡି ସେବନ କରିବା ବିଷ ତୁଲ୍ୟ ହୋଇଥାଏ। ତେବେ କ୍ଲିଭ୍‌ଲ୍ୟାଣ୍ଡ କ୍ଲିନିକ୍ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ୍ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ୍ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। ସେହିପରି ଏହି ସ୍ଥିତି ଅଧିକ ଉତ୍କଟ ହେଲେ ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡ୍‌ନି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦ୍ ସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ୍ୟ ଦେଖା ଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡ୍‌ନି ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡ୍‌ନିରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖା ଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ୍ ଡି ସ୍ୱାସ୍ଥ୍ୟ ଲାଗି ଜରୁରି। ହେଲେ ସବୁବେଳେ ଠିକ୍ ମାତ୍ରାରେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହାକୁ ନେବା ଉଚିତ।

## ଆଠମାସ ପାଣିରେ ବୁଡ଼ିରୁହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ। ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁ କି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି। ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ହ୍ରଦରୁ ପାଣି କମିବା ପରେ ମାର୍ଚ୍ଚରୁ ଜୁନ୍ ମାସ ଯାଏଁ ଏହା ଦୃଶ୍ୟମାନ ହୁଏ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ।



## ସୁନିଆ ଓ ବାମନ ଜନ୍ମ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୪ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଏହି ପବିତ୍ର ତିଥିକୁ 'ବାମନ ଦ୍ୱାଦଶୀ' ବି କୁହାଯାଏ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ଗୃହ ପ୍ରବେଶର ଉପହାର

ନୂଆ ଘର କିଣିଲେ କିମ୍ବା ତିଆରି କଲେ ଗୃହ ପ୍ରବେଶ ପୂଜା କରାଯାଏ। ଏହି ଅବସରରେ ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ। ତେବେ ଗୃହ ପ୍ରବେଶ ପୂଜାରେ କେଉଁ ଉପହାର ଦେବା ଶୁଭ ହୋଇଥାଏ, ସେ ସମ୍ପର୍କରେ ଜାଣିବା।



- ଗଣେଶଙ୍କ ଏକ ସୁନ୍ଦର ମୂର୍ତ୍ତି ଗୃହ ପ୍ରବେଶ ଲାଗି ଏକ ସୁନ୍ଦର ଉପହାର ହୋଇପାରେ।
- ରୁପାକୁ ଶୁଭ ବୋଲି କୁହାଯାଏ। ତେଣୁ ରୁପା ମୁଦ୍ରା, ପ୍ଲେଟ୍ ଏବଂ ରୁପାର ଗଣେଶ- ଲକ୍ଷ୍ମୀଙ୍କ ମୂର୍ତ୍ତି ବି ଦେଇପାରିବେ। ଏହାକୁ ରଖିଲେ ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- ତୁଳସୀଙ୍କୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ। ଏହାକୁ ଘରେ ରଖିବା ଶୁଭ। ଏହା ଘରର ବାତାବରଣକୁ ଶୁଦ୍ଧ କରିଥାଏ। ତେଣୁ ତୁଳସୀ ଗଛ ଉପହାରରେ ଦେବା ଭଲ।
- ପୂଜା ପାଇଁ ଦୀପ, ଘିଅ ତଥା ପୂଜା ସାମଗ୍ରୀ ଦେଇପାରିବେ।
- ରୋଷେଇ ଲାଗି ନୂଆ ବାସନ ମଧ୍ୟ ଖୁବ୍ ଉପଯୋଗୀ ଉପହାର ହୋଇପାରେ।

## ସ୍ମୃତି

## ଭାଗବତ ଜନ୍ମ

ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।



ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥି ନିକଟରେ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଏହା ପଡୁଛି।

## ସ୍ୱପ୍ନରେ ମୂଷା ଦେଖୁଥିଲେ

ହିନ୍ଦୁ ଧର୍ମରେ ମୂଷାକୁ ଗଣେଶଙ୍କ ବାହନ ବୋଲି କୁହାଯାଏ। ସ୍ୱପ୍ନରେ ବାରମ୍ବାର ମୂଷା ଦେଖିବା ଶୁଭ କି ଅଶୁଭ ସେସମ୍ପର୍କରେ ସ୍ୱପ୍ନ ଶାସ୍ତ୍ରରେ କୁହାଯାଇଛି। ତେବେ ଅଲଗା ଅଲଗା ମୂଷା ସ୍ୱପ୍ନରେ ଦେଖିବା କି ସଙ୍କେତ ଦିଏ, ସେ ସମ୍ପର୍କରେ, ଜାଣିବା।

- ସ୍ୱପ୍ନରେ କଳା ମୂଷା ଭୟଭୀତ ହେଇ ଦୌଡ଼ି ଯିବାକୁ ଅଶୁଭ ବୋଲି କୁହାଯାଇଛି। ଏହା ନକାରାତ୍ମକ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ।
- ସ୍ୱପ୍ନରେ ମୂଷା ଧରିବା ଦେଖିବାର ଅର୍ଥ ହେଉଛି କୌଣସି ସମସ୍ୟାର ସମାଧାନ ମିଳିପାରେ।
- ସେହିପରି ସ୍ୱପ୍ନରେ ମୃତ ମୂଷାକୁ ଦେଖିବା ଶୁଭ। ଏଭଳି ସ୍ୱପ୍ନ ଭବିଷ୍ୟତରେ ସମସ୍ୟାରେ ଜିତ୍ ହାସଲ କରିପାରିବେ।
- ମୂଷା ଛୁଆକୁ ସ୍ୱପ୍ନରେ ଦେଖିବା ଅତ୍ୟନ୍ତ ଶୁଭ। ଏଭଳି ସ୍ୱପ୍ନ ଜୀବନରେ ସୁଧାର ଆଣି ଧନଲାଭର ସଙ୍କେତ ଦିଏ। ଗଣେଶଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ତେବେ ସ୍ୱପ୍ନରେ ବଡ଼ ମୂଷା ଦେଖିବା ଅଶୁଭ ବୋଲି କୁହାଯାଇଛି। କୌଣସି ଅନ୍ତରଙ୍ଗ ବ୍ୟକ୍ତି ଧୋକା ଦେବାକୁ ଏହା ସୂଚାଏ।
- ମୂଷା ପଲଙ୍କୁ ସ୍ୱପ୍ନରେ ଦେଖିବା ଅଶୁଭ। ସମ୍ପର୍କରେ ଚିନ୍ତା ଓ କ୍ୟାରିୟରରେ ସମସ୍ୟା ଦେଖାଦେବାକୁ ଏହା ଇଙ୍ଗିତ କରେ।



● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସାତ୍ୱିକ-ଚିରାଗ ପୁଣି କାଂସ୍ୟରେ ସନ୍ତୁଷ୍ଟ



ପ୍ୟାରିସ, ୩୧।୮ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ୱିକ-ଚିରାଗ ଯୋଡ଼ି ୧୯-୨୧, ୨୧-୧୮, ୧୨-୨୧ ଗେମରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିଉ ୟି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଚୀନ ଯୋଡ଼ିଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୭ ମିନିଟ୍ ସମୟ ଲାଗିଥିଲା। ଫାଇନାଲରେ ପ୍ରବେଶ କରିପାରି ନ ଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନର ନିୟମ ଅନୁଯାୟୀ ଉଭୟ ସାତ୍ୱିକ-ଚିରାଗ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସାତ୍ୱିକ-ଚିରାଗ ଯୋଡ଼ିଙ୍କ ଏହା ଦ୍ୱିତୀୟ କାଂସ୍ୟ ପଦକ। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ଏହି ଭାରତୀୟ ଯୋଡ଼ି ସମାନ ସଫଳତା ପାଇଥିଲେ। ସେହିଭଳି ୨୦୧୧ରୁ ଏହି ମେଗା ଇଭେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଭାରତ ଅତିକମ୍‌ରେ ଗୋଟିଏ ପଦକ ଜିତିବାର ଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଇତିହାସରେ ୧୧ଜଣ ଭାରତୀୟ ୧୫ଟି ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ପିଭି ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସମ୍ମାନଜନକ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

## ବିସିବି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ତାମିମ୍



ଢାକା, ୩୧।୮ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତାମିମ ଇକବାଲ ତାଙ୍କ କ୍ୟାରିୟରର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ତାମିମ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଗାମୀ ନିର୍ବାଚନରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିସିବିର ନିର୍ବାଚନ ଅକ୍ଟୋବରରେ ଅନୁଷ୍ଠିତ ହେବ। ଏଥିରେ ୩୬ ବର୍ଷୀୟ ତାମିମ ଅଧ୍ୟକ୍ଷ ପଦରେ ଲଢ଼େଇ କରିବେ ବୋଲି ଜଣାପଡ଼ିଛି। ବାଂଲାଦେଶର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାମିମ କହିଛନ୍ତି, 'ବିସିବି ନିର୍ବାଚନରେ ଅଂଶଗ୍ରହଣ କରିବାର ଏକ ଭଲ ସୁଯୋଗ ରହିଛି। କିନ୍ତୁ କେହି ଆଗୁଆ କହିପାରିବେ ନାହିଁ ଯେ ଅଧ୍ୟକ୍ଷ କିଏ ହେବ। ଯଦି ଆମେ ବାଂଲାଦେଶ କ୍ରିକେଟର୍ସ ୱେଲଫେୟର ସଂଘ କଥା କୁହାଯିବ ତେବେ ସେଠାରେ ସଭାପତି ସିଧାସଳଖ ନିର୍ବାଚିତ ହୁଅନ୍ତି। କିନ୍ତୁ ବିସିବି ନିର୍ବାଚନ ଅଲଗା ପ୍ରକାର ହୋଇଥାଏ। ସର୍ବପ୍ରଥମେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହେବା ଆବଶ୍ୟକ। ଏହାପରେ ଯଦି ଅଧ୍ୟକ୍ଷ ପଦ ଲାଗି ୨ଜଣ ଠିଆ ହୁଅନ୍ତି ତେବେ ନିର୍ଦ୍ଦେଶକମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ୍ ଦେଇ ବାଛିବେ। ତେଣୁ ଏଥର ମୋ ନିକଟରେ ଭଲ ସୁଯୋଗ ରହିଛି ଏବଂ ମୁଁ ଅଧ୍ୟକ୍ଷ ଲାଗି ଲଢ଼ିବି।' ବାମହାତୀ ବ୍ୟାଟର୍ ବାଂଲାଦେଶ ଇତିହାସରେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେ ୨୪୩ ମ୍ୟାଚ୍ ଖେଳି ୮୩୫୭ ରନ ସଂଗ୍ରହ କରିଛନ୍ତି। ସେହିଭଳି ୭୦ ଟେଷ୍ଟ ଓ ୭୮ ଟି-୨୦ରେ ତାଙ୍କ ନାମରେ ଯଥାକ୍ରମେ ୫୧୩୪ ଓ ୧୭୫୮ ରନ ଲିପିବଦ୍ଧ ରହିଛି।

ଏସିଆ କପ୍ ହକି

# କ୍ରମାଗତ ୨ୟ ବିଜୟ ସହ ସୁପର୍-୪ରେ ଭାରତ

ରାଜଗିର, ୩୧।୮ (ଏଜେନ୍ସି)

ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତୃତୀୟ ଦିବସରେ ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ୫ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇ ହରମନପ୍ରୀତ୍‌ଙ୍କ ଦଳ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ମନଦୀପ୍ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ। ଏହାର ଠିକ୍ ପରବର୍ତ୍ତୀ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଅଭିଜ୍ଞ ଡ୍ରାଗଫ୍ଲିକର ହରମନପ୍ରୀତ୍ ଏହାର ଭରପୁର ଫାଇଦା ଉଠାଇ ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ପ୍ରଥମ କ୍ୱାର୍ଟର ତଥା ୧୫ ମିନିଟ୍‌ରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଜାପାନ ଲଢ଼ୁଆ ପ୍ରଦର୍ଶନ କରିବାରୁ ଭାରତ ଗୋଟିଏ ହେଲେ ଗୋଲ୍ ସ୍କୋର କରିପାରି ନ ଥିଲା। ଫଳରେ ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜାପାନ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୮ତମ ମିନିଟ୍‌ରେ ହୟୋତା ୟାମାଦା ଭାରତୀୟ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଜାପାନ ମ୍ୟାଚକୁ ୧-୨ ସ୍ଥିତିକୁ ଆଣିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ମଧ୍ୟ ଅଧିନାୟକ ହର୍‌ମନପ୍ରୀତ୍ କୌଣସି ତ୍ରୁଟି ନ କରି ଭାରତ ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୧ରେ ଆଗୁଆ ରହିଥିଲା। ଏହାପରେ ଜାପାନ କିନ୍ତୁ ସହଜରେ ଭାରତକୁ ଛାଡ଼ିବା ସ୍ଥିତିରେ ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ କୋଶେଇ କାୱାବେଙ୍କ ଗୋଲ୍ ମ୍ୟାଚରେ ରୋମାଞ୍ଚ ଭରିଦେଇଥିଲା। ଏହାସତ୍ତ୍ୱେ ଭାରତ ୩-୨ ଗୋଲ୍‌ରେ ଶେଷରେ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା।

**ତୃତୀୟ ଦିନର ଫଳାଫଳ**

ଭାରତ- ୩ : ଜାପାନ- ୨
ଚାଇନା- ୧୩ : କାଜାଖସ୍ତାନ- ୧

ହକି ଇଣ୍ଡିଆ ଲିଗ୍

## ଓହରିଲା ଟିମ୍ ଗୋନାସିକା, ଓଡ଼ିଶା ୱାରିୟର୍ସ

ରାଜଗିରି, ୩୧।୮ (ଏଜେନ୍ସି): ହକି ଇଣ୍ଡିଆ ଲିଗ(ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣରୁ ଟିମ୍ ଗୋନାସିକା ଓହରିଯାଇଛି। ସେହିଭଳି ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚଆଇଏଲ୍)ରୁ ମଧ୍ୟ ଓଡ଼ିଶା ୱାରିୟର୍ସ ଓହରିଯିବାକୁ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ରବିବାର ଏହି ସୂଚନା ଦେଇଛନ୍ତି। ବିହାରରେ ଚାଲିଥିବା ଏସିଆ କପ୍ ଅବସରରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, 'ଟିମ୍ ଗୋନାସିକା ଏଚ୍‌ଆଇଏଲ୍‌ରେ ଆଉ ଭାଗନେବ ନାହିଁ। ଫ୍ରାଞ୍ଚାଇଜର ମାଲିକ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଖେଳାଳି ସେମାନଙ୍କ ବାକି ଥିବା ଦେୟ ଫ୍ରାଞ୍ଚାଇଜ ନିକଟରୁ ପାଇସାରିଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ଆମେ ସେମାନଙ୍କ ପୁରସ୍କାର ରାଶିରୁ କାଟି ଖେଳାଳିଙ୍କୁ ବକେୟା ଥିବା ପାଉଣା ପ୍ରଦାନ କରିଥିଲୁ। ୱାରିୟର୍ସ ମଧ୍ୟ ଆଗାମୀ ଡବ୍ଲ୍ୟୁଏଚ୍‌ଆଇଏଲ୍‌ରେ ଭାଗନେବ ନାହିଁ।' ହକି ଇଣ୍ଡିଆ ସଭାପତି ଆହୁରି ମଧ୍ୟ କହିଛନ୍ତି, ଖୁବ ଶୀଘ୍ର ଦୁଇ ଫ୍ରାଞ୍ଚାଇଜର ବଦଳ ଦଳ ଘୋଷଣା କରାଯିବ। ପୂର୍ବଭଳି ମହିଳା ଲିଗ୍‌ରେ ୪ଟି ଓ ପୁରୁଷରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ଓହରି ଯାଇଥିବା ଦୁଇ ଦଳର ଖେଳାଳିମାନେ ବଦଳ ଫ୍ରାଞ୍ଚାଇଜକୁ ସିଧାସଳଖ ଯିବେ ନାହିଁ। ସେମାନେ ଏବେ ମୁକ୍ତ ହୋଇଛନ୍ତି। ଆଗାମୀ ନିଲାମୀରେ ସାମିଲ ହେବାପରେ କେଉଁ ଦଳରୁ ଖେଳିବେ ତାହା ସ୍ପଷ୍ଟ ହେବ। ଏହା ଏକ ପୂର୍ଣ୍ଣାଙ୍ଗ ନିଲାମୀ ହେବ ନାହିଁ। ଏହା କ୍ଷୁଦ୍ର ନିଲାମୀ ସଦୃଶ ହେବ।

ଉଲ୍ଲେଖଯୋଗ୍ୟ, ଏଚ୍‌ଆଇଏଲ୍‌ର ଗତ ସଂସ୍କରଣରେ ଟିମ୍ ଗୋନାସିକା ଭାଇଜାଗରୁ ପ୍ରତିନିଧିତ୍ୱ କରୁଥିଲା। କିନ୍ତୁ ଏହାର ମାଲିକ ଓଡ଼ିଶାର ଥିଲେ। କେଉଁଝରର ବିଶିଷ୍ଟ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ଦଳର ମାଲିକ ରହିଥିଲେ। ଗୋନାସିକା ଦଳ ଗତ ସଂସ୍କରଣରେ ୧୦ ମ୍ୟାଚ୍ ଖେଳି ମାତ୍ର ୩ଟି ଜିତିଥିବାବେଳେ ୫ଟି ହାରିଥିଲା। ଦଳ ୮ ଦଳୀୟ ଟେବଲ ତାଲିକାର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିଭଳି ଓଡ଼ିଶା ୱାରିୟର୍ସ ଦଳକୁ ନଭୋୟାମ ସ୍ପୋର୍ଟ୍ସ ଭେଞ୍ଚର୍ସ କିଣିଥିଲା। ସଞ୍ଜୀବ ଶ୍ରୀବାସ୍ତବ ଏହାର ନିର୍ଦ୍ଦେଶକ ରହିଥିଲେ। ମହିଳା ହକି ଲିଗ୍‌ର ପ୍ରଥମ ସଂସ୍କରଣରେ ନେହା ଗୋୟଲ ଓଡ଼ିଶା ୱାରିୟର୍ସ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଓଡ଼ିଶା ୱାରିୟର୍ସ ମଧ୍ୟ ଚାମ୍ପିଅନ ହୋଇଥିଲା।



ଗତ ସଂସ୍କରଣରେ ମହିଳା ହକି ଲିଗ୍ ଜିତିଥିବା ଓଡ଼ିଶା ୱାରିଅର୍ସ ଦଳ

## ସୁନା ଝିଅ ରଶ୍ମୀତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



କଟକ,୩୧।୮ (ସମିସ): ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ରନର୍ସଅପ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ କାନୋଇଂ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଚୌଦ୍ୱାର ବଡବଜାର ନବଗ୍ରହ ସାହିର ଝିଅ ରଶ୍ମୀତା ସାହୁ। ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନା ଝିଅ ରଶ୍ମୀତାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୮ ବର୍ଷ ପୂର୍ବେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କାନୋଇଂ ଆଥଲେଟଙ୍କୁ ଅଭ୍ୟାସ କରୁଥିବା ଦେଖିଥିଲେ। ସେବେଠାରୁ ଇଚ୍ଛା ହୋଇଥିଲା ଖେଳ ବିଷୟରେ ଜାଣିବା ଓ ଶିଖିବା ପାଇଁ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଅଭ୍ୟାସ ନେଇ ଏବେ ସେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପିତା ସୁରେନ୍ଦ୍ର ସାହୁ ସ୍ଥାନୀୟ ଅଞ୍ଚଳରେ ମାଛ ବେପାର କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ମା ସବିତାଙ୍କ ପରଲୋକ ଘଟି ସାରିଛି। ୨୪ବର୍ଷୀୟ ରଶ୍ମୀତା ଏବେ କିଟରେ ସ୍ନାତକ ପାଠ ପଢ଼ୁଛନ୍ତି। ଇତି ମଧ୍ୟରେ ସେ ୪୧ ପଦକ ଜିତି ସାରିଲେଣି। ଯେଉଁଥିରେ ୧୩ଟି ସ୍ୱର୍ଣ୍ଣ, ୧୪ଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ପଦକ ରହିଛି। ନିକଟଅତୀତରେ ଶ୍ରୀନଗରରେ ଆୟୋଜିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ସେ ଡବଲ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଆଜି ୪ ମିନିଟ ୧୫ ସେକେଣ୍ଡର ବାର୍ତ୍ତାଳାପରେ ରଶ୍ମୀତାଙ୍କ ଖେଳ ଜୀବନ ବିଷୟରେ ବୁଝିବା ସହ ଭାରତ ନିମନ୍ତେ ପଦକ ଜିତିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଥିଲେ।

## ୟୁଏସ୍ ଓପନରୁ ଜ୍ୱେରେଭ ବିଦା

ନ୍ୟୁୟର୍କ, ୩୧।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ରେ ରବିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡର ଏକ ମ୍ୟାଚରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ମ୍ୟାଚରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗର୍-ଆଲିଆସିମେ ୪-୬, ୭-୬, (୭), ୬-୪, ୬-୪ ସେଟ୍‌ରେ ଜ୍ୱେରେଭେଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ଇଣ୍ଟରନ୍ୟାସନାଲ୍ ଲିଗ୍ ଟି-୨୦ରେ ଖେଳିବେ ଅଶ୍ୱିନ



ଚେନ୍ନଇ, ୩୧।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ନିକଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିବେ ବୋଲି ସୂଚନା ଦେଇଥିଲେ। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟ ଅଶ୍ୱିନ ୟୁଏଇରେ ଖେଳାଯାଉଥିବା ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-୨୦ରେ ଖେଳିବାକୁ ମନ ବଳାଇଛନ୍ତି। ଏଥିଲାଗି ସେ ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ଅଶ୍ୱିନ କହିଛନ୍ତି, 'ହଁ ମୁଁ ଆଇଏଲ୍ ଟି-୨୦ ଆୟୋଜକଙ୍କ ସହ ଯୋଗାଯୋଗରେ ରହିଛି। ଆଶା ଅଛି ଯଦି ମୁଁ ନିଲାମୀକୁ ଯାଉଛି ତେବେ ମୋତେ କ୍ରେତା ନିଶ୍ଚିତ ମିଳିବେ।' ଉଲ୍ଲେଖଯୋଗ୍ୟ, ଆଇଏଲ୍ ଟି-୨୦ର ପରବର୍ତ୍ତୀ ସଂସ୍କରଣ ଡିସେମ୍ବର ୨ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ। ଯେଉଁମାନେ ଖେଳାଳି ନିଲାମୀରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପଡ଼ିବ।

ଓସିଏର ଏଜିଏମ୍‌ରେ ନିଷ୍ପତ୍ତି

# ଷ୍ଟାର ସ୍ପୋର୍ଟ୍ସରେ ଓପିଟିଏଲ୍‌ର ସିଧାପ୍ରସାରଣ

କଟକ,୩୧।୮ (ସମିସ)




ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-୨୦ ଲିଗ(ଓପିଟିଏଲ) ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ଆଜି ପୁରୀରେ ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା ଏବଂ ଓସିଏ କର୍ମକର୍ତ୍ତା ନିର୍ବାଚନ ବାବଦରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା।

ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ ଖେଳାଯିବ। ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ। ଆରିଭା ସ୍ପୋର୍ଟସ ଲିଗ୍‌ର ପ୍ରାୟୋଜକ ରହିଛି। ତେବେ ଖୁବଶୀଘ୍ର ଲିଗ୍ ନିମନ୍ତେ ଖେଳାଳି କ୍ରୟ କରାଯିବ। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍ ଉଦ୍‌ଘାଟିତ ହେବ ବୋଲି ନିଷ୍ପତ୍ତି ହୋଇଛି।

**ଅନ୍ତର୍ଜାତୀୟ ମ୍ୟାଚ୍ ପରେ ହେବ ଓସିଏ ନିର୍ବାଚନ**

ଅପରପକ୍ଷରେ ଆସନ୍ତା ଜାନୁଆରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ। ଡଃ ହରେକୃଷ୍ଣ ମହତାବ ଫିଡର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ଏଜିଏମ୍‌ରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାର ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ତେବେ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବରରେ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ସହଯୋଗରେ ମ୍ୟାଚ୍ ଆୟୋଜନ କରାଯିବ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

BNSS

REQUIREMENT OF VOCATIONAL TRAINERS IN ODISHA
Bhagini Nivedita Shiksha Samiti

Bhagini Nivedita Shiksha Samiti, Bhopal Partner of NSDC, invites application for the role of Vocational Trainer & Vocational Coordinator on Contractual basis under CSS-VHSE Program (NSQF) in Odisha. Candidates must be Odisha domicile.

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. With 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution with Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks with 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University with 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University with 1-3 year work/teaching experience |

Qualification for Vocational Coordinator:- PG (Master's Degree in Related Domain / Rural Development / Management / MSW / Sociology. With 3 Year Experience in Skill/Education Sector

Age Limit: 18 to 45 Years (Age relaxation to be provided as per Govt. rules)

Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction

How to apply :- Eligible candidates can submit applications by scanning QR code or given Google Form link https://forms.gle/PwMBNmRGRK6iffBk9 from 29-08-2025 till 04-09-2025 till 6 PM. Application accepted on link or QR Code only.
For Queries call between 11 AM to 05 PM - +917974047935, +919352849238

Scan QR for Apply

Short listed candidates will be intimated within short notice for Interview through email.For more information contact above given number.
This is not a Govt. Job Management reserve the rights to accept or reject any application.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS